conf. 188.C.420.
402C
3.4.43.

ପଣ୍ଡିତ

Vivāha Vijñāna by Mohanacarana Dasa. (1943)

(ପ୍ରଥମ ଭାଗ ସୌନ ତତ୍ତ୍ୱ)

ଅଭିନବ ସଂସ୍କରଣ

5060
8.3.45.

ଅପ୍ରାପ୍ତ ବୟସ୍କ ବାଳକ ବାଳିକା ଓ
ଅବଭାବକ ପ୍ରଭୃତିଙ୍କ
ପକ୍ଷେ ପଢ଼ିବା ନିଷେଧ

Download Odia Book https://Pathagara.blogspot.com

ଶ୍ରୀମୋହନ ଚରଣ ଦାସଙ୍କ
ଦ୍ୱାରିକ ପ୍ରକାଶିତ
୨୮ ମଦନ ଶଶିକୃଷ୍ଣ ଦେ ଷ୍ଟ୍ରିଟ୍
କଲିକତା
ସର୍ବସ୍ୱତ୍ୱ ସୁରକ୍ଷିତ

ପ୍ରଥମ ସଂସ୍କରଣ ୨୦୦୦
ମୂଲ୍ୟ ୫୧୪

ମୁଦ୍ରାକର—ଶ୍ରୀନୀଲାମ୍ବର ମିଶ୍ର
ଦାସ ପ୍ରିଣ୍ଟିଂ ୱାର୍କସ୍
୨୮ ୨୭, ଶଶିକୃଷ୍ଣ ଦେ ଷ୍ଟ୍ରୀଟ୍
କଲିକତା ୭୦୦୦୦୯

Download Odia Book https://Pathagara.blogspot.com

ଉତ୍ସର୍ଗପତ୍ର

ଯୌନତତ୍ତ୍ୱ ଅନଭିଜ୍ଞ

ଯୌବନ ପଥର ନୂତନ ଅଭିଯାତ୍ରୀ

ନବ ଦମ୍ପତ୍ତମାନଙ୍କ

କରକମଳରେ

ଭବିଷ୍ୟତ ଜୀବନର

ସୁଖଶାନ୍ତିର ପଥ-ପ୍ରଦର୍ଶକ ସ୍ୱରୂପ

ଏହି

ଗଣ୍ଠିଏ

ଅର୍ପଣ କଲି

ପ୍ରକାଶକ—

Download Odia Book https://Pathagara.blogspot.com

ପ୍ରୀତି ଉପହାର

ଦାମ୍ପତ୍ୟ-ଜୀବନ-ଯାତ୍ରାର ଅଭିନବ ପାଥେୟ

ପ୍ରତ୍ୟେକ ନବ-ନାଗ୍ୱଙ୍କର ଅଭିଲଷିତ ଓ ଅତ୍ୟାବଶ୍ୟକ

ଶ୍ରୀ _____ କୁ

_____

_____

ଅର୍ପଣକଳ୍

_____ }
_____ } ଶ୍ରୀ _____

Download Odia Book https://Pathagara.blogspot.com

(ପ୍ରଫୁଲ୍ଲ ଯୌବନ) ପ୍ରଫୁଲ୍ଲ କୋଳରେ ବଢ଼ିଁଚା ନାସ୍ତ
ସ୍ୱାସ୍ଥ୍ୟବତୀ ସୁବଙ୍ଗଦ୍ଦଂ ସାକ୍ଷାତ୍ ରତ ଦେବୀ ।

Download Odia Book https://Pathagara.blogspot.com

ଏହି ପୁସ୍ତକ ଗ୍ରବର୍ଣ୍ଣମେଣ୍ଟଙ୍କ ଠାରୁ

ରେଜିଷ୍ଟରୀ କୃତ

ଟ୍ରେଡ୍ ମାର୍କ

ପ୍ରକାଶକ ଓ ସ୍ୱତ୍ୱାଧିକାରୀ

ଶ୍ରୀମୋହନ ଚରଣ ଦାସ

ମୁଦ୍ରାଙ୍କନ—

ମନମୋହନ ପ୍ରେସ ଓ ପୁସ୍ତକାଳୟ

କଟକ

Download Odia Book https://Pathagara.blogspot.com

ପ୍ରଣେତାଙ୍କ ନିବେଦନ

ସ୍ତ୍ରୀ ପୁରୁଷର ସମ୍ପର୍କ ଫସାରର ଶିରନ୍ତନ ସତ୍ୟ । ଏହି ସମ୍ପର୍କର ମଧୁରତାରେହିଁ ଫସାର ସ୍ୱର୍ଗ ଏବଂ ଏହାର ତିକ୍ତତାରେ ଫସାର ନର୍କ । ଫସାରର ଉତ୍ଥାନ ପତନ, ମାନବର ଭାଗ୍ୟ ବିପର୍ଯ୍ୟୟ, ଜଗତର ଇତିହାସ, ଏ ସବୁ ମୂଳରେ ଏହି ସ୍ତ୍ରୀ ପୁରୁଷର ସମ୍ପର୍କ ଜଡିତ ରହିଅଛି ।

ପ୍ରଥମରେ ମନୁଷ୍ୟ ସୃଷ୍ଟିର ବିକାଶ କିପରି ଥିଲା, ତାହା ଜାଣିବାର ଉପାୟ ନ ଥିଲେହେଁ ସବୁ ଧର୍ମର ମୂଳ ଇତିହାସରେ ଏହାହିଁ ଅଛି । ବାସ୍ତବିକ ସମ୍ପର୍କଟା ଗୂଢ଼ ବୋଲି ଗୁପ୍ତ ମନେ ହୁଏ କିନ୍ତୁ ପ୍ରକୃତରେ ଏହାହିଁ ଜୀବନର ସୁଖ ପଥରେ ସର୍ବାପେକ୍ଷା ଗୁରୁତର ପ୍ରସଙ୍ଗ । ଏତକ ଜାଣିଥିଲେ ବୋଲି ଅର୍ଯ୍ୟ ମନୀଷୀମାନେ ଏ ସମ୍ପର୍କରେ ନାନାଦ ବଡ଼ ବଡ଼ ଗ୍ରନ୍ଥ ଲେଖି ଯାଇଥିଲେ ।

ଆମ ଦେଶର ବାସ୍ତ୍ୟାୟନଙ୍କ କାମସୂତ୍ର ଏ ବିଷୟରେ ଗୋଟିଏ ଅମୂଲ୍ୟ ଗ୍ରନ୍ଥ, ମାତ୍ର ଆଜି କାଲିକାର ଭଦ୍ରା କଥିତ ସଭ୍ୟତା ଯୋଗୁ ଆମ୍ଭେମାନେ ସେ ବିଷୟ ପ୍ରତି ଜଣେ ଦୃଷ୍ଟି ଦେଇ ନ ଥାଉ, କିନ୍ତୁ ଆଜିକାଲି ଅନ୍ୟାନ୍ୟ ଦେଶରେ ଏହି ସ୍ତ୍ରୀ ପୁରୁଷ ସମ୍ପର୍କୀୟ ଶାସ୍ତ୍ରର ଆଲୋଚନା ବିସ୍ତର ଭାବେ ହେଇ-ଅଛି ଏବଂ ଏ ସମ୍ବନ୍ଧରେ ନାନାଦ ଗ୍ରନ୍ଥମାନ ପ୍ରକାଶିତ ହେଇଅଛି ।

ସମାଜର ପ୍ରଗତି ସଙ୍ଗେ ସଙ୍ଗେ ଏହି ସ୍ତ୍ରୀ ପୁରୁଷ ସମ୍ପର୍କକୁ ଧର୍ମର ଅଙ୍ଗୀଭୂତ କରି ନାନାଦ ନିୟମ ଓ ଆଚାରକୁ ଅନୁଷ୍ଠିତ କରି ଯାଇଅଛି । ଏହାକୁ ହିଁ କହନ୍ତି ବିବାହ ।

Download Odia Book https://Pathagara.blogspot.com

ବିବାହ ଅର୍ଥାତ୍ ଦାମ୍ପତ୍ୟ ଜୀବନର ନିର୍ଦ୍ଦୋଷ ନିର୍ମଳ ଯୌନ ସମ୍ପର୍କର ଚେଷ୍ଟା, ଲୋକେ ପ୍ରକାଶ କରିବାକୁ କୁଣ୍ଠା ବୋଧ କରନ୍ତି ସତ୍ୟ, ମାତ୍ର ଏହି ଯୌନ ସମ୍ପର୍କକୁ ନିୟନ୍ତ୍ରଣ କରିବା ପ୍ରଣାଳୀ ଜଣା ନ ଥିଲେ ନର ନାରୀଙ୍କ ସ୍ୱାସ୍ଥ୍ୟର ପୂର୍ଣ୍ଣାଙ୍ଗ ସାଧିତ ହୁଏ ନାହିଁ ବା ଭବିଷ୍ୟତ ବଂଶଧରମାନେ ସୁସ୍ଥ ସବଳ ହୁଅନ୍ତି ନାହିଁ । ଏ ସବୁ ଜାଣିବା ଓ ଜଣାଇବାର କଥା । ଅନ୍ୟ ଭାଷାରେ ଥିଲେ ମଧ୍ୟ ମୁଁ ଆମ ଓଡିଆ ଭାଷାରେ ଏପରି ଖଣ୍ଡିଏ ଗ୍ରନ୍ଥର ଅଭାବ ଅନୁଭବ କରି ସଂକଳନ କରିବାକୁ ବହୁଦିନରୁ ଚେଷ୍ଟା କରୁଥିଲି ।

ପାଶ୍ଚାତ୍ୟ ଗ୍ରନ୍ଥର ଅନୁବାଦ କରିବା ମୋ ପକ୍ଷରେ ସହଜ ସାଧ୍ୟ ହୋଇ ଥାନ୍ତା, ମାତ୍ର ଆମ ଦେଶରେ ପାଶ୍ଚାତ୍ୟ ସଙ୍ଗେ ସାମଞ୍ଜସ୍ୟ ରଖି ଏପରି ଗ୍ରନ୍ଥ ପ୍ରକାଶ କରିବାକୁ ହେଲେ ଆମର ପ୍ରାଚୀନ ପୋଥିରୁ ସଂଗ୍ରହ କରିବା ଆବଶ୍ୟକ । ସେଥି ପାଇଁ ପ୍ରାଚୀନ ଓ ଅଧୁନିକ ବିଜ୍ଞାନ ସମ୍ମତ ଗ୍ରନ୍ଥରୁ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରିବାକୁ ମୁଁ ଉଦ୍ୟମ କରିଥିଲି । ମୋର କନ୍ୟୁ ୪ ଶ୍ରୀ ଜଦୟୁନାଥ ପାଣି ମୋତେ ଏ ଦିଗରେ ବିଶେଷ ଉତ୍ସାହ ଓ ସାହାଯ୍ୟ ଦେଇଥିଲେ । ସେ କାରଣରୁ ତାଙ୍କର ସ୍ୱର୍ଗୀୟ ଆତ୍ମାର ସଦ୍‌ଗତି କାମନା କରେ । ଇଂରାଜୀ, ହିନ୍ଦି, ଉର୍ଦ୍ଦୁ, ବଙ୍ଗଳା ଏବଂ ପ୍ରାଚୀନ ଓଡିଆ ପୋଥିରୁ ମୁଁ ଯାହା ଆହରଣ କରିଛି ତହିଁରୁହିଁ ଏ ପୁସ୍ତକ ସଂକଳିତ; ମାତ୍ର ତାହା ଅଜାନୁ ରୂପ ପୂର୍ଣ୍ଣାଙ୍ଗ ହୋଇ ପାରି ନାହିଁ; ତଥାପି ଯୌବନ ପଥାରୁଢ଼ ଯୁବକ ଯୁବତୀ ତଥା ଅନ୍ୟମାନେ ଏଥିରୁ କିଛି ହେଲେ ଜ୍ଞାନ ପାରିବେ ବୋଲି ମୋର ଆଶା । ସେତିକି ଯଦି ହୋଇପାରେ ତେବେ ମୋର ଶ୍ରମ ଓ ଅର୍ଥବ୍ୟୟ ସଫଳ ହେବ । ମୁଁ ଦୁଇଟି ଅଗ୍ରଗାମୀ ସୈନିକ ପରି ବାଟରୁ ଜଙ୍ଗାଝଣ୍ଟା ସଫା କରି ଯାଉଛି । ମୋ ପରେ ଦଶ ବିଂଶ ଅସି ଅଧିକ ଉପାଦେୟ ସଂକଳନ ପ୍ରକାଶ

Download Odia Book https://Pathagara.blogspot.com

କର ପାରନ୍ତୁ । ମୋର ଏହି କ୍ଷୁଦ୍ର ଚେଷ୍ଟାକୁ ବିବାହ ବିଜ୍ଞାନାଗାରର କୁଞ୍ଚି କାଠି ସଦୃଶ ଧରାଯାଇ ପାରେ ଏହାହିଁ ମୋର ଧାରଣା ।

ପରିଶେଷରେ ମୋର ବକ୍ତବ୍ୟ ଏହି ଯେ ବହୁ ଚେଷ୍ଟା ଓ ଅର୍ଥ ବ୍ୟୟ କରି ଲେଖକଙ୍କର ଶିକ୍ଷା ଦିଗରେ ସାହାଯ୍ୟ କରିବା ପାଇଁ ଯେ ଚେତେ ଖଣ୍ଡି ଛବି ଦିଆଯାଇ ଅଛି ତାହା କୁମାର୍ଗ ବୋଲି ଚେହ୍ନି ଗ୍ରହଣ କଲେ ଭୁଲ କରିବେ । ଏହାର ଉପା-ଦେୟତା ଏହି ପୁସ୍ତକରୁ ପାଇ ପାରିବେ ।

ପ୍ରକାଶ ଥାଉକି ମୋର ଶ୍ରଦ୍ଧେୟ ବନ୍ଧୁ ଲକ୍ଷ୍ମ ନଗେନ୍ଦ୍ରକୁମାର ରାୟ ଏହି ପୁସ୍ତକ ସମ୍ବନ୍ଧେ ମୋତେ ସାହାଯ୍ୟ କରିଥିବାରୁ ମୁଁ ମୋର ଅନ୍ତରର ସହୃଦ କୃତଜ୍ଞତା ଜଣାଇ ଅଛି ।

ପ୍ରକାଶକ—

ବିଶେଷ ଦ୍ରଷ୍ଟବ୍ୟ :—

ପାଠକ-ପାଠିକାମାନଙ୍କର ଏହି **ବିବାହ-ବିଜ୍ଞାନ** ବିଶେଷ ଆଦରଣୀୟ ଦେଖି, ଏହା ପରେ ଯେଉଁସବୁ ବିଷୟ ଜାଣିଲେ ଲୋକ ସମାଜର ସର୍ବାଧ୍ୟ ମଙ୍ଗଳ ହେବ ସେ ସବୁ ବିଷୟମାନ **ବିବାହ-ବିଜ୍ଞାନ ୨ୟ ଖଣ୍ଡ ବା କାମ-ବିଜ୍ଞାନ** ନାମରେ ପ୍ରକାଶ କରିବାକୁ ପ୍ରୟାସୀ ହୋଇଅଛି । ଅଶାକରେ ପାଠକ-ପାଠିକାମାନେ ଏ ଦିଗରେ ସାହାଯ୍ୟ କରି ଶ୍ରମ ସାର୍ଥକ କରିବେ ।

Download Odia Book https://Pathagara.blogspot.com

(ପ୍ରେମର ଚୁମ୍ବନ)

Download Odia Book https://Pathagara.blogspot.com

ସୂଚୀ

ପ୍ରଥମ ପରିଚ୍ଛେଦ

ବିଷୟ	ପୃଷ୍ଠା
ସଂଯମ	୧
ବ୍ରହ୍ମଚର୍ଯ୍ୟ	୩
ସଙ୍ଗୀତ	୬
ଯୌବନ	୯
ଯୌବନ ଲକ୍ଷଣ	୧୦
ଶିକ୍ଷା ଓ ସଂସର୍ଗ	୧୬
ଯୌବନ ରକ୍ଷା	୨୦
ଯୌବନ ରକ୍ଷା ନିମନ୍ତେ ଶିକ୍ଷାର ଆବଶ୍ୟକତା	୨୬
ଅତ୍ୟନ୍ତ ଇନ୍ଦ୍ରିୟ ପରିଚାଳନାର କୁଫଳ	୩୧
ହସ୍ତ ମୈଥୁନର କୁଫଳ	୩୪
ହସ୍ତ ମୈଥୁନ ଓ ପୁଂମୈଥୁନ	୩୯
ପ୍ରେମ ଓ ଯୌବନ	୪୦
ଇନ୍ଦ୍ରିୟ ପରିଚାଳନା	୪୪

ଦ୍ୱିତୀୟ ପରିଚ୍ଛେଦ

ସ୍ତ୍ରୀଙ୍କର ଇଚ୍ଛୁ ବିଷୟ	୫୯

ତୃତୀୟ ପରିଚ୍ଛେଦ

ଶୁକ୍ର	୬୮
ଶୁକ୍ରର ସ୍ଥାନ	୬୦
ଗର୍ଭୋତ୍ପାଦନକାରୀ ଶୁକ୍ରର ଲକ୍ଷଣ	୬୦

Download Odia Book https://Pathagara.blogspot.com

ବିଷୟ	ପୃଷ୍ଠା
ଶୁକ୍ର ବାହାଇବା ପଥ	୬୦
ଶୁକ୍ର ଗ୍ରହଣର କାରଣ	୬୧
ଶୁକ୍ରଙ୍କାଟ	୬୨
ସଭେଜ ଓ ଅସ୍ତ୍ରେଜ ଶୁକ୍ରଙ୍କାଟ	୬୩

ଚତୁର୍ଥ ପରିଚ୍ଛେଦ

ସହବାସ ବିଧି	୬୫
ଔଷଧର ପ୍ରୟୋଗ ବିଧି	୭୫
ଦିବା ମୈଥୁନ ନିଷେଧ	୮୦
ଋତୁ ସ୍ତ୍ରୀ ସହିତ ସହବାସ ନିଷେଧ	୮୦
କେଉଁ ସମୟରେ ସ୍ତ୍ରୀ ସହବାସ ନିଷେଧ	୮୧
ସନ୍ତାନ ଜରିପ୍ଲଙ୍ଗ ହେବାର କାରଣ	୮୩
ସହବାସ ବନ୍ଧ ବା ରତିକ୍ରୀଡ଼ା ପ୍ରଣାଳୀ	୮୪
ଦେଶଭେଦରେ କାମଜ୍ୱାର ଅବସ୍ଥିତି	୮୭
ଦେଶଭେଦରେ ସ୍ତ୍ରୀମାନଙ୍କ ସୌନ୍ଦର୍ଯ୍ୟତା	୮୯
ଋତୁର କେଉଁ କେଉଁ ଦିନମାନଙ୍କରେ ସହବାସ ବିଧେୟ	୮୯
ଋପର ଗର୍ଭ ହୁଏ	୯୧
ବିଶୁଦ୍ଧ ଆଖିବର ଲକ୍ଷଣ	୯୨
ମୈଥୁନ ଆଦୌ ନ କରିବା ଦୋଷ	୯୨
ରମଣୀର ଗର୍ଭ ଅବସ୍ଥା ନିର୍ଣ୍ଣୟ	୯୨
ଋତୁଭେଦରେ ସ୍ତ୍ରୀ ସହବାସ	୯୩
ଅଭିଳଷିତ ସ୍ତ୍ରୀ ସହବାସ ନିଷେଧ	୯୫
ମୈଥୁନପରେ ଦୁଇଜଣର ଦ୍ରବ୍ୟ	୯୫
ଯମଜ ସନ୍ତାନ ହେବାର କାରଣ	୯୭

Download Odia Book https://Pathagara.blogspot.com

ପଞ୍ଚମ ପରିଚ୍ଛେଦ

ବିଷୟ	ପୃଷ୍ଠା
ଚୁମ୍ବନ ଚୁମ୍ବକ	୧୦୦
ଚୁମ୍ବନର ଅପକାରିତା	୧୦୫

ଷଷ୍ଠ ପରିଚ୍ଛେଦ

ଗର୍ଭସମ୍ଭୀୟ	୧୦୬
ପୁରୁଷାଙ୍ଗ ବା ଜନନେନ୍ଦ୍ରିୟ	୧୦୭
ପ୍ରଥମ ପ୍ରକାର ଗର୍ଭ	୧୦୮
ଦ୍ୱିତୀୟ ପ୍ରକାର ଗର୍ଭ	୧୦୯
ସ୍ତ୍ରୀଲିଙ୍ଗରେ ଗର୍ଭାଶୟ ଶବ୍ଦ	୧୧୦
ଦୁଇଟିରମଣୀ ପରସ୍ପର ଶରୀର ବା ସହବାସ ଦ୍ୱାରା ଗର୍ଭ	୧୧୧
ପୁରୁଷରେ ଗର୍ଭ ସଞ୍ଚାର	୧୧୨
ଜରାୟୁ	୧୧୩
ଗର୍ଭାବସ୍ଥାରେ ଜରାୟୁ	୧୧୫
ସଦ୍ୟୋମୃତ୍ୟୁଭ-ଗର୍ଭା ନାଗ୍ନର ଲକ୍ଷଣ	୧୧୬
ପୁତ୍ର ଗର୍ଭବତ୍ତୀ ନାଗ୍ନର ଲକ୍ଷଣ	୧୧୮
କନ୍ୟା ଗର୍ଭବତ୍ତୀ ନାଗ୍ନର ଲକ୍ଷଣ	୧୧୯
ବିପଜ୍ଜନକ ବିଚାର	୧୧୯
ଗର୍ଭବତ୍ତୀର ସାଧ ପୂରଣ ନ ହେଲେ	୧୨୨
ଗର୍ଭବତ୍ତୀର ଜ୍ଞାତବ୍ୟ ବିଷୟ	୧୨୪
ଗର୍ଭସ୍ଥ ସନ୍ତାନ ସମ୍ବନ୍ଧରେ	୧୩୦
ଭ୍ରୂଣ	୧୩୨
ସନ୍ତାନର ପିତୃଜାତ ଓ ମାତୃଜାତ ଅଙ୍ଗ ପ୍ରତ୍ୟଙ୍ଗ	୧୩୬
ଗର୍ଭସ୍ଥ ସନ୍ତାନ ମଳମୂତ୍ର ତ୍ୟାଗ ନ କରିବା କାରଣ	୧୩୯
ଗର୍ଭସ୍ରାବ ବା ଗର୍ଭପାତ	୧୩୯
ଗର୍ଭସ୍ରାବର ଅନୁସଙ୍ଗିକ ଶବ୍ଦସ୍ଥା	୧୪୩

Download Odia Book https://Pathagara.blogspot.com

ବିଷୟ	ପୃଷ୍ଠା
ଗର୍ଭାବସ୍ଥାରେ ରକ୍ତସ୍ରାବ	୧୪୫
ଗର୍ଭାବସ୍ଥାରେ ବାନ୍ତି	୧୪୫
ଗର୍ଭପାତ	୧୪୪
ପିତ୍ତାରଦୋଷ	୧୪୫
ଜଣ୍ଟିଚ ଗର୍ଭପାତ	୧୪୫
ଅଣଙ୍ଗିଚ ଗର୍ଭପାତ	୧୪୫
ଅଂଶିଚ ଗର୍ଭପାତ	୧୪୬
ପୂର୍ଣ୍ଣ ଗର୍ଭପାତ	୧୪୬
ନଷ୍ଟ ଗର୍ଭପାତ	୧୪୬
ଗର୍ଭପିଣ୍ଡ	୧୪୬
ଜଳପିଣ୍ଡ	୧୪୬
ମାଂସପିଣ୍ଡ	୧୪୭
ସ୍ଥାନାନ୍ତରିତ ଫୁଲ୍	୧୪୮
ଫୁଲ୍ ଖସିବା	୧୪୯
ଜରାୟୁ ଓ ଯୋନିରୋଗ	୧୪୯
ଅସ୍ଥାନେ ଗର୍ଭ	୧୪୯

ସପ୍ତମ ପରିଚ୍ଛେଦ

ସ୍ତନ ପ୍ରକରଣ	୧୫୧
ଗର୍ଭବତୀର ସ୍ତନ ସ୍ଥୂଳ ହେବାର କାରଣ	୧୫୧
ସ୍ତନ୍ୟବୃଦ୍ଧିର ସମୟ	୧୫୨
ସ୍ତନ୍ୟବୃଦ୍ଧିର କାରଣ	୧୫୨
ସ୍ତନ୍ୟ ଅଳ୍ପ ହେବାର କାରଣ	୧୫୩
ସ୍ତନ୍ୟ ବିଶୁଦ୍ଧ ଓ ବୃଦ୍ଧି କରିବାର ଉପାୟ	୧୫୩
ବିଶୁଦ୍ଧ ସ୍ତନ୍ୟ	୧୫୪

Download Odia Book https://Pathagara.blogspot.com

ବିଷୟ	ପୃଷ୍ଠା
ସ୍ତନ୍ୟପାନ ନିୟମ	୧୫୪
ଉପଯୁକ୍ତ ଧାତ୍ରୀର ଲକ୍ଷଣ	୧୫୫
ଅଷ୍ଟମ ପରିଚ୍ଛେଦ	
ଇଚ୍ଛାନୁସାରେ ପୁତ୍ର କନ୍ୟା ଉତ୍ପାଦନ	୧୫୬
ସନ୍ତାନର ଉତ୍ପତ୍ତି ଓ ନିବୃତ୍ତି	୧୫୯
ନବମ ପରିଚ୍ଛେଦ	
ମୃତବତ୍ସା	୧୬୧
ମାସଭେଦରେ ଗର୍ଭିଣୀର ରକ୍ତସ୍ରାବ ନିବାରଣ ଔଷଧ	୧୬୨
ମାସଭେଦରେ ଗର୍ଭବେଦନା ନିବାରଣ ଔଷଧ	୧୬୩
ପ୍ରକୃତ ପ୍ରସବ ବେଦନା ଲକ୍ଷଣ	୧୬୬
ଅପ୍ରକୃତ ପ୍ରସବ ବେଦନା ଲକ୍ଷଣ	୧୬୭
ଦଶମ ପରିଚ୍ଛେଦ	
ବନ୍ଧ୍ୟତା	୧୬୮
ସ୍ତ୍ରୀ ବନ୍ଧ୍ୟତାର କାରଣ	୧୬୮
କନ୍ୟାବନ୍ଧ୍ୟା	୧୭୦
ପୁରୁଷ ବନ୍ଧ୍ୟତାର କାରଣ	୧୭୦
ବନ୍ଧ୍ୟତାର ଔଷଧ ଓ ଗର୍ଭ	୧୭୩
ଚିରବନ୍ଧ୍ୟାର ଗର୍ଭ	୧୭୫
କାଳବନ୍ଧ୍ୟା ନିବାରଣର ଉପାୟ	୧୭୫
ଏକାଦଶ ପରିଚ୍ଛେଦ	
ଇଚ୍ଛାନୁସାରେ ଗର୍ଭ	୧୭୭
ସହବାସ ସମୟରେ ଅନ୍ୟମନସ୍କ ହେବା ବିଧି	୧୮୦
ଅପସାରଣ ବିଧି (Withdrawal System)	୧୮୦
ଗର୍ଭନିୟନ୍ତ୍ରିତ ହେବାର ସହଜ ସାଧ୍ୟ ଉପାୟ	୧୮୨

Download Odia Book https://Pathagara.blogspot.com

ବିଷୟ	ପୃଷ୍ଠା
ଭ୍ରୂଣହତ୍ୟା ମହାପାପ	୧୮୨
ଗର୍ଭ ନଷ୍ଟକରିବାର ଔଷଧ	୧୮୫
ଦ୍ୱାଦଶ ପରିଚ୍ଛେଦ	
ପୁତ୍ରୋତ୍ପାଦକ ଔଷଧ	୧୮୭
ତ୍ରୟୋଦଶପରିଚ୍ଛେଦ	
ପ୍ରସବ ପ୍ରକରଣ	୧୯୨
ଓଉଅ ଗଣନାନୁସାରେ ପ୍ରସବଦିନ ନିରୂପଣ	୧୯୩
ଇଂରାଜୀ ହିସାବ ମତେ ପ୍ରସବଦିନ ନିରୂପଣ	୧୯୫
ସୂତିକାଗୃହ	୧୯୫
ଅହନ୍ତ ପ୍ରସବା ସ୍ତ୍ରୀର ଲକ୍ଷଣ	୧୯୫
ଉପସୂକ୍ତା ଧାତ୍ରୀର ଲକ୍ଷଣ	୧୯୬
ଶିଶୁର ପରିଚର୍ଯ୍ୟା ଓ ଦୁଗ୍ଧର ବାର୍ଯ୍ୟ	୧୯୭
ଚତୁର୍ଦ୍ଦଶ ପରିଚ୍ଛେଦ	
ସ୍ତ୍ରୀ ପୁରୁଷର ଶୟନବିଧି	୧୯୮
ସହବାସ ପୂର୍ବରୁ ଶୟନବିଧି	୧୯୯
ପଞ୍ଚଦଶ ପରିଚ୍ଛେଦ	
ନାସ୍ତି ପୁରୁଷର ଜାତି ବିଭାଗ	୨୦୧
ଶଶଜାତି ପୁରୁଷ ଲକ୍ଷଣ	୨୦୧
ମୃଗଜାତି ପୁରୁଷ ଲକ୍ଷଣ	୨୦୨
ବୃଷଜାତି ପୁରୁଷ ଲକ୍ଷଣ	୨୦୨
ଅଶ୍ୱଜାତି ପୁରୁଷ ଲକ୍ଷଣ	୨୦୩
ଗୃହଜାତି ରମଣୀ ଲକ୍ଷଣ	୨୦୪
ପଦ୍ମିନୀ ଲକ୍ଷଣ	୨୦୪
ଶଙ୍ଖିନୀ ଲକ୍ଷଣ	୨୦୫

Download Odia Book https://Pathagara.blogspot.com

ବିଷୟ	ପୃଷ୍ଠା
ଶଙ୍ଖିନୀ ଲକ୍ଷଣ	୨୦୬
ହସ୍ତିନୀ ଲକ୍ଷଣ	୨୦୭
ସ୍ତ୍ରୀରାଜ ପୁରୁଷର ଉପଯୁକ୍ତ ନାରୀ ନିର୍ଣ୍ଣୟ	୨୦୮
ପଦ୍ମିନୀ ନାରୀର ଶଯ୍ୟା ବର୍ଣ୍ଣନ ଓ ଶୁକ୍ରରଞ୍ଜନ	୨୦୯
ଚନ୍ଦିଣୀର ଶଯ୍ୟା ବର୍ଣ୍ଣନ ଓ ଶୁକ୍ରରଞ୍ଜନ	୨୦୯
ଶଙ୍ଖିନୀର ଶଯ୍ୟା ନିର୍ଣ୍ଣୟ ଓ ଶୁକ୍ରରଞ୍ଜନ	୨୦୯
ହସ୍ତିନୀର ଶଯ୍ୟା ନିର୍ଣ୍ଣୟ ଓ ଶୁକ୍ରରଞ୍ଜନ	୨୧୦
ମାସଭେଦେ ପ୍ରଥମ ଋତୁମତ୍ତାର ଫଳାଫଳ	୨୧୦
ଋତୁଭେଦେ ପ୍ରଥମ ଋତୁମତ୍ତାର ଫଳାଫଳ	୨୧୧
ବାରଭେଦରେ ପ୍ରଥମ ଋତୁମତ୍ତାର ଫଳାଫଳ	୨୧୨
ନକ୍ଷତ୍ର ଭେଦରେ ଆଦ୍ୟ ଋତୁମତ୍ତାର ଶୁଭାଶୁଭ	୨୧୨
ଦବାଗ୍ନି ଓ ଉଲସ୍ୱ ସନ୍ଧ୍ୟାରେ ପ୍ରଥମ ଋତୁମତ୍ତାର ଫଳାଫଳ	୨୧୪
ନକ୍ଷତ୍ର ଭେଦେ ନାସ୍ତ୍ରଗମନର ଫଳ	୨୧୪

ଷୋଡ଼ଶ ପରିଚ୍ଛେଦ

ସ୍ତ୍ରୀମାନଙ୍କର ଜ୍ଞାତବ୍ୟ ବିଷୟ	୨୧୫
ରଜୋଧିକ୍ୟ ଓ ରକ୍ତପ୍ରଦର	୨୧୭
କଷ୍ଟରଜଃ ବା ବାଧକ	୨୨୦
ଶ୍ୱେତ ପ୍ରଦର	୨୨୪
ଯୋନିଦ୍ୱାର କଣ୍ଡୁୟନ	୨୨୭
ରଜୋମ୍ଲାନତା ଓ ରଜୋଲ୍ପତା	୨୨୯
ପୂତିକା ଚିକିତ୍ସା	୨୩୩
ସଙ୍ଗାଚ୍ଛିଦ	୨୩୪
ପୁରୁଷର ଦ୍ରୁତଶ୍ୱସ୍ଖଳି ନିବାରଣର ଉପାୟ	୨୩୬
ସୌନ୍ଦର୍ଯ୍ୟ ବୃଦ୍ଧି କରିବାର ଉପାୟ	୨୩୭
ସୌନ୍ଦର୍ଯ୍ୟ ବର୍ଦ୍ଧକ ଔଷଧ	୨୪୨

Download Odia Book https://Pathagara.blogspot.com

ସପ୍ତଦଶ ପରିଚ୍ଛେଦ

ବିଷୟ	ପୃଷ୍ଠା
ଶିଶୁପାଳନ	୨୪୭
ଜଉଅଣୀ ଶିଶୁର ରୋଗ ଓ ଶକସ୍ତା	୨୪୮
ଜଉଅଣୀ ଶିଶୁ ଦୁଧଝାଣି ନ ପାରିଲେ	୨୪୮
ଶିଶୁ ବେଶିଗୁଡ଼ାଏ ବାନ୍ଧିଲେ	୨୪୯
ଶିଶୁର ଝାଡ଼ା ପରିଷ୍କାର ନ ହେଲେ	୨୪୯
ଶିଶୁର ପାଟିରେ ଘା ହେଲେ	୨୫୦
ନାଭିଚକା, ନାଭି ମୂଳରୁ ରକ୍ତ ବୋହିଲେ ଓ ନାଭି ପାଚିଲେ	୨୫୧
ଜଉଅଣୀ ପିଲାର ପରିସ୍ରା ନ ହେଲେ	୨୫୪
ପେଟଫାମିଲେ, ବାମୁଛିଲେ ବା ଅଜାଣ୍ଡ ଝାଡ଼ାବାନ୍ତି ହେଲେ	୨୫୫
ଜଉଅଣୀ ଶିଶୁର ଆଖି ଧରିଲେ	୨୫୬
ଜଉଅଣୀ ଶିଶୁକୁ ଜ୍ୱର ହେଲେ	୨୫୮
ଜଉଅଣୀ ଶିଶୁକୁ ଧନୁଷ୍ଟଙ୍କାର ବାତ ହେଲେ	୨୫୮
ଶିଶୁପାଳନ ସମ୍ବନ୍ଧେ କେତେକ ଜ୍ଞାତବ୍ୟ ବିଷୟ	୨୬୦

ଅଷ୍ଟାଦଶ ପରିଚ୍ଛେଦ

ଉପଭେଦରେ ଗୃହଜାତ ରମଣୀର ସହବାସ ଦ୍ୱାରା ପରିତୃପ୍ତି	୨୬୬
ଚନ୍ଦ୍ରଗ୍ରହଣ (ଉପଭେଦରେ କାମକଳାର ଅବସ୍ଥିତି)	
କାମଶାସ୍ତ୍ର ନୀତିଶାସ୍ତ୍ରର ବିରୋଧୀ ନୁହେଁ	୨୬୯
ବିବାହିତ ପକ୍ଷରେ ଦାମ୍ପତ୍ୟ ପ୍ରଣାଳୀର ଜ୍ଞାନ ଅଶ୍ଳୀଳ ନୁହେଁ	୨୭୧
ସମାନ ଇଚ୍ଛା ଦ୍ୱାରା ପ୍ରେମ ସୁଦୃଢ଼ ହୁଏ	୨୭୧
ସର୍ବପ୍ରକାର ଉପଗୃହର ସମସ୍ତଙ୍କ ପ୍ରତି ପ୍ରଯୋଜ୍ୟ ନୁହେଁ	୨୭୨
ପ୍ରଥମ ସମ୍ଭୋଗ	୨୭୩
ଗର୍ଭାବସ୍ଥାରେ ରମଣୀର ମନସ୍ତତ୍ତ୍ୱ	୨୭୪

ସୂଚୀ ସମାପ୍ତ

Download Odia Book https://Pathagara.blogspot.com

(ପ୍ରକୃତ ଯୌବନ)

ମାନବର ସୌନ୍ଦର୍ଯ୍ୟ ସୁଠାମ ଅଙ୍ଗ ଗଠନରେ ।

Download Odia Book https://Pathagara.blogspot.com

ପ୍ରଥମ ପରିଚ୍ଛେଦ

ସଂଯମ (Self-control)

କାମ, କ୍ରୋଧ, ଲୋଭ, ମଦ ଓ ମାତ୍ସର୍ଯ୍ୟ ପ୍ରଭୃତି ରିପୁମାନଙ୍କର ଚଞ୍ଚଳତାକୁ ଦମନ କରି ସୁନ୍ଦରସ୍ପିତ ଓ ସୁନ୍ଦରପୂର୍ଣ୍ଣ ଜୀବନ ଯାପନ କରିବାକୁ ସଂଯମ କୁହାଯାଏ ।

ଯେ କୌଣସି ଅବସ୍ଥାରେ, ଯେ କୌଣସି ପରିସ୍ଥିତିରେ ହେଉ ନା କାହିଁକି, ନିଜର ମନ ଉପରେ, ନିଜର ପ୍ରବୃତ୍ତି ଉପରେ ସର୍ବଦା ପୂର୍ଣ୍ଣ ଆୟତ୍ତ ରହିବା ଉଚିତ । ଅସଂଯତ ଜୀବନ ଉନ୍ମତ୍ତ ଧ୍ୱଂସପ୍ରାପ୍ତି ଅପେକ୍ଷା ଅଧିକତର ଭୟଙ୍କର । ଏପରି ଜୀବନରେ ପ୍ରତି ପଦକ୍ଷେପରେ ଶତ ଶତ ସ୍ଖଳନ, ବିପଦ,

Download Odia Book https://Pathagara.blogspot.com

ଅବଶ୍ୟମ୍ଭାବୀ । ମନୁଷ୍ୟ ଯେତେବେଳେ ନଜର ଫସମ ହୁଏ, ସେତେବେଳେ ତା' ସଙ୍ଗେ ସଙ୍ଗେ ନଜର ମନୁଷ୍ୟତ୍ୱ ମଧ୍ୟ ହଜି ଯାଏ । ପଶ୍ଚାତ୍ତାପରେ ଫସମ ମନୁଷ୍ୟକୁ ପ୍ରତ ଷେତ୍ରରେ, ପ୍ରତ ମୁହୂର୍ତ୍ତରେ, ବିପଦର କବଳରୁ ରକ୍ଷା କରେ ଓ ପ୍ରାଣେ ପ୍ରାଣେ ଦେବତ୍ୱର ପଦ୍ମନ୍ଦ ଲହଡ଼ି ଖେଳେଇ ଦିଏ । ଅଫଯତ ଜୀବନ ଠିକ ଅନ୍ଧକାରମୟ । କଥାରେ ଅଛି, "ଅତ ସର୍ବନ୍ତ ବାଧତେ ।"

ବାସ୍ତବରେ ମନୁଷ୍ୟ ଯଦି ଇନ୍ଦ୍ରିୟ ଦ୍ୱାରା ପରଚାଳିତ ହୋଇ କୌଣସି କର୍ମରେ ଅତ୍ୟଧିକ ଲିପ୍ତ ହୁଏ, ତେବେ ତାର ଫଳ ଭୟାବହ ହୋଇ ଉଠେ । ବିଶେଷତଃ ମୈଥୁନ ବା ଯୌନ ସମ୍ପର୍କରେ ଅଫଯତ ହେଲେ ଜୀବନ ଚିରଦିନ ପାଇଁ ହଳାହଳମୟ ହୁଏ । ତରଳ ଯୌବନର ଉନ୍ମାଦନା ସ୍ରୋତରେ ଯେ ନଜର କ୍ଷୁଦ୍ର ପ୍ରାଣକୁ ଭସାଇ ଦେଇ ଅତ୍ୟଧିକ ଭାମ ପ୍ରବୃତ୍ତିର ବଶବର୍ତ୍ତୀ ହୁଏ, ସେ ହାତେ ହାତେ ନଜର ଆୟୁ, ସୁଖ, ଶାନ୍ତି ସମସ୍ତ ନଷ୍ଟ କରେ । ପରିଣାମରେ ଦୁର୍ବଳ, ବିରୁତ୍ତ ରୋଗର ଅଧିକାରୀ ଓ ଅଳ୍ପାୟୁ ହୋଇ ଜୀବନକୁ ବିଷ ତୁଲ୍ୟ ମନେ କରେ । ଏପରି କି ପୂର୍ଣ୍ଣଯୌବନର ଜୁଆର ବେଳେ ମଧ୍ୟ ସେ ଅକାଳ ବାର୍ଦ୍ଧକ୍ୟରେ ପୀଡିତ ହୁଏ । ତାର ସମସ୍ତ ମାନସିକ ଓଜ ଝରଝରି, ଶାରୀରିକ ତେଜ, ସ୍ୱାସ୍ଥ୍ୟ ଓ ଇନ୍ଦ୍ରିୟର ଶକ୍ତି ଅଲ୍ପଦିନ ମଧ୍ୟରେ ହଜି ବସେ ।

ଫସମର ଉପକାରିତା ଅଭାବନୀୟ, ଫଯତ ବ୍ୟକ୍ତି ପକ୍ଷରେ ଜଗତର ସବୁ ସୁଖମୟ । ଯେ ଯୁବକଯୁବତୀ ଦେଶର, ଜାତିର ଓ

Download Odia Book https://Pathagara.blogspot.com

ସମାଜର ଭଗ୍ୟ ଜାଣୁନ୍ତୁ, ସେମାନଙ୍କର ସଂଯମ ସର୍ବଦା ପାଳନୀୟ । ସେହି ସଂଯମ ବଳରେ ମନୁଷ୍ୟ ତାହାର ପ୍ରକୃତ ପନ୍ଥା ବାଛିନେଇ ସଠିକ୍‌ପଥରେ ଗତି କରେ । ମନୁଜହୁଇନ୍ତୁ "ସୁଖାର୍ଥୀ ସଂଯମୀ ଭବେତ୍" ଅର୍ଥାତ୍ ସୁଖ ଇଚ୍ଛା କଲେ ସଂଯମୀ ହେବା ଆବଶ୍ୟକ ।

ଏଥି ନିମିତ୍ତ ଭରୁଣଭରୁଣୀମାନଙ୍କୁ ବାଲ୍ୟକାଳରୁ ସଂଯମ ଓ ବ୍ରହ୍ମଚର୍ଯ୍ୟର ଉପକାରିତାର ଯଥେଷ୍ଟ ଶିକ୍ଷା ଦାନ କରିବା ଉଚିତ, କିନ୍ତୁ ଆମ ଦେଶରେ ଲଜ୍ଜାବଶତଃ ପିଲାମାନଙ୍କୁ ଏ ସବୁ ଶିକ୍ଷା ନ ଦଅ ପିତାରୁ ସେମାନଙ୍କର ଭବିଷ୍ୟତ ସଂଯମଜ୍ଞାନ ଓ ଉଦ୍ଦାମ ହେବାର ସାଧାରଣତଃ ଦେଖାଯାଏ ।

"Be temperate and enjoy the heaven."

———

ବ୍ରହ୍ମଚର୍ଯ୍ୟ

ବ୍ରହ୍ମଚର୍ଯ୍ୟର ଆକ୍ଷରିକ ଅର୍ଥ, ବ୍ରହ୍ମରେ ବିଚରଣ ବା ଭଗବାନଙ୍କଠାରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ, କିନ୍ତୁ ଏହାର ସାଧାରଣ ଅର୍ଥ ବୀର୍ଯ୍ୟ ଧାରଣ ବା ଶାସ୍ତ୍ରରୁ ଶୁଣିକୁ ଅବିଚଳିତ ଓ ଅବିକୃତ ଭାବରେ ଧରଣ ।

"ବୀର୍ଯ୍ୟ-ଧାରଣଂ ବ୍ରହ୍ମଚର୍ଯ୍ୟମ୍" (ପାତଞ୍ଜଳ ଦର୍ଶନ)

ଶୁଦ୍ଧ ମନୁଷ୍ୟର ସର୍ବଶ୍ରେଷ୍ଠ ଜୀବନଶକ୍ତି । ଆମ୍ଭମାନଙ୍କର ଖାଦ୍ୟ ପ୍ରଥମେ ରସରେ ପରିଣତ ହୁଏ । ତହିରେ ରସରୁ ରକ୍ତ, ରକ୍ତରୁ ମାଂସ, ମାଂସରୁ ମେଦ, ମେଦରୁ ଅସ୍ଥି, ଅସ୍ଥିରୁ ମଜ୍ଜା,

Download Odia Book https://Pathagara.blogspot.com

ଏବଂ ମଜ୍ଜାରୁ ଶୁକ୍ର ଉତ୍ପନ୍ନ ହୁଏ । ଏଥିରୁ ସହଜରେ ଅନୁମେୟ ଏକ ବିନ୍ଦୁ ଶୁକ୍ର ପାଇଁ ଶରୀରର କେତେ ଶକ୍ତି ବିନଷ୍ଟ ହୁଏ । ବୁଦ୍ଧି, ବିବେକ, ମେଧା, ଉତ୍ସାହ ଓ ପ୍ରତିଭା ଯାହା ଯେଉଁ ମନୁଷ୍ୟ, ପଶୁ ପକ୍ଷୀ ପ୍ରଭୃତି ଇତର ଜୀବମାନଙ୍କଠାରୁ ଉଚ୍ଚତର ଆସନର ଅଧିକାରୀ ବୋଲି ପରିଗଣିତ, ସେ ସମସ୍ତର ପରିବୃଦ୍ଧି ଓ ମାର୍ଜନା ନିମିତ୍ତ ବୀର୍ଯ୍ୟ ଧାରଣ ଏକାନ୍ତ ଆବଶ୍ୟକ । ଅନ୍ୟ ଦିଗରେ ମଧ୍ୟ ଦୈହିକ ଶକ୍ତି, ସାମର୍ଥ୍ୟ ଓ ସ୍ୱାସ୍ଥ୍ୟ ଜନ୍ୟତର ପ୍ରଧାନ ଉପାୟ ବିନ୍ଦୁ ଧାରଣ । ଆର୍ଯ୍ୟ ଋଷିମାନେ ପରୀକ୍ଷା ଦ୍ୱାରା ସ୍ଥିର କରି କହି ଅଛନ୍ତି:—

'ମରଣଂ ବିନ୍ଦୁ ପାତେନ, ଜୀବନଂ ବିନ୍ଦୁ ଧାରଣାତ୍,
ତସ୍ମାତ୍ ଯତ୍ନ ପ୍ରଯତ୍ନେନ, କୁରୁତେ ବିନ୍ଦୁ ଧାରଣମ୍ ।'

ବ୍ରହ୍ମଚର୍ଯ୍ୟ ଦୁଇପ୍ରକାରରେ ବିଭକ୍ତ :—

(୧) ତାପସ (୨) ଗାର୍ହସ୍ଥ୍ୟ

(୧) **ତାପସ ବ୍ରହ୍ମଚର୍ଯ୍ୟ**ରେ ସାରା ଜୀବନ ଧରି ଅଖଣ୍ଡ ରେତ ଧାରଣ କରିଯାଏ । ଋଷିମାନେ ଏହାପରି ବ୍ରହ୍ମଚର୍ଯ୍ୟ ପାଳନ କରି ଊର୍ଦ୍ଧ୍ୱରେତା ହୋଇ ଅସାଧାରଣ ପ୍ରତିଭା ଲାଭ କରି ପାରିଥିଲେ ଏବଂ ତପସ୍ୟା ଦ୍ୱାରା ଭଗବାନଙ୍କ ଦର୍ଶନ ପାଇ ପାରିଥିଲେ । ଏ ପ୍ରକାର ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ହେଲେ ଖୁବ୍ ସଂଯତ-ଜୀବନ ଯାପନ କରିବା ବିଧେୟ । କେବଳ ଫଳମୂଳାହାର, ସାଧୁସଙ୍ଗ, ଧର୍ମଚର୍ଚ୍ଚା ଓ ଭଗବତ୍ ଚିନ୍ତାରେ ନିମଗ୍ନ ହୋଇ କାଳାତିପାତ କରିବାକୁ ହୁଏ । ଏପରି

Download Odia Book https://Pathagara.blogspot.com

ବ୍ରହ୍ମଚାରୀମାନଙ୍କର ଶକ୍ତି ଅସୀମ । ବାସ୍ତବରେ ପୂର୍ଣ୍ଣବ୍ରହ୍ମଚାରୀ ଊର୍ଦ୍ଧ୍ୱରେତାମାନଙ୍କର ମୃତ୍ୟୁ ଇଚ୍ଛାଧୀନ ଏବଂ ଜଗତର ସମସ୍ତ କର୍ମ ତାଙ୍କ ଶକ୍ତିର ଅଧୀନ ।

(୨) **ଗାର୍ହସ୍ଥ୍ୟ ବ୍ରହ୍ମଚର୍ଯ୍ୟ** ବା ବୈବାହିକ ବ୍ରହ୍ମଚର୍ଯ୍ୟ—ପୂର୍ଣ୍ଣ ଯୌବନ ପର୍ଯ୍ୟନ୍ତ ଅଖଣ୍ଡ ବ୍ରହ୍ମଚର୍ଯ୍ୟ ପାଳନ କରି, ତାହାପରେ ଗାର୍ହସ୍ଥ୍ୟ କର୍ମ ବା ବୈବାହିକ ଜୀବନରେ ପ୍ରବେଶ କରିବାକୁ ହୁଏ । କେବଳ ନିଜ ସ୍ତ୍ରୀର ଋତୁସ୍ନାନ ପରେ ସନ୍ତାନ ଉତ୍ପାଦନ ଅଭିପ୍ରାୟରେ ଶୁଦ୍ଧ ମନରେ ସ୍ତ୍ରୀ ସହବାସ କରିବାକୁ ହୁଏ । ସର୍ବଦା ନିୟମିତ ଓ ସଂଯତ ହୋଇ ଚଳିବାକୁ ପଡ଼େ । ଏ ପ୍ରକାର ବ୍ରହ୍ମଚର୍ଯ୍ୟ ପ୍ରତ୍ୟେକ ବ୍ୟକ୍ତିର ପାଳନୀୟ । ସୁସ୍ଥ, ସବଳ, ମେଧାବୀ ସନ୍ତାନ ଜନ୍ମ, ଅମରତ୍ୱ ଅର୍ଥାତ୍ ସ୍ୱାସ୍ଥ୍ୟ ଓ ପରମ ସୁଖ ଭୋଗ ପାଇଁ ଏହା ପ୍ରତ୍ୟେକଙ୍କ ପକ୍ଷେ ଅନିର୍ବାର୍ଯ୍ୟ ।

ପୂର୍ବେ ଭାରତବର୍ଷରେ ପ୍ରଥମେ ଜୀବନର ୨୫ ବର୍ଷ ପର୍ଯ୍ୟନ୍ତ ଗୁରୁ ଗୃହରେ କଠିନ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରି ତା ପରେ ଗାର୍ହସ୍ଥ୍ୟ ଧର୍ମରେ ପ୍ରବେଶ କରୁଥିଲେ । କିନ୍ତୁ ଆଜିକାଲି ଆଧୁନିକ ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବରେ ସେ ମହତ୍ ଆଦର୍ଶ ସମ୍ପୂର୍ଣ୍ଣ ରୂପେ ଲୋପ ପାଇଲଣି । ସେଥି ପାଇଁ ଭାରତର ଯୁବକ ଯୁବତୀ ଆଜି ହୀନବଳ ହୋଇଛନ୍ତି ।

ବ୍ରହ୍ମଚର୍ଯ୍ୟର ଉପକାରିତା ଅସୀମ । ଏହା ଦ୍ୱାରା ମନୁଷ୍ୟର ଦେହରେ ସିଂହର ଶକ୍ତି ସଂଗୃହୀତ, ହୃଦୟରେ ଦେବତ୍ୱର ମହିମା ବିକଶିତ ଏବଂ ମସ୍ତିଷ୍କ ଓ ମନର ଉଚ୍ଚ ପ୍ରବୃତ୍ତି ଗୁଡ଼ିକ

Download Odia Book https://Pathagara.blogspot.com

ସମୋଲଚ ହୋଇ ଦୀର୍ଘ ଜୀବନ ଭରେ ସାହାଯ୍ୟ କରେ । ବ୍ରହ୍ମ-ଚର୍ଯ୍ୟ-ବ୍ୟତୀତ ବ୍ୟକ୍ତି କ୍ଷୀଣ, ଦୁର୍ବଳ, ହତଶ୍ରୀ, ଜୋତିହୀନ ଚକ୍ଷୁ ଓ ଅଳ୍ପାୟୁ ହୋଇ ସଂସାରକୁ ଭାରସ୍ୱରୂପ ସଦୃଶ ମନେ କରେ ।

ଯୁବତୀମାନଙ୍କର ମଧ୍ୟ ବ୍ରହ୍ମଚର୍ଯ୍ୟ ପାଳନ କରିବା ଅର୍ଥାତ୍ କାମୋତ୍ତେଜନାବାଚ୍ୟରେ ଅସତ୍‌ଚିନ୍ତା, ଅସତ୍‌ପଥ, ନୀଚ ପ୍ରବୃତ୍ତି ଓ ଯୌନ ପ୍ରକ୍ରିୟାରୁ ଦୂରତ୍ତ ହେବା ଏକାନ୍ତ କର୍ତ୍ତବ୍ୟ । ତା ପରେ ଉପଯୁକ୍ତ ସମୟରେ ଗାର୍ହସ୍ଥ୍ୟ ବ୍ରତ ଅବଲମ୍ବନ କରିବା ଉଚିତ ।

ସତୀତ୍ୱ (Chastity)

"ସାରା ଜୀବନ ବାଳତ୍ୟ ସାହଚର୍ଯ୍ୟ ଓ ଯୌନ ପ୍ରକ୍ରିୟା ନିମିତ୍ତ କାମୋତ୍ତେଜନାବାଚ୍ୟରେ ଏକ ନାସ୍ତି ବା ଏକ ପୁରୁଷ ଜଣକରେ ଅବଦ୍ଧରହିବାକୁ ସତୀତ୍ୱ କୁହାଯାଏ ।" ସତୀତ୍ୱ ପୁରୁଷସ୍ତ୍ରୀ ଉଭୟଙ୍କର ପକ୍ଷେ ସମାନ ପ୍ରଯୁଜ୍ୟ; କିନ୍ତୁ ସାଧାରଣତଃ ଆମ ଦେଶରେ ଏହା ସ୍ତ୍ରୀମାନଙ୍କ ପକ୍ଷେ ଧରାଯାଏ । ଆମ ଦେଶର ସ୍ତ୍ରୀର ସ୍ୱାମୀ ହେଉଛନ୍ତି ଦେବତା ତୁଲ୍ୟ । ହିନ୍ଦୁନାସ୍ତି ଜଣକରେ ସ୍ୱାମୀ ଭଗବାନଙ୍କ-ଠାରୁ ଉଚ୍ଚତର ଓ ଅଧିକତର ପୂଜ୍ୟ । ଅନ୍ୟ ପୁରୁଷ ତାର ସ୍ନେହର ଶ୍ରଦ୍ଧାର ବା ଭକ୍ତିର ଭାଜନ ହୋଇପାରେ; କିନ୍ତୁ ପ୍ରଣୟର କଦାପି ନୁହେଁ । ସ୍ୱାମୀର ଚରଣ ତଳେ ସେ ମନ ପ୍ରାଣ ଢଳି ଦେଇ ସାରା ଜୀବନ ପାଇଁ ତାକୁ ପୂଜାର ଦେବତା ରୂପେ ବାଛିନିଏ । ସ୍ୱାମୀର ସେବା, ସ୍ୱାମୀର ସାହଚର୍ଯ୍ୟ ତାର ସ୍ୱର୍ଗ । ତାହାର ହୃଦୟରେ ଅନ୍ୟ ପୁରୁଷ ପାଇଁ ସ୍ଥାନ ନ ଥାଏ ।

Download Odia Book https://Pathagara.blogspot.com

୭)

ପୁରୁଷ ମଧ୍ୟ ସେହି ରୂପେ ତାର ସ୍ତ୍ରୀକୁ ହୃଦୟର ସମସ୍ତ ପବିତ୍ର ପ୍ରେମ ଢାଳି ଦେଇ ଭଲପାଏ । ତାହା ବ୍ୟତୀତ ଜଗତର ଅନ୍ୟ ସମସ୍ତ ସ୍ତ୍ରୀ ତାର ମାତୃ ତୁଲ୍ୟ ପୂଜ୍ୟା ।

ଦୁହେଁ ଦୁହିଁଙ୍କ ନିକଟରେ ଏପର ଅମିୟ ପ୍ରେମପାଶରେ ଆବଦ୍ଧ ରହି ସୁଖମୟ ସଂସାର ଚଳନ୍ତି । ଆମରଣ ସେହି ଅଚ୍ଛେଦ୍ୟ ବନ୍ଧନରେ ଆବଦ୍ଧ ରହି ସ୍ୱର୍ଗୀୟ ସୁଖ ଅନୁଭବ କରନ୍ତି । ଏହି ଉଚ୍ଚ ଆଦର୍ଶ, ପରସ୍ପରର ପ୍ରେମ ନେଇ ପାରବାରିକ ଜୀବନ ସହଜ ଉପଭୋଗ୍ୟ ହୋଇ ଉଠେ, ଯାହା କି ପାଶ୍ଚାତ୍ୟ ଦେଶରେ ଖୁବ ବିରଳ । ସେହିସବୁ ଦେଶମାନଙ୍କରେ ଏହି ଦାମ୍ପତ୍ୟ ପବିତ୍ର ବନ୍ଧନ ଅତ୍ୟନ୍ତର ଶତ ଶତ ଘୃଣିତ (Divorce) ପ୍ରସ୍ତୁତ ହୋଇ ଜୀବନ ବିଷମୟ ହୋଇ ଉଠେ ଏବଂ ପରବାରର ସମସ୍ତ ସୁଖଶାନ୍ତି ଅଟରେ ଲେପ ପାଏ । ଆମର ସନାତନ ଆଦର୍ଶ ହେଉଛି—

"ବୈକୁଣ୍ଠ ସମାନ ଆହା ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ ଆସ ନିରନ୍ତର ।"

ପୁରୁଷର ମଧ୍ୟ ଏହିପର ଏକଦାରତ୍ତ ବା ଏକ ସ୍ତ୍ରୀ ପ୍ରତି ପ୍ରେମ ନଥାନ୍ତା ବାଞ୍ଛନୀୟ, ବହୁ ସ୍ତ୍ରୀ ବା ବହୁ ପୁରୁଷ ଅନୁଗାମୀ ହେଲେ ସମାଜ ନାନା ସଂକ୍ରାମକ ମାରାତ୍ମକ ରୋଗରେ ଚିରକାଳ ନିସ୍ପେଷିତ ହୁଏ, ଆଉ ମଧ୍ୟ ଭବିଷ୍ୟତରେ ସମସ୍ତ ବଂଶଧର ସେହି ବିଷମୟ ରୋଗଗ୍ରସ୍ତ ହୋଇ ହୀନବୀର୍ଯ୍ୟ, ଦୁର୍ବଳ ଓ ଅଳ୍ପାୟୁ ହୁଅନ୍ତି । ବହୁଗାମୀ ନାସ୍ତିର ସନ୍ତାନର ପ୍ରକୃତ ପିତା ନିରୂପଣ କରିବା କଷ୍ଟ-ସାଧ୍ୟ ହେବାରୁ ଅବଶେଷରେ ତାର ସନ୍ତାନର ଭରଣ ପୋଷଣ ଓ ତତ୍ତ୍ୱାବଧାନ ନିମନ୍ତ୍ତେ କେହି ଦାୟୀ ହୁଅନ୍ତି ନାହିଁ ।

Download Odia Book https://Pathagara.blogspot.com

(୮

ଗୀତାରେ ଅଛି—

"ସ୍ତ୍ରୀଷୁ ଦୁଷ୍ଟାସୁ ବାର୍ଷ୍ଣେୟ ଜାୟତେ ବର୍ଣ୍ଣସଙ୍କରଃ ।"

କୁଲସ୍ତ୍ରୀମାନେ ଅନ୍ୟ ପୁରୁଷଗତା ହେଲେ ତାଙ୍କଠାରୁ ବର୍ଣ୍ଣସଙ୍କର ସନ୍ତାନ ଜନ୍ମ ହୋଇ କୁଳ ନଷ୍ଟ ହୁଏ ।

ସଙ୍ଗାତ୍ମ ଭାରତର ବହୁ ପୁରାତନ ଧର୍ମ, ସେଥି ନମିତ୍ତ ଭାରତର ନାଗ୍ ଦନେ ଈଶ୍ୱରପୂଜ୍ୟା ଥିଲ । ସାନ୍ଧୀ ତାଙ୍କର ସଙ୍ଗାତ୍ମର ମହତ୍ତାରେ ଯମ ଦେବତାଙ୍କୁ ମଧ୍ୟ ପରାସ୍ତ କରିପାରିଥିଲେ, ଏବଂ ସୀତା ଦେବୀ ସଙ୍ଗାତ୍ମର ପରାକାଷ୍ଠାରେ ଅଗ୍ନିକୁଣ୍ଡରେ ପ୍ରବେଶ କରି ମଧ୍ୟ ଅକ୍ଷତ-ଶରୀର ହୋଇ ବାହାର ଆସିଥିଲେ । ଭାରତର ସେ ନୈତିକ ଉନ୍ନତ ବେନ୍ତୁବେଳ ଅବନତ ହେଉଛି । ଭାରତର ନାଗ୍ ପୁରୁଷ ଆଜ ସେ ମହତ୍ ଆଦର୍ଶ ଭୁଲ୍ ବୈଦେଶିକ ମାନ ପଦ୍ଧତା ମୋହରେ ଭାସିଯାଇ ଜାତର ତଥା ଦେଶର ଅବନତର କାରଣ ହେଉଛନ୍ତି ।

ଆଜ ସମାଜର, ଦେଶର ଉନ୍ନତ ସାଧନ ପାଇଁ ପୁରୁଷର ଏକଦାରତ୍ୱତ, ଦ୍ୱାର ସଙ୍ଗାତ୍ମ କୋନ୍ତ ଅବଶ୍ୟକ । ଭବିଷ୍ୟତ ବଂଶଧରମାନଙ୍କର କଲ୍ୟାଣ ପାଇଁ, ପାରବାରିକ ପ୍ରେମର ପୂର୍ଣ୍ଣତା ପାଇଁ, ସଙ୍ଗାତ୍ମର ପ୍ରଦୀପ୍ତ ଅଗ୍ନିଶିଖା ଭାରତର ପ୍ରତ୍ୟେକ ଯୁବକ ଯୁବତୀ ପ୍ରାଣରେ ଆଜ ଜାଗି ଉଠୁ । ଭଗବାନ ଆଶୀର୍ବାଦ କରନ୍ତୁ ଆମର ଏହି ସ୍ୱପ୍ନପ୍ରସୂ ପବନ ଭାରତ ପୁଣି ପୂର୍ବ ପର ହୋଇ ଉଠୁ ।

"Chastity dictates domestic and conjugal peace."

———

Download Odia Book https://Pathagara.blogspot.com

ଯୌବନ

ପରମେଶ୍ୱରଙ୍କ ସୃଷ୍ଟି ଏହି ଜଗତରେ ସମସ୍ତ ବସ୍ତୁର ଜନ୍ମ, ପରିଣତି ଓ ବିନାଶ ଏହି ତିନୋଟି ଅବସ୍ଥା ଦେଖାଯାଏ । ଈଶ୍ୱରଙ୍କ ସୃଷ୍ଟିର ସର୍ବଶ୍ରେଷ୍ଠ ମନବଜାତିଙ୍କର ମଧ୍ୟ ଜନ୍ମ, ପରିଣତି ଅର୍ଥାତ୍ ଯୌବନ, ବିନାଶ ବା ମୃତ୍ୟୁ ଏହି ତିନୋଟି ଅବସ୍ଥା ପରିଲକ୍ଷିତ ହୁଏ । ଅବଶ୍ୟ କ୍ରମୋନ୍ନତି ନିୟମାନୁଯାୟୀ ଜନ୍ମ ପରେ ଶୈଶବ, ବାଲ୍ୟ ଓ କୈଶୋର ଅତିକ୍ରମ କରି ଯୌବନରେ ପଦାର୍ପଣ କରିବାକୁ ହୁଏ । ଏହି ଯୌବନକାଳ ମାନବ ଜୀବନର ଶ୍ରେଷ୍ଠ ପରିଣତି । ଏହି ଯୌବନ କାଳ ଅତିକ୍ରମ ହେଲେ କ୍ଷୟର ଆରମ୍ଭ ହୁଏ ଏବଂ ଏହି କ୍ଷୟର ବସ୍ତୁରେ ପ୍ରୌଢତ୍ୱ, ବୃଦ୍ଧତ୍ୱ, ଓ ମୃତ୍ୟୁ ପାଖେଇ ଆସେ ।

ଫଳରୁ ମଧ୍ୟରେ ଯେପରି ରସନ୍ତ, ଫୁଲ ମଧ୍ୟରେ ଯେପରି ଗୋଲ୍ଲପ, ସେହିପରି ମାନବର ବୟସ ମଧ୍ୟରେ ଯୌବନ । ଶୈଶବରେ ଓ ବାଲ୍ୟକାଳରେ ମନୁଷ୍ୟମାନେ ଜୀବନର ସୁଖ ଆସ୍ୱାଦନ କରିବାକୁ ସମର୍ଥ ହୁଅନ୍ତି ନାହିଁ । ତେଣୁ ଅନେକ କ୍ଷେତ୍ରରେ ପିତାମାତାଙ୍କ ରୂପରେ ଈଶ୍ୱର କରିବାକୁ ହୁଏ । ଅନେକ କ୍ଷେତ୍ରରେ ଇଚ୍ଛା ଥିଲେ ମଧ୍ୟ ଶାରୀରିକ ଓ ମାନସିକ କ୍ଷମତା ଅଭାବରୁ ତାହା ପୂର୍ଣ୍ଣ ହୁଏ ନାହିଁ । ସେତେବେଳେ ଜୀବନ କେବଳ ଅର୍ଦ୍ଧ ପ୍ରସ୍ଫୁଟିତ ହୋଇଥାଏ । ପ୍ରୌଢାବସ୍ଥାରେ ଶାରୀରିକ ଓ ମାନସିକ ବୃତ୍ତି ସବୁ କ୍ରମେ କ୍ଷୟୁଣ୍ଣ ହୋଇ ଆସେ । ଜୀବନର ପ୍ରଫୁଲ୍ଲତା ନଷ୍ଟ ହୋଇଯାଏ । ମନ ସର୍ବଦା ଉଦ୍ବିଗ୍ନ ହୁଏ । ଉତ୍ପରେ ଜୀବନର ଶେଷକାଳ ବାର୍ଦ୍ଧକ୍ୟ

Download Odia Book https://Pathagara.blogspot.com

ଉପସ୍ଥିତ ହୁଏ । ସେତେବେଳେ ଜୀବନ ଆଉ ମଧ୍ୟ ଜୀବନର କୌଣସି ସୁଖ ଲାଭ କରିବାର କ୍ଷମତା ନ ଥାଏ । ସୁଖ ଲାଭ କରିବାର ଇଚ୍ଛା ପ୍ରବଳ ଭାବରେ ଥାଏ, ପାର୍ଥିବ ଭୋଗର କାମନା ବଳବତ୍ତା ହୁଏ, ଅଥଚ ଶାରୀରିକ ଓ ମାନସିକ ବୃତ୍ତି ସମୂହର କାର୍ଯ୍ୟକାରିତା ନଷ୍ଟ ହୋଇଥିବାରୁ ସେଥିରୁ ବଞ୍ଚିତ ହୁଏ । ସୁତରାଂ ଯୌବନ ଏହି ମାନବ ଜୀବନର ଶ୍ରେଷ୍ଠ ସୁଖର ସମୟ । ଏହି ଯୌବନକାଳ ମନୁଷ୍ୟ ଜୀବନର ଶ୍ରେଷ୍ଠ ଅବସ୍ଥା, ଏଣୁ ପ୍ରତ୍ୟେକ ବୁଦ୍ଧିମାନ ମନୁଷ୍ୟ ଯୌବନକୁ ଅଧିକକାଳ ସ୍ଥାୟୀ କରିବାକୁ ଇଚ୍ଛା କରିଥାନ୍ତି ଏବଂ ଅନେକ ଅଳ୍ପବୁଦ୍ଧି ଲୋକ ଏହି ଅମୂଲ୍ୟ ଯୌବନ ସମୟକୁ ବୃଥାରେ ହରାଇ ଜୀବନକୁ ଅସାର ଭାବି ଅଯଥା କରନ୍ତି !

ଯୌବନର ଲକ୍ଷଣ

ପ୍ରକୃତ ଯୌବନ କ'ଣ ? ବୃକ୍ଷ ଯେପରି ବୀଜ ମଧ୍ୟରେ ପ୍ରଥମାବସ୍ଥାରେ ଫୁଟିରେ ଥାଏ, କ୍ରମେ ମୃତ୍ତିକା, ଜଳ ଏବଂ ବାୟୁର ସାହାଯ୍ୟରେ ବୃହତ୍ ବୃକ୍ଷରେ ପରିଣତ ହୁଏ, ଠିକ ସେହି-ପରି ଭାବରେ ମନୁଷ୍ୟର ମନୋବୃତ୍ତି ପ୍ରଥମାବସ୍ଥାରେ ସଙ୍କୁଚିତ ଥାଏ, କ୍ରମେ ସୁବିଧାନୁଯାୟୀ ପ୍ରସ୍ଫୁଟିତ ହୁଏ । ଯେତେବେଳେ ମନୁଷ୍ୟ ହୃଦୟର ବୃତ୍ତି ସମୂହ ପୂର୍ଣ୍ଣତା ପ୍ରାପ୍ତ ହୁଏ ସେତେବେଳେ "ମତ୍ତତା" ଜନ୍ମେ । ଏହି "ମତ୍ତତା" ପୁଣି ନାନା ପ୍ରକାରରେ ଉପଲବ୍ଧି ହୋଇଥାଏ ।

Download Odia Book https://Pathagara.blogspot.com

ଏହା ସମସ୍ତେ ଜାଣନ୍ତି ଯେ ଶରୀରର କୌଣସି କୌଣସି ଅଙ୍ଗ ସ୍ପର୍ଶ କଲ୍ଲ ମାତ୍ରକେ ଲଲସାର ଉଦ୍ଦୀପିତ ହୁଏ । ଏହି ସବୁ ଅଙ୍ଗ ପଛକ ମାନସିକ ଲଲସା-ବୃତ୍ତିର ଖୁବ୍ ଘନିଷ୍ଠ ସମ୍ବନ୍ଧ ଅଛି । ଯୌବନକାଳ ଆରମ୍ଭରେ ଏହି ସମସ୍ତ ଅଙ୍ଗ ପୂର୍ଣ୍ଣତା ପ୍ରାପ୍ତ ହୋଇଥାଏ । ଏଣୁ ଏହା ସ୍ପଷ୍ଟ ଭାବରେ ଜଣାଯାଉଅଛି ଯେ ମାନସିକ ବୃତ୍ତି ସବୁ ବିଶେଷତଃ ଯୌବନରେ ଯେଉଁ ସବୁ ବୃତ୍ତିର ପ୍ରାବଲ୍ୟ ଜନ୍ମେ ତାହା ସହିତ ଏ ସମସ୍ତ ଅଙ୍ଗ-ପ୍ରତ୍ୟଙ୍ଗର ବିଶେଷ ସମ୍ବନ୍ଧ ଅଛି । ଶରୀରରେ ଯୌବନ ଚିହ୍ନ ଦେଖାଗଲେ ଯେ ମନୁଷ୍ୟ ଯୌବନରେ ପଦାର୍ପଣ କରିଛି ଏପରି ନୁହେଁ । କେତେ ବ୍ୟକ୍ତି ଇଚ୍ଛା କଲେ ତଦତରସ୍ଥ ଅପର କେତେ ବ୍ୟକ୍ତିର ଯୌବନର ପୂର୍ବରୁ ତାହାର ଶାଗ୍ରହିକ ଯୌବନ ଚିହ୍ନ ସବୁ ଆବିର୍ଭାବ ବା ପ୍ରକାଶ କରାଇ ପାରନ୍ତି । ଅନେକ ସମୟରେ ଦଶ ବା ଏକାଦଶ ବର୍ଷୀୟା ବାଳିକାମାନଙ୍କର ଯୌବନ ଚିହ୍ନ ଦେଖାଯାଏ ବୋଲି କ'ଣ କହିବାକୁ ହେବ ଯେ, ସେହି ବାଳିକା ଯୌବନରେ ପଦାର୍ପଣ କରିଅଛି ? ନା, ଯୌବନ ପ୍ରାପ୍ତିର ପୂର୍ବରୁ ଏବଂ ଅଙ୍ଗର ପୂର୍ଣ୍ଣତା ବା ଦୈହିକ ପରିଣତର ପୂର୍ବରୁ ଅର୍ଦ୍ଧ ଜାଗରିତା ପ୍ରବୃତ୍ତିର ଭାବନା ଦ୍ୱାରା ଇନ୍ଦ୍ରିୟର ତୃପ୍ତି ସାଧନ କରିବାକୁ ଅଭ୍ୟାସ କରିଅଛି । ଏହା ସ୍ୱାଭାବିକ ଯୌବନ ନୁହେଁ । କେବଳ ମାନସିକ ବୃତ୍ତିଜନିତ ଅପରି କୃତ୍ରିମ ଯୌବନ ସୁଲଭ ପ୍ରଣୋଦନରେ ଉତ୍ତେଜିତ ହୋଇଅଛି । ଏହି ଅସ୍ୱାଭାବିକ ଯୌବନ ସ୍ୱଭାବତଃ କ୍ଷଣସ୍ଥାୟୀ । ଯଦ୍ୱାରା ଅସମୟରେ ଯୌବନ ନ ଜନ୍ମିବ କେବଳ ତାହାର ଚେଷ୍ଟା କରିବା ଉଚିତ । ମନକୁ ଯତ୍ନପୂର୍ବକ ଯୌବନ ସୁଲଭ କାର୍ଯ୍ୟରୁ ବିରତ କରିବାକୁ ହେବ । ଏହା ଦ୍ୱାରା ମନ ବାଧା ପ୍ରାପ୍ତ ହୋଇ ଅସମୟରେ ଯୌବନ ଭାବରେ ଅଭିଭୂତ

Download Odia Book https://Pathagara.blogspot.com

ହୋଇ ପାରିବ ନାହିଁ । ଏଣୁ ଇନ୍ଦ୍ରିୟ-ଶକ୍ତି। ଲଳସା ବୃତ୍ତିକୁ ମଧ୍ୟ ପରିତ୍ୟାଗ କରିବାକୁ ହେବ ।

ଯେତେବେଳେ ପ୍ରକୃତ ଯୌବନର ବିକାଶହେବ, ସେତେବେଳେ ମନର ସମସ୍ତ ବୃତ୍ତି (Faculty) ଓ ହୃଦୟର ସମସ୍ତ ବୃତ୍ତି (Feelings) ଯୌବନ ଦ୍ୱାରା ପରିପୁଷ୍ଟ ହେବ ।

ଯୌବନର ଗୋଟିଏ ପ୍ରଧାନ ଚିହ୍ନ ମନରେ କଳ୍ପନା ଶକ୍ତିର ଗୋଟିଏ ପ୍ରାବଲ୍ୟ । ବାଲ୍ୟକାଳରେ କଳ୍ପନାର ଅସ୍ତିତ୍ୱ ହୃଦୟରେ ପ୍ରାୟ ଉପଲବ୍ଧି ହୁଏ ନାହିଁ । ବୟସ ଯେତେ ବଢ଼ି ଯାଏ କଳ୍ପନା ମଧ୍ୟ ସେତେ ପ୍ରବଳ ହେଇଥାଏ । ମାନବ ହୃଦୟରେ ଦବା ରହି ଯେଉଁ ସମସ୍ତ ଭାବର ତରଙ୍ଗ ଉଠେ, ତାହା ମଧ୍ୟରେ ଅଧିକାଂଶ କଳ୍ପନା ପ୍ରସୂତ । ଯେତେବେଳେ ଆମ୍ଭମାନଙ୍କ ନିଜ ହୃଦୟର ଭାବ ଅନ୍ୟ ଲୋକଠାରେ ଦେଖିବାକୁ ପାଉ, ସେତେବେଳେ ଆମ୍ଭମାନଙ୍କର କଳ୍ପନା ଶକ୍ତି ଉତ୍ତେଜିତ ହୁଏ । ଏଥି ଯୋଗୁ ଯୌବନ ସମୟରେ ଉପନ୍ୟାସ ପାଠ କରିବାକୁ ମାନବର ଏତେ ଆନନ୍ଦ ଓ ଆକର୍ଷଣ ଜନ୍ମେ । କାରଣ ଉପନ୍ୟାସ ଲିଖିତ ଘଟଣାବଳୀ ସ୍ୱଭାବତଃ ମାନସ-ପଟରେ ନିଜର ଚିତ୍ର ଅଙ୍କନ କରି କଳ୍ପନା ଶକ୍ତିକୁ ଜାଗରଣ କରେ । ବାଲ୍ୟ କାଳରେ ବା ବାର୍ଦ୍ଧକ୍ୟରେ ଯେଉଁ ବିଷୟରେ ଆନନ୍ଦ ହୁଏ ନାହିଁ, ଯୌବନରେ ତାହା ହୁଏ । ଏଥି ଯୋଗୁ ଯେଉଁ ରସପୂର୍ଣ୍ଣ କଥା ବାଲ୍ୟ, କୈଶୋର, ପ୍ରୌଢ ଓ ବାର୍ଦ୍ଧକ୍ୟରେ ଟିକିଏ ମାତ୍ର ହାସ୍ୟର ଉଦ୍ରେକ କରେ ନାହିଁ, ଯୌବନରେ ତାହା ଅତ୍ୟଧିକ ହାସ୍ୟର ସୂଚନା ଦିଏ ।

Download Odia Book https://Pathagara.blogspot.com

୧୫)

ବାଲ୍ୟକାଳରେ ଅନେକ ବିଷୟରେ ଇଚ୍ଛା ଥିଲେ ମଧ୍ୟ ସେ ଇଚ୍ଛା ପୂର୍ଣ୍ଣ କରିବାକୁ ଆମ୍ଭେମାନେ ସକ୍ଷମ ନୋହୁ । ପୌଢ଼ ଓ ବୃଦ୍ଧାବସ୍ଥାରେ ନରନାରୀ ନିଜ ନିଜର ଦୁର୍ବଳତା ଜପଲବ୍ଧି କର ଆତ୍ମଚ୍ଛଳି (Self-emotion) ଲାଭ କରିବାକୁ ସକ୍ଷମ ହୁଅନ୍ତି ନାହିଁ, କିନ୍ତୁ ଯୌବନରେ ହୃଦସ୍ପନ୍ଦରେ ମାସ୍ତର୍ଫର ପ୍ରାବଲ୍ୟ ଜନ୍ମେ, ମାନସିକ ବୃତ୍ତି ସବୁ ପୂର୍ଣ୍ଣ ହୁଏ ଏବଂ ହୃଦସ୍ପନ୍ଦରେ ଅସୀମ ଜଇମାତ ଭାବ ଜନ୍ମେ । ହୃଦସ୍ପନ୍ଦର ଏହି ଭାବକୁ ଅହଙ୍କାର ବା ମାସ୍ତର୍ଯ୍ୟ କହନ୍ତି । ସୁତରାଂ ମାସ୍ତର୍ଯ୍ୟ ଓ ଆତ୍ମଚ୍ଛଳି ଯୌବନର ଗୋଟିଏ ବିଶେଷ ଲକ୍ଷଣ । ହୃଦସ୍ପନ୍ଦର ବୃତ୍ତି ସମୂହର ଅତ୍ୟଧିକ ଉତ୍ତେଜନାର ବାହ୍ୟ ପ୍ରକାଶକୁ ମତ୍ତତା କହନ୍ତି । ଯୌବନରେ ହୃଦସ୍ପନ୍ଦର ବୃତ୍ତି ସମୂହ ପୂର୍ଣ୍ଣତା ପ୍ରାପ୍ତ ହୋଇ ସ୍ୱତଃ ଉତ୍ତେଜିତ ହେଇଥାଏ । ଏହି ମତ୍ତତା ଯୋଗୁ ଯୌବନ ଚଞ୍ଚଳ ସମସ୍ତ ଶରୀରରେ ଦେଖାଯାଏ । ମାନବ ଶରୀରରେ ଦୁଇ ପ୍ରକାର ଶିରା ସମସ୍ତ ଶରୀରକୁ ବ୍ୟାପିଅଛି । ଏକ ପ୍ରକାର ଅତି ସୂକ୍ଷ୍ମ, ଅନ୍ୟ ପ୍ରକାର କିଞ୍ଚିତ ସ୍ଥୂଳ । ଏହି ଶିରା ଓ ଉପଶିରା ବ୍ୟତୀତ ଆମ୍ଭମାନଙ୍କ ଶରୀରରେ ଆଉ ଏକ ପ୍ରକାର ଅତି ସୂକ୍ଷ୍ମ ଶିରା ବ୍ୟାପି ରହିଛି, ଏହାକୁ "ସ୍ନାୟୁ" କହନ୍ତି । ଏହି ସ୍ନାୟୁ ଗୁଚ୍ଛକ ମସ୍ତିଷ୍କର କୁଦ୍ର ସ୍ୱରୂପ । ଆମ୍ଭମାନଙ୍କର ଅନୁଭୂତି ଏହି ସ୍ନାୟୁମଣ୍ଡଳ ଦ୍ୱାରା ନିୟନ୍ତ୍ରିତ ହୁଏ । ଆମ୍ଭମାନଙ୍କର ସମସ୍ତ ଇନ୍ଦ୍ରିୟ କାର୍ଯ୍ୟକାରିତା ସୁତା ଏହି ସ୍ନାୟୁ ମଣ୍ଡଳ ଉପରେ ନିର୍ଭର କରେ । ଏହି ସ୍ନାୟୁ ଗୁଚ୍ଛକ ମଧ୍ୟରେ ଏକ ପ୍ରକାର ଅଦୃଶ୍ୟ ତରଳ ପଦାର୍ଥ ସଞ୍ଚାରିତ ହୁଏ । ଏହାକୁ ତନ୍ତୁତ୍ର ପ୍ରବାହ କହନ୍ତି । ହୃଦସ୍ପନ୍ଦର କୌଣସି ବୃତ୍ତିର ଉତ୍ତେଜନା ହେଲେ ଏହି ତନ୍ତୁତ୍ର ପ୍ରବାହ ସ୍ନାୟୁମଣ୍ଡଳ ବାଟେ ଖର ବେଗରେ ପ୍ରବାହିତ ହୁଏ ।

Download Odia Book https://Pathagara.blogspot.com



ଶେଷତଃ ହୃଦପୃରେ ମଣ୍ଡଳା ଜଲ୍ମିଲେ ଏହା ବହୁତ ଦ୍ରୁତ ଗତିରେ ସଞ୍ଚାଳିତ ହୁଏ । ଉତ୍ତପ୍ତ ପ୍ରବାହର ବେଗ ଦ୍ରୁତ ହେଲେ ଶଗ୍ଧରର ରକ୍ତ ପ୍ରବାହ ମଧ୍ୟ ଦ୍ରୁତ ହୁଏ । ଏହାର ପ୍ରଧାନ ବାସସ୍ଥାନ ମସ୍ତିଷ୍କ । ଏହି ତରଳ ପଦାର୍ଥ ସର୍ବଦା ଜୀବମାନଙ୍କର ମସ୍ତିଷ୍କରେ ବିଦ୍ୟମାନ ଥାଏ । ଆମ୍ଭମାନଙ୍କର ଜାଣିବା ଦରକାର ଯେ, ପୃଥିବୀରେ ସମସ୍ତ ପଦାର୍ଥରେ ବିଦ୍ୟୁତ ଅଛି ଏବଂ ଏହା କେବେହେଁ ଅସମାନ ଅବସ୍ଥାରେ ରହି ପାରେ ନାହିଁ । ଏ ଉତ୍ତପ୍ତର ଗୁଣ ଏହି ଯେ, ଦୁଇଟି ଅସମାନ ଉତ୍ତପ୍ତ ବିଶିଷ୍ଟ ପଦାର୍ଥ ପରସ୍ପର ସଂଯୁକ୍ତ ବା ସଲଗ୍ନ ହେଲେ ସେମାନଙ୍କ ଉତ୍ତପ୍ତ ସମତା ପ୍ରାପ୍ତ ହୁଏ । ମାନବ ମସ୍ତିଷ୍କରେ ଯେଉଁ ଉତ୍ତପ୍ତ ଅଛି ସେ ମଧ୍ୟ ଏହିପରି ଭାବରେ ଅନ୍ୟ ଦ୍ରବ୍ୟ ସହିତ ଯୋଗ ହୁଏ । ଏଣୁ ମାନବ ମସ୍ତିଷ୍କର ଉତ୍ତପ୍ତ ପ୍ରବାହ ବହୁଗଣ ହୋଇ ଅନ୍ୟ ଦ୍ରବ୍ୟ ସହିତ ମିଶି ମାନବ ମସ୍ତିଷ୍କକୁ ଦୁର୍ବଳ କରିବା ସମ୍ଭବ । ଏହି ଯୋଗୁ ସର୍ବଜ୍ଞ ବିଧାତା ଯେଉଁଠାରେ ମାନବର ଉତ୍ତପ୍ତ ପ୍ରବାହ ଅଧିକ ପ୍ରବାହିତ ହୁଏ, ସେ ସ୍ଥାନରୁ ଉକ୍ତ ଉତ୍ତପ୍ତ ପ୍ରବାହ ଅନ୍ୟ ପଦାର୍ଥକୁ ଯାଇପାରେ, ଏହା ଜାଣି ସେହି ସମସ୍ତ ସ୍ଥାନକୁ କେଶଗୁଣି ଦ୍ୱାରା ଆବୃତ କରି ଦେଇ ଅଛନ୍ତି । ମାନବ ଶଗ୍ଧରର କେଶଗୁଳ ଏହି ଉତ୍ତପ୍ତ ପ୍ରବାହକୁ ଶଗ୍ଧରରେ ଅବଳ୍ଦ କରି ରଖିବାକୁ ସହାୟତା କରେ । ଯେପରି ମୁଣ୍ଡରୁ ଉତ୍ତିପ୍ତ ପ୍ରବାହ ସ୍ୱେଦ ରୂପେ ଅର୍ଥାତ୍ ମୁଣ୍ଡରୁ ବିଦ୍ୟୁତ ସଲଗ୍ନ ହେଲେ ତାହାର ଗତି ରୁଦ୍ଧ ହୁଏ, କେଶର ମଧ୍ୟ ଠିକ ସେହିପରି ଗୁଣ; ଅର୍ଥାତ ଏହା ବିଦ୍ୟୁତର ଗତି ସ୍ୱେଦକରେ । ଏଥି ଯୋଗୁ ମସ୍ତକ କେଶ ଦ୍ୱାରା ଆବୃତ ଥିବାରୁ ମସ୍ତିଷ୍କସ୍ଥିତ ଉତ୍ତିପ୍ତ ପ୍ରବାହ ରୁଦ୍ଧ ହୁଏ । ଏହା ଆଉ ବାହାରର ଅନ୍ୟ କୌଣସି ପଦାର୍ଥକୁ ଯିବାକୁ ସମର୍ଥ ହୁଏ ନାହିଁ । ପୂର୍ବରୁ କୁହା ହୋଇଅଛି

Download Odia Book https://Pathagara.blogspot.com

ଯେ ହୃଦସ୍ପନ୍ଦରେ ମଣ୍ଡତା ଜନ୍ମିଲେ ଏବଂ ମାନବ ଯୌବନରେ ପଦାର୍ପଣ କଲେ ତାର ବସ୍ତୋବୃଦ୍ଧିର ସଙ୍ଗେ ସଙ୍ଗେ ଶାଗ୍ରତ ପୂର୍ଣ୍ଣତା ଲାଭ ହୁଏ, ଏବଂ ସ୍ତନ ମଣ୍ଡଳ ମଧ୍ୟ ବଳ ସଞ୍ଚୟ କର ଶଗ୍ରରୁ ଉତ୍ତିତ୍ ପ୍ରବାହ ବୃଦ୍ଧି ଜଗ୍ରଏ । ଏଣୁ ଶଗ୍ରରର ଯେଉଁ ଯେଉଁ ସ୍ଥାନରେ ଅଧିକ ଉତ୍ତିତ୍ ସଞ୍ଚାଳିତ ହୁଏ, ସେହି ସେହି ସ୍ଥାନ କେଶ ଦ୍ୱାରା ଆବୃତ୍ତ ହୁଏ, ଏଥି ପାଇଁ ଯୌବନ ସମୟରେ ମନୁଷ୍ୟର ନାଶ ଓ ଦାଢ଼ୀ ଜନ୍ମେ କନ୍ତୁ ବାଲ୍ୟ କାଳରେ ଜନ୍ମେ ନାହିଁ । ନାଗ୍ରମାନଙ୍କ ସମ୍ବନ୍ଧରେ ମଧ୍ୟ ଏହି ନିୟମ । ଯୌବନ କାଳରେ ସ୍ତ୍ରୀମାନଙ୍କର ଉତ୍ତିତ୍ତ ସ୍ଥାନରେ କେଶ ଉଦ୍‌ଗମ ହୁଏ । ସ୍ତ୍ରୀ ଓ ପୁରୁଷ କନ୍ତୁ ଏକ ବୟସରେ ଯୌବନ ପ୍ରାପ୍ତ ହୁଅନ୍ତି ନାହିଁ । ସାଧାରଣତଃ ଗ୍ରୀଷ୍ମପ୍ରଧାନ ଦେଶର ସ୍ତ୍ରୀ ପୁରୁଷଙ୍କର ଯୌବନ, ଶୀତପ୍ରଧାନ ଦେଶର ସ୍ତ୍ରୀ ପୁରୁଷଙ୍କ ଯୌବନ ଅପେକ୍ଷା ଶୀଘ୍ର ଆସେ । ନାଗ୍ରମାନେ ସନ୍ତାନ ଉତ୍ପାଦନ କରବାରେ ସକ୍ଷମ ବୋଲ୍ ସନ୍ତାନର ଆହାର ନିମନ୍ତେ ଏହାଙ୍କ ସ୍ତନରେ ଦୁଗ୍ଧର ଉତ୍ପତ୍ତି ହୁଏ । କନ୍ତୁ ସ୍ତନରେ ଦୁଗ୍ଧ ଜନ୍ମିବା ପୂର୍ବରୁ ସେ ସ୍ଥାନରେ ଉତ୍ତିତ୍ ସଞ୍ଚାଳିତ ହେଇଥାଏ । ଉତ୍ତିତ୍ ପ୍ରବାହ ସହିତ ଶୋଣିତ ମଧ୍ୟ ସେ ସ୍ଥାନ ଆଡ଼କୁ ପ୍ରବାହିତ ହୁଏ। ଏହା ଦ୍ୱାରା ସ୍ତନ କ୍ରମଶ ମାଂସପୁଷ୍ଟ ହୋଇ କ୍ଷୀରର ଉତ୍ପାଦାନ ହୁଏ, ଏବଂ ଶଗ୍ରର ମଧ୍ୟ ଲବଣ୍ୟ ମଣ୍ଡିତ ହୁଏ । ଏହା ଯୌବନର ମାନସିକ ଓ ଶାଗ୍ରରିକ ବିକାଶ । ସ୍ତ୍ରୀଲୋକମାନେ ଗର୍ଭ ଧାରଣ କରବାରେ ସକ୍ଷମ ବୋଲ୍ ଏବଂ ଯୌବନ କାଳ ପୂର୍ବ ଉତ୍ପାଦନର ଉପଯୁକ୍ତ ସମୟ ବୋଲ୍ ନାଗ୍ରଜାତଙ୍କ ଗର୍ଭ ସ୍ଥଳୀରେ କେତେକ ପରବର୍ତ୍ତିନ ସାଧିତ ହୁଏ ଏବଂ ନାଗ୍ର-ମାନଙ୍କର ଜନନେନ୍ଦ୍ରିୟରୁ ପ୍ରତି ମାସରେ ରକ୍ତଃ ନିସୃତ ହୁଏ ।

Download Odia Book https://Pathagara.blogspot.com

ସ୍ତ୍ରୀଲୋକଙ୍କ ଗର୍ଭସ୍ଥଳୀ ଡିମ୍ବାକାର, ଏହା ଡିମ୍ବାକାର ଥଳୀର ଦୁଇପାର୍ଶ୍ୱରେ ଦୁଇଟି ନଳ ସଂଯୁକ୍ତ ଅଛି । ଏହାକୁ ଇଂରାଜୀରେ "ଫାଲୋଜିୟାନ୍ ଟିଉବ୍" କହନ୍ତି । ଯୌବନ କାଳ ଉପସ୍ଥିତ ହେଲେ ଯେପର ସର୍ବ ଶରୀରରେ ଉତ୍ତିଜ୍ ଓ ଶୋଣିତ ଦ୍ରୁତ ବେଗରେ ପ୍ରବାହିତ ହୁଏ, ସେହିପର ଏହି ନଳ ମଧ୍ୟରେ ମଧ୍ୟ ରକ୍ତ ସଞ୍ଚାଳିତ ହୁଏ । ଏ ସ୍ଥାନରେ ଅତ୍ୟଧିକ ରକ୍ତର ସଞ୍ଚାଳନ ଯୋଗୁ ରକ୍ତରେ ଏକ ପ୍ରକାର ଡିମ୍ବାକାର କ୍ଷୁଦ୍ର କ୍ଷୁଦ୍ର ପଦାର୍ଥ ଜନ୍ମେ, ଇଂରାଜୀରେ ଏହାକୁ "ଓଭମ୍" କହନ୍ତି । କ୍ରମେ ଏହି ଡିମ୍ବାକାର କ୍ଷୁଦ୍ର ପଦାର୍ଥ, ଉକ୍ତ ନଳବାଟେ ଗର୍ଭସ୍ଥଳୀକୁ ଆସି ଉତ୍ତ ହୋଇଯାଏ । ସଚରାଚର ୨୮ ଦିନ ଅନ୍ତରେ ଏହିପର "ଓଭମ୍" ଗର୍ଭସ୍ଥଳୀକୁ ଆସେ । ଏହାକୁ ଆମ୍ଭେମାନେ ରଜଃ ନିସୃତ ବା ଋତୁ କହୁ । ଋତୁ ସ୍ତ୍ରୀଲୋକଙ୍କର ଯୌବନର ଗୋଟିଏ ପ୍ରଧାନ ଲକ୍ଷଣ । ଏହି ଋତୁକାଳ ବା ରଜଃ ନିସୃତ ସମୟ ଦିନଦିନ ବୋଲି ସାଧାରଣରେ ପ୍ରଚଳିତ ଅଛି । କିନ୍ତୁ ପ୍ରକୃତ ଋତୁକାଳ ରଜସ୍ରାବର ପ୍ରଥମ ଦିବସରୁ ଗଣନା କର ଷୋଡ଼ଶ ରାତ୍ରି ପର୍ଯ୍ୟନ୍ତ । ଏହି ଋତୁ ସମ୍ବନ୍ଧରେ ବିଶେଷ ବିବରଣ ଅନ୍ୟ ପରିଚ୍ଛେଦରେ ଦିଆ ହୋଇଅଛି ଏବଂ ଋତୁ, ସହବାସ ଓ ଗର୍ଭ ସମ୍ବନ୍ଧରେ ବିଶେଷ ଆଲୋଚନା କରି ଯାଇଅଛି ।

ଶିକ୍ଷା ଓ ସଂସର୍ଗ

ବାଲ୍ୟକାଳରୁ କିପର ସଂସର୍ଗରେ ରହିଲେ, କିପର ଶିକ୍ଷାପ୍ରାପ୍ତ ହେଲେ, କିପର ବିଦ୍ୟାଭ୍ୟାସ ଓ ଆଗ୍ରହର ବ୍ୟବହାର କଲେ,

Download Odia Book https://Pathagara.blogspot.com

ଯୌବନାବସ୍ଥାରେ ସୁସ୍ଥରେ ରହିବାକୁ ହେବ ଏବଂ ଯୌବନ କାଳରେ କପର ସଂସର୍ଗରେ ରହି, କପର ସ୍ତ୍ରୀ ପୁରୁଷଙ୍କୁ ବିବାହ କର, କେଉଁ ପ୍ରଣାଳୀରେ ପବିତ୍ର ଦାମ୍ପତ୍ୟ ପ୍ରେମ ଉପଭୋଗ ପୂର୍ବକ ଇଚ୍ଛାନୁରୂପ ସର୍ବାଙ୍ଗ-ସୁନ୍ଦର, ଶିଷ୍ଟ, ଶାନ୍ତ, ବଳିଷ୍ଠ, ଆସ୍ଥାବାନ୍, ଜ୍ଞାନବାନ୍ ଓ ଭାଗ୍ୟବାନ୍ ସନ୍ତାନ ଉତ୍ପାଦନ କରିବାକୁ ହେବ ଏହା ଦୁଃ ବର୍ତ୍ତମାନ ଅସ୍ମମାନଙ୍କର ଆଲୋଚ୍ୟ ବିଷୟ । କେବଳ ଶିକ୍ଷା ଅଭାବରୁ ମନୁଷ୍ୟ ସୁସ୍ଥ ଶରୀର ଓ ଦୀର୍ଘ ଜୀବନ ଲାଭ କରି ପାରୁ ନାହିଁ । ପୂର୍ବକାଳରୁ କେତେ ଗୁଡିଏ ଗୁପ୍ତ ମହାପାପ ମାନବ ସମାଜରେ ଧୀରେ ଧୀରେ ପ୍ରବେଶ କରି ମନୁଷ୍ୟକୁ ପଶୁବତ୍ କରି ରଖିଛି ଓ ଦୁର୍ବଳ, କ୍ଷୀଣଜୀବୀ, ବିକଳ ଓ ପ୍ରାଣାଙ୍ଗ, ଦରିଦ୍ର, ରୁଗ୍ଣ ଓ ଅଳ୍ପାୟୁ କରି ପକାଇଛି ଏବଂ ସମାଜକୁ ଜର୍ଜରୀତ କରୁଅଛି । ଯଥା ସମୟରେ ବିହିତ ଶିକ୍ଷାର ଅଭାବରୁ ଅଜ୍ଞତା ବଶତଃ ବର୍ତ୍ତମାନ ମନୁଷ୍ୟ ସମାଜର ଦାରୁଣ ଦୁର୍ଦ୍ଦଶା ଉପସ୍ଥିତ ହୋଇଅଛି ।

ଗୋଟିଏ ସ୍ତ୍ରୀଲୋକ ୯ ମାସ ୧୦ ଦିନରେ ପୂର୍ଣ୍ଣ ଗର୍ଭବତୀ । କିନ୍ତୁ ପ୍ରସବ ବେଦନା ଉପସ୍ଥିତ ହେଲେ ସୁଦ୍ଧା ଯଥା ସମୟରେ ସନ୍ତାନ ପ୍ରସବ କରି ନ ପାରିବାରୁ ଅସହ୍ୟ ଯନ୍ତ୍ରଣା ସହ୍ୟ କରିବାକୁ ଅକ୍ଷମ ହୋଇ ଶେଷରେ ଗର୍ଭସ୍ଥ ସନ୍ତାନ ସହ ଜୀବନରେ ପଡିତ ହେଲା । ଏ ଘଟଣା ଦେଶିବା ଦୂରେ ଥାଉ, ଶୁଣିଲା ମାତ୍ରକେ ଶରୀରରେ କମ୍ପ ଜାତ ହୁଏ । ଦୟାମୟ ପରମେଶ୍ୱରଙ୍କ କୃପାରୁ ସବୁ ସୁସ୍ଥରୁ ରୂପେ ପ୍ରତିପାଳିତ ହୋଇ ଥିଲେ ସ୍ତ୍ରୀଲୋକଟି ନିଜିଘରେ ନିରୋଗ ଦୀର୍ଘଜୀବୀ ସନ୍ତାନ

Download Odia Book https://Pathagara.blogspot.com

ଏସବ କର ସୁଖ ସ୍ୱଚ୍ଛନ୍ଦରେ କାଳ ଯାପନ କର ଥାଅନ୍ତା । କନ୍ତୁ ଦମ୍ଭତ ସେହ୍ନ ନିୟମ ଭଙ୍ଗ କରିଥିବା ହେତୁ ଏ ପ୍ରକାର ଦୁଦସ୍ୱ-ବ୍ଦାରକ ଶୋଚନୀୟ ଘଟଣା ଘଘଟିତ ହେଲ୍ଲ । ସ୍ତ୍ରୀଲୋକ-ମାନଙ୍କର ଗର୍ଭ ସମ୍ବନ୍ଧୀୟ ନିୟମ ଗ୍ରତ୍ତକ ଅଜ୍ଞତା ବଶତଃ ପ୍ରତ-ପାଳିତ ହେଉ ନ ଥିବାରୁ ଏହିପର ଦୁର୍ଘଟଣା ଅନେକ ସ୍ଥଳରେ ଲକ୍ଷିତ ହୁଏ, ବିଶେଷତଃ ଅଳକାଲ୍ ଭହିଁର ଆଡଶଯ୍ୟ ବଶତଃ ଏହି ପ୍ରକାର ବିଷମୟ ଫଳ ସଚରାଚର ଉତ୍ପନ୍ନ ହେବାର ଦେଖାଯାଏ ।

ଗୋଟିଏ ଶିଶୁ ଜନ୍ମାନ୍ଧ ହୋଇ ଭୂମିଷ୍ଠ ହେଲ୍ଲ । ଗର୍ଭାଧାନ ଓ ଗର୍ଭ ସମ୍ବନ୍ଧୀୟ ନିୟମ ଲଙ୍ଘନ ଅଥବା ଶିଶୁର ପୂର୍ବଜନ୍ମକୃତ ପାପ ଏହାର ମୂଳ କାରଣ । ଅନ୍ତ ଗୋଟିଏ ବାଳକ ଯୌବନର ପ୍ରାରମ୍ଭରେ ଯମପୁରକୁ ଗମନ କଲ୍ଲ । ଅନୁସନ୍ଧାନ କଲେ ନିଶ୍ଚୟ ଜଣା ଯିବ ଯେ, ତାହାର ପିତାମାତାଙ୍କର ବା ତାହାର ନିଜର ଶାସ୍ତ୍ରର ନିୟମ ଲଙ୍ଘନ ଦୋଷରେ ଏହି ଦୁର୍ଘଟଣା ଘଟିଅଛି ! ଏହିପର ଶୋଚନୀୟ ବ୍ୟାପାର ପୃଥିବୀରେ ଯେ ସଦା ସର୍ବଦା ଘଟୁଅଛି ତାହାର ଅନ୍ତ ସୀମା ନାହିଁ । କିନ୍ତୁ ମାନବର ଦେହ ଓ ମନ ସୁସ୍ଥ ନ ଥିଲେ ସେ କେଉଁକେଳେ ମନୁଷ୍ୟତ୍ୱ ଲାଭ କର-ବାକୁ ସମର୍ଥ ହେବ ନାହିଁ ।

ଅତଏବ ପରମେଶ୍ୱରଙ୍କ ମଙ୍ଗଳମୟ ନିୟମ ସବୁ ଅବଗତ ହୋଇ ପରମିତ ଆହାର, ବିହାର, ସୁଖ ସଭୋଗ ଓ ବିଶୁଦ୍ଧ ଆମୋଦ-ପ୍ରମୋଦ ଉପଭୋଗ କଲେ ଆମ୍ଭମାନଙ୍କର ଅକାଂକ୍ଷିତ ଉଦ୍ଦେଶ୍ୟ ଲାଭ ହେବ, ଏଥିରେ କୌଣସି ସନ୍ଦେହ ନାହିଁ ।

Download Odia Book https://Pathagara.blogspot.com

ବାଲ୍ୟକାଳରେ ଜ୍ଞାନଲବ୍ଧ ସଦ୍ଗୁରୁ ଯଦି ନିୟମାନୁଯାୟୀ ଅହାର ବିହାର କରାଯାଏ, ବ୍ୟଭିଚାରାଦି ନ ଯାହୁ ବରଂ ହେବାକୁ ହୁଏ, ତାହାହେଲେ ଆଜି ଆମ୍ଭମାନଙ୍କୁ ଦୁଃଖ, ଦାରିଦ୍ର୍ୟ, ରୋଗ, ଶୋକ, ଅକାଳ ମୃତ୍ୟୁ, ଶ୍ରୀଣଦୃଷ୍ଟି, ବୀର୍ଯ୍ୟହୀନତା ଓ ଯୌବନରେ ବାର୍ଦ୍ଧକ୍ୟ ପ୍ରଭୃତି ବିବିଧ ଉତ୍ପାତ ଭୋଗ କରିବାକୁ ପଡ଼ନ୍ତା ନାହିଁ । ଯାହା ହେଉ ଅଜ୍ଞାନତାପ୍ରଯୁକ୍ତ ଯେଉଁମାନେ ଅନିୟମିତ ବା ଅପରିମିତ ଇନ୍ଦ୍ରିୟ ପରିଚାଳନାଦ ଦୋଷଯୋଗୁ ଯୌବନରେ ବୃଦ୍ଧତ୍ୱ ପ୍ରାପ୍ତ ହୋଇ ଅଛନ୍ତି ବା ଦୁର୍ଜରତାଦ ବଶତଃ ସନ୍ତାନ ଉତ୍ପାଦନ କରିବାକୁ ଅସମର୍ଥ ହେଉଅଛନ୍ତି ସେମାନଙ୍କର ହିତ ନିମନ୍ତେ ଏ ପୁସ୍ତକରେ ସେହି ସମସ୍ତ ବିଷୟରେ ବିଶେଷ ଭାବରେ ଆଲୋଚିତ ହୋଇଅଛି । ପୁଣ୍ୟାତ୍ମା ରାଜା ଯଯାତି ଯେତେବେଳେ ଜରାଗ୍ରସ୍ତ ହୋଇ ପୁତ୍ରର ଯୌବନ ଗ୍ରହଣ ପୂର୍ବକ ଭୋଗ ବିଳାସରେ ପ୍ରବୃତ୍ତ ହୋଇଥିଲେ ତେତେ-ବେଳେ, ବର୍ତ୍ତମାନ ଯେଉଁମାନେ ଯୌବନରେ ବାର୍ଦ୍ଧକ୍ୟ ଅବସ୍ଥା ବା ଧ୍ୱଜରାଙ୍ଗତ୍ୱ ପ୍ରାପ୍ତ ହୋଇ ଭୋଗ ବିଳାସରୁ ବଞ୍ଚିତ ହେଉ-ଅଛନ୍ତି, କିମ୍ବା ସନ୍ତାନ ଉତ୍ପାଦନ କରିବାକୁ ଅସମର୍ଥ ହେଉ-ଅଛନ୍ତି ସେମାନେ ଯଦି ପୁନର୍ବାର ଯୌବନ ଦଶା ପ୍ରାପ୍ତ ହୋଇ ବିଶୁଦ୍ଧ ବିଳାସ ସୁଖ ଉପଭୋଗ କରନ୍ତି ବା କରିବାକୁ ଚେଷ୍ଟା କରନ୍ତି ତାହା ହେଲେ ଉହାଁରେ ଆଉ ଦୋଷର ବିଷୟ କିଛି ନାହିଁ ।

Download Odia Book https://Pathagara.blogspot.com

ଯୌବନ ରକ୍ଷା

ଯୌବନ ଜୀବନର ସୁଖ ଓ ଭୋଗର ସମସ୍ତ । ତାହାକୁ ରକ୍ଷା ଉଚିତ୍ ଏବଂ ଅଧିକ ଦିନ ସ୍ଥାୟୀ ଉଚିତ୍ ତାଇଁ ନର ନାସ୍ତି ମାତ୍ରକେ ବ୍ୟଗ୍ର । କିନ୍ତୁ ଆମ୍ଭମାନଙ୍କ ଦେଶରେ ଦୁର୍ଭାଗ୍ୟ ବଶତଃ ଯୌବନ ଯେତେବେଳେ ଆସେ, ପୁଣି ଯେତେବେଳେ ବା ଯାଏ ତାହା ନରନାସ୍ତିମାନେ ପ୍ରାୟ ଜେହ୍ନ ଜଲ୍‌ଦ୍‌ପି କରି ପାରନ୍ତି ନାହିଁ । ଆମ୍ଭମାନଙ୍କ ଦେଶରେ ପୂର୍ଣ୍ଣ-ଯୌବନ-ସମ୍ପନ୍ନା ରମଣୀ ଉଦାଚତ୍ ଦୃଷ୍ଟି ଗୋଚର ହୁଅନ୍ତି । ଉତ୍ସାହପୂର୍ଣ୍ଣ, ପ୍ରଫୁଲ୍ଲମୟ ଆନନ୍ଦରେ ମତ୍ତ, ଯୌବନ-ଉରଙ୍ଗରେ ଭାସମାନ ଯୁବକ ସୁଦ୍ଧା ଆମ୍ଭମାନଙ୍କ ଦେଶରେ ଅତି ଅଳ୍ପ ଦେଖିବାକୁ ମିଳନ୍ତି । ଯାହାକୁ ଆଜି କ୍ଷୁଦ୍ର ଦଶମବର୍ଷୀୟା ବାଳିକା ଦେଖିବ, ଦୁଇ ବର୍ଷ ପରେ ସେ ସୁଲଜାୟା ପ୍ରୌଢ଼ା ହୋଇଅଛି । ଆଜି ଯାହାକୁ କ୍ରୀଡ଼ାମତ୍ତ ବାଳକ ମାନ ଦେଖୁଁ ଦୁଇବର୍ଷ ପରେ ଯେତେବେଳେ ସେ ବ୍ୟକ୍ତ ସଂସାରରେ ପ୍ରବେଶ କରେ, ସେତେବେଳେ ତାହାର କପାଳରେ ଶିର୍ ପଡ଼ିଯାଏ ଚୁଡି ବସିଯାଏ, ବଦନରେ ଆନନ୍ଦ ବା ହାସ୍ୟର ଚିହ୍ନ ମାତ୍ର ନ ଥାଏ, ଯେପରି କି ତା ଶରୀରରେ ବାର୍ଦ୍ଧକ୍ୟ ଅସି ପ୍ରବେଶ କରିଅଛି । ଆମ୍ଭମାନଙ୍କ ଦେଶରେ ଏହିପରି ଅବସ୍ଥା ବୋଲି କଅଣ କହିବାକୁ ହେବ ଯେ, ଯୌବନ ଏପରି କ୍ଷଣସ୍ଥାୟୀ ? ଯେବେ ପୃଥିବୀରେ ସବୁ ଦେଶରେ ଏହିପରି ଦେଖାଯାନ୍ତା, ତେବେ ଅବଶ୍ୟ ସ୍ୱୀକାର କରିବାକୁ ହୁଅନ୍ତା; କିନ୍ତୁ ତାହା ତ ଦେଖାଯାଏ ନା । ଗୁଲଣି ବର୍ଷ ବୟସ୍କା ଇଂରାଜ ରମଣୀ ଯୌବନ-ଲାବଣ୍ୟରେ ଧାତ୍ରିମୟୀ ବଳ ଦେଖାଯାନ୍ତି କାହିଁକି ? ତା'ର ହୃଦୟରେ ଯୌବନର ତେଜ, ଉତ୍ସାହ, କଳ୍ପନା,

LIBRARY

Download Odia Book https://Pathagara.blogspot.com

Download Odia Book https://Pathagara.blogspot.com

ମଉଜ, କିଛି ମାତ୍ର ହ୍ରାସ ପାଏ ନାହିଁ, ଏବଂ ତାହାର ଶରୀରରେ ଯୌବନ ଚିହ୍ନ ସବୁ ବିଲୁପ୍ତ ହୁଏ ନାହିଁ । ସେ ଗୋଟିଏ ବର୍ଷ ବୟସରେ ସୁନ୍ଦା ଷୋଡ଼ଶୀ ପତ୍ନୀ । ଏଣେ ଆମ୍ଭମାନଙ୍କ ଦେଶରେ ଭେର ବର୍ଷର ବାଳକା ତାହାର ଯୌବନ ପ୍ରସ୍ଫୁଟିତ ହେବା ପୂର୍ବରୁ ସନ୍ତାନର ମାତା ହୋଇ ଗୋଟିଏ ବର୍ଷ ବୟସ ମଧ୍ୟରେ ବହୁ ପ୍ରସବ ପ୍ରସବ କରିଥାନ୍ତି । ଅତଏବ ଏ ଦୁଃଖ ପ୍ରପୀଡିତ ଦେଶରେ ସୁଖର ହୃଦୟ କିପରି ହେବ ? ବିଲାତର ଜଣେ ପଚାଶ ବର୍ଷ ବୟସ୍କର ବ୍ୟକ୍ତି, ଆମ୍ଭମାନଙ୍କ ଦେଶର କୋଡିଏ ବର୍ଷ ବୟସର ଯୁବକଠାରୁ ଅଧିକ ଉତ୍ସାହୀ, ଭାର୍ଯ୍ୟାଭକ୍ତ, ବଳିଷ୍ଠ ଏବଂ ତାହାର ହୃଦୟର ଉତ୍ସାହ ଓ ଆନନ୍ଦ ଅପରିସୀମ । ସେମାନଙ୍କ ପ୍ରାଣରେ ଯେତେ ଫୂର୍ତ୍ତି, ଯେତେ ଆନନ୍ଦ । ଆମ୍ଭମାନଙ୍କ ହୃଦୟରେ ମଉଜର ଏକାନ୍ତ ଅଭାବ । ଯଦି ହୃଦୟରେ ପ୍ରଚୁର ମଉଜ ଥାନ୍ତା, ତେବେ ଆମ୍ଭେମାନେ ଇଂରାଜଙ୍କ ପରି ଆମୋଦ-ପ୍ରମୋଦ କରିବାକୁ କୁଣ୍ଠିତ ହୁଅନ୍ତୁ ନାହିଁ । ଆମ୍ଭେମାନେ ଚାରିଶି ବର୍ଷ ବୟସରେ ବୁଢ଼ା, ଆଉ ଇଂରାଜମାନେ ଷାଠିଏ ବର୍ଷ ବୟସରେ ମଧ୍ୟ ଯୁବକ । ଆମ୍ଭେମାନେ ଯେତେବେଳେ ପ୍ରତିଦିନ ମୃତ୍ୟୁକୁ ଅପେକ୍ଷା କରୁଁ, ଇଂରାଜମାନେ ସେତେବେଳେ ମହାନନ୍ଦରେ ବିବାହ କରି ପରମ ଉତ୍ସାହରେ ସଂସାରରେ ପ୍ରବେଶ କରନ୍ତି । ଆମ୍ଭମାନଙ୍କ ଏହି ଭାରତରେ ପୂର୍ବକାଳରେ ମଧ୍ୟ ଦୀର୍ଘାୟୁ ପୂର୍ଣ୍ଣ ଯୌବନ ବଳିଷ୍ଠ ଥିଲେ । ସେମାନଙ୍କ ଭଳି ଆମ୍ଭେମାନେ ଅନୁସରଣ କରିବାରୁ ଆଜି ଏହି ଦଶା ।

ଏ ପୃଥିବୀରେ ଦ୍ରବ୍ୟର କ୍ଷୟ ହୁଏ କେଉଁ ସକାଶେ ? ଏ ସଂସାରରେ କୌଣସି ଦ୍ରବ୍ୟ ସ୍ଥାୟୀ ନୁହେଁ, ସବୁ ଧ୍ୱଂସପ୍ରାପ୍ତ

Download Odia Book https://Pathagara.blogspot.com

ହୁଏ। କନ୍ତୁ କେଉଁପରି ଭାବରେ ଧ୍ୱଂସପ୍ରାପ୍ତ ହୁଏ ? ଆମ୍ଭେମାନେ ଦେଖି ପାରୁଅଛୁ ଏ ଜଗତରେ ସମସ୍ତ ପଦାର୍ଥ ଚକ୍ଷୁ ପର୍ ଘୂର୍ଣ୍ଣାୟ୍ୟ-ମାନ, ତେଣୁ ଦ୍ରବ୍ୟର କ୍ଷୟ ଅବଶ୍ୟମ୍ଭାବୀ । ଯେଉଁଠାରେ ଯେଉଁ ଦ୍ରବ୍ୟ ଦ୍ୱାରା ଯେତେ କାର୍ଯ୍ୟ ହୁଏ, ତାହାର ତେତେ କ୍ଷୟ ହୋଇଥାଏ ।

ଆମ୍ଭେମାନେ କନ୍ତୁ ମାନବ ଶରୀରର ଦୃଷ୍ଟାନ୍ତ ଦେଇ ଏହା ବୁଝାଇବୁ ।

ମାନବ ଶରୀର ଚଳୁଅଛୁ କାହର ? ଯେଉଁ ଦ୍ରବ୍ୟ ରକ୍ଷା କରିବା ନିମନ୍ତେ ଇଚ୍ଛା କରୁ, ସେ କାହର ନିୟମରେ ଚଳେ ଏହା ପୂର୍ବରୁ ଜାଣି ନ ଥିଲେ ସେ ଦ୍ରବ୍ୟକୁ ରକ୍ଷା କରିବା କେତେହେଁ ସମ୍ଭବପର ନୁହେଁ । ସେଥି ପାଇଁ ଜୀବନତତ୍ତ୍ୱକୁ (Physiology) ଯତ୍ନପୂର୍ବକ ଅନ୍ୱେଷଣ କରିଛନ୍ତି । ଆମ୍ଭେମାନେ ସମସ୍ତେ ଜାଣୁ ଯେ ଶରୀରଧାରଣ ନିମନ୍ତେ ଆମ୍ଭେମାନେ ଆହାର କରୁଁ । ଏହି ସମସ୍ତ ଆହାର୍ଯ୍ୟ ଦ୍ରବ୍ୟ ଆମ୍ଭମାନଙ୍କ ପାକସ୍ଥଳୀକୁ ଆସିଲେ, ଆମ୍ଭମାନଙ୍କ ହୃଦୟର ଦକ୍ଷିଣ ଦଗସ୍ଥିତ ଯକୃତ୍ (Liver) ଦେହରୁ ଏକପ୍ରକାର ଜଳୀୟପଦାର୍ଥ ନିର୍ଗତ ହୁଏ । ଏହାକୁ "ବାଇଲ" ବା ପିତ୍ତ କହନ୍ତି । ଏହି ବାଇଲ୍ ବା ପିତ୍ତ ପାକସ୍ଥଳୀ ସ୍ଥିତ ଆହାର୍ଯ୍ୟ ଦ୍ରବ୍ୟ ସହିତ ମିଶ୍ରିତ ହେବା ମାତ୍ରକେ ଏହାକୁ ତରଳ କରି ପକାଏ । ସେତେବେଳେ ଏହାର ଅସାର ଅଂଶ ମଳ ମୂତ୍ରରେ ପରିଣତ ହୋଇ ବହିର୍ଗତ ହୋଇଯାଏ ଏବଂ ସାର ଅଂଶ ରକ୍ତରେ ପରିଣତ ହୋଇ ଶିର୍ ବାଟ ଦେଇ କ୍ରମେ ହୃଦପୃଷ୍ଠ ଫୁସ୍ ଫୁସ୍ ଭିତରକୁ ଆସେ । ତେତେବେଳେ ଆମ୍ଭେମାନେ ନିଶ୍ୱାସ

Download Odia Book https://Pathagara.blogspot.com

ଦ୍ୱାରା ବାହାରର ବାୟୁ ସେବନ କର ଏହା ରକ୍ତ ସହିତ ମିଶ୍ରିତ କର ଦେଉଁ, ତେଣୁ ରକ୍ତ ପରିଷ୍କୃତ ହୋଇଯାଏ । ଏହାର ନାଇଟ୍ରିତ ଅଂଶ (Nitrogen) ପ୍ରଶ୍ୱାସ ଦ୍ୱାରା ଆମ୍ଭେମାନେ ବାହାରକୁ ବାହାର କର ଦେଇ ଏବଂ ବାହାରର ଶୁଦ୍ଧ ବାୟୁ ସହିତ ଶ୍ୱାସ ଦ୍ୱାରା (Oxygen) ଗ୍ରହଣ କର ପ୍ରତି ମୁହୂର୍ତ୍ତରେ ରକ୍ତ ପରିଷ୍କାର କରୁଅଛୁ । ଏହି ପରିଷ୍କୃତ ରକ୍ତ ଶିଘ୍ର ବାଟେ ସମସ୍ତ ଶରୀରରେ ବ୍ୟାପ୍ତ ହୋଇ ଆମ୍ଭମାନଙ୍କ ଦେହରେ ତେଜ ଓ ବଳ ସଞ୍ଚାର କରୁଅଛୁ । କିନ୍ତୁ ଯଦି କଣେ ମନୁଷ୍ୟ ନ ହଲ ଦବା ଗଦି ଉପରେ ବାବରେ ବସିଥାଏ, ତାହା ହେଲେ ତାହାର ଅଳ୍ପ ଅଧିକ ଆହାରର ପ୍ରୟୋଜନ ହୁଏ ନାହିଁ । କାରଣ ତାହାର ଅଙ୍ଗର କୌଣସି ପ୍ରକାର ସଞ୍ଚାଳନ ନ ହେବାରୁ ତାହା କ୍ଷୟ ପ୍ରାପ୍ତ ହୁଏ ନାହିଁ, ସୁତରାଂ ରକ୍ତ ସେହି ଅଙ୍ଗକୁ ପ୍ରବାହିତ ହେବାର ଆବଶ୍ୟକ ହୁଏ ନାହିଁ । ଏହିପରି ଭାବରେ ଜମେ ତାହାର ମୃତ୍ୟୁ ହୁଏ । ଯେପରି ପୃଷ୍ଠରିଣୀ ମଧ୍ୟରୁ ଏକ ସ୍ଥାନର ଜଳ ଉଠାଇ ନେଲେ ଚତୁପାର୍ଶ୍ୱସ୍ଥ ଜଳ ସେହି ସ୍ଥାନରେ ଆସି ଜମା ହୋଇ ପଡ଼େ, ରକ୍ତ ସମ୍ବନ୍ଧରେ ମଧ୍ୟ ଠିକ ଏହିପରି । ହସ୍ତପଦ ସଞ୍ଚାଳନ ଯୋଗୁ ସେହି ସ୍ଥାନର ରକ୍ତ କ୍ଷୟ ପ୍ରାପ୍ତ ହୋଇଯାଏ । ତୁରନ୍ତ ସେହି ସ୍ଥାନର ରକ୍ତର ଅଭାବ ପୂର୍ଣ୍ଣ କରିବା ପାଇଁ ସେହି ଅଙ୍ଗକୁ ରକ୍ତ ପ୍ରବାହିତ ହେବାକୁ ଆରମ୍ଭ ହୁଏ ଏହିପରି ଶରୀରରେ ଜମେ ନୂତନ ରକ୍ତର ଆବଶ୍ୟକ ହୁଏ । ପୁଣି ଆହାର କଲେ ପୁନଶ୍ଚ ଶୋଣିତ ପ୍ରସ୍ତୁତ ହୋଇ ପୂର୍ବପରି ଶରୀରକୁ ସବଳ ରଖେ ।

ତାହା ହେଲେ ଏହା ଦ୍ୱାରା ବୁଝା ଯାଉଛି ଯେ ବ୍ୟବହାର ଦ୍ୱାରା ଶରୀର କ୍ଷୟ ହୁଏ । ସୁତରାଂ ଯୌବନ ମଧ୍ୟ ବ୍ୟବହାର

Download Odia Book https://Pathagara.blogspot.com

ଦ୍ୱାରା କ୍ଷୟପ୍ରାପ୍ତ ହୁଏ । ଶରୀରକୁ ଅତ୍ୟଧିକ ପରିମାଣରେ ପରିଶ୍ରମ କରାଇଲେ ବା ଶରୀର ଉପରେ ନାନାପ୍ରକାର ଅତ୍ୟାଚାର କଲେ, ସହଜପ୍ରକାର ପୁଷ୍ଟିକର ଆହାରରେ ପୂରା ଶରୀରକୁ ଆଉ ସବଳ କରାଯାଇ ପାରେ ନାହିଁ । ତେଣୁ ଶରୀର କ୍ରମେ କ୍ଷୀଣ ହୋଇ ଶରତାଳ ନାମନ୍ତେ ବ୍ୟାଧି ମନ୍ଦିରରେ ପରିଣତ ହୋଇ, ଅବଶେଷରେ ଏକାବେଳକେ ଧ୍ୱଂସ ପ୍ରାପ୍ତ ହୋଇଯାଏ । ସୁତରାଂ ଏହା ଦ୍ୱାରା ସ୍ପଷ୍ଟ ବୁଝାଯାଇଛି ଯେ ଅତ୍ୟଧିକ ବ୍ୟବହାର ଦ୍ୱାରା ପଦାର୍ଥର କ୍ଷୟ ହେବାର ପ୍ରଥମ ଓ ପ୍ରଧାନ କାରଣ । ଯୌବନ ସମ୍ବନ୍ଧରେ ମଧ୍ୟ ଠିକ୍ ସେହିପରି ।

ଆମେମାନେ ପୂର୍ବରୁ କହିଅଛୁ, ଯୌବନର ଉପଯୁକ୍ତ ସମୟରେ ଯୌବନ ନ ହେଲେ, ସେ ଯୌବନ କେଉଁକେଲେ ସ୍ଥାୟୀ ହୁଏ ନାହିଁ । ପୁଣି ଉପଯୁକ୍ତ ସମୟରେ ଯୌବନ ହେଲେ ମଧ୍ୟ ଅତ୍ୟଧିକ ଅପବ୍ୟୟ ହେତୁ ତାହା କ୍ଷୟ ହୋଇଯାଏ । ଏଠାରେ ପ୍ରଶ୍ନ ଉଠିପାରେ—ଯୌବନର ପୁଣି କ୍ଷୟ କ'ଣ ? ମଉଜାର ଅତ୍ୟଧିକ ଉତ୍ତେଜନା ହେଲେ ଯୌବନର କ୍ଷୟ ହୁଏ । ଯେପରି ଶରୀରର ଅଙ୍ଗ ସଞ୍ଚାଳନ କଲେ ରକ୍ତ କ୍ଷୟ ହେବାରୁ ନୂଆ ରକ୍ତର ଆବଶ୍ୟକ ହୁଏ, ସେହିପରି ହୃଦୟ ଓ ମନର ବୃତ୍ତି ସମୂହର, ବିଶେଷତଃ ମଉଜାର ଉତ୍ତେଜନା ହେଲେ, ଶରୀରରେ ଉତ୍ତଉ ପ୍ରବାହର ଅଭାବ ହୁଏ । ମଉଜାର ଅତ୍ୟଧିକ ଉତ୍ତେଜନା ହେଲେ ଶରୀରର ଉତ୍ତଉ ପ୍ରବାହ କ୍ଷୟ ବଶତଃ ଯେ ଅଭାବ ଜନ୍ମେ ତାହା ପୂର୍ଣ୍ଣ କରିବାକୁ ଅକ୍ଷମ ହୁଏ । କ୍ରମେ ଶରୀର ଦୁର୍ବଳ ଓ ମନ ନାସ୍ତେଜ ହୋଇ ପଡ଼େ ।

Download Odia Book https://Pathagara.blogspot.com

ଯୌବନରେ ସ୍ୱଭାବତଃ ସମସ୍ତ ବୃତ୍ତିର ପ୍ରାବଲ୍ୟ ଜନ୍ମେ । ବିଶେଷତଃ ନରନାଗ୍ ପ୍ରଜ ଉତ୍ପାଦନ କରିବାକୁ ସକ୍ଷମ ବୋଲି ବିଧାତାଙ୍କ ଅନିର୍ବଚନୀୟ ବିଧାନ ଯୋଗୁ ନରନାଗ୍‌ଙ୍କ ହୃଦୟରେ ଇନ୍ଦ୍ରିୟ-ପ୍ରବୃତ୍ତି ପ୍ରବଳ ହୁଏ । ଇନ୍ଦ୍ରିୟ-ପ୍ରବୃତ୍ତି ପ୍ରବଳ ହେଲେ ଏବଂ ଉକ୍ତ ପ୍ରବୃତ୍ତିକୁ ପ୍ରଶ୍ରୟ ଦେଲେ ମତ୍ତତା ଯେପରି ଜ୍ୱରରେ ହୃଦୟରେ ଉତ୍ତେଜନ ହୁଏ, ସେପରି ଅନ୍ୟ କୌଣସିଥିରେ ହୁଏ ନାହିଁ । ଏହି ପ୍ରବୃତ୍ତିକୁ ଯେ ଯେତେ ପ୍ରଶ୍ରୟ ଦେବ, ତାହାର ଶୁକ୍ରର ଉତ୍ତିଜ୍ ପ୍ରବାହ ତେତେ ବେଶି କ୍ଷୟ ହେବ । ସୁତରାଂ ତା'ର ଶୁକ୍ରର ବଳ ଶୀଘ୍ର ହ୍ରାସ ହୋଇ ଯୌବନ ଦେଖୁ ଦେଖୁ ଚାଲି ଯିବ । ଯାହାର ବିବାହ ଜରୁ ହୋଇ ନାହିଁ ଏବଂ ଯେ ଇନ୍ଦ୍ରିୟ ପ୍ରବୃତ୍ତିକୁ ଦମନ କରି ରଖିପାରେ, ତାହାର ଯୌବନ ସ୍ଥାୟୀ ହୁଏ । ଏହି କାରଣରୁ ଅମ୍ମମାନଙ୍କ ଦେଶର ବହୁ ବାଳବିଧବାଙ୍କୁ ବହୁ ବର୍ଷ ପର୍ଯ୍ୟନ୍ତ ଯୌବନ ବିଭବରେ ବିଭୂଷିତ ଦେଖିପାରୁ । ଯେ ଯୌବନ ରକ୍ଷା କରିବାକୁ ଇଚ୍ଛା କରନ୍ତି, ଯେ ଯୌବନର ପ୍ରକୃତ ସୁଖ ଉପଭୋଗ କରିବାକୁ ଚାହାନ୍ତି, ଯେ ଯୌବନର ଆନନ୍ଦ ସ୍ଥାୟୀ ଭାବରେ ଭୋଗ କରିବାକୁ ଇଚ୍ଛା କରନ୍ତି, ସେମାନଙ୍କୁ ଆମ୍ଭେମାନେ କହୁ, ଇନ୍ଦ୍ରିୟ ପ୍ରବୃତ୍ତିକୁ ଦମନ କର, ଅସମୟରେ ବା ଅକାଳରେ ଯୌବନ ସୁଖରୁ ବଞ୍ଚିତ ହେବାକୁ ପଡିବ ନାହିଁ ଏବଂ ଶୁକ୍ରର ଅଧ୍ୟ ବ୍ୟାଧିମନ୍ଦର ହେବ ନାହିଁ, ଅଳ୍ପ ବୟସରେ ବୃଦ୍ଧ ହୋଇ ସଂସାରର ସବୁ ପ୍ରକାର ଭୋଗ ଓ ସୁଖରୁ ବଞ୍ଚିତ ହେବାକୁ ପଡିବ ନାହିଁ ଏବଂ ଅକାଳରେ ବା ଅସମୟରେ କାଳକବଳରେ ପତିତ ହେବାକୁ ପଡିବ ନାହିଁ ।

Download Odia Book https://Pathagara.blogspot.com

କିନ୍ତୁ କେବଳ ଇନ୍ଦ୍ରିୟ ପ୍ରବୃତ୍ତିକୁ ଦମନ କଲେ ଯେ ଏକାଂଶ ସମ୍ଭବ ହେବ, ଏ କଥା ଯେପରି କେହିନ ଭାବନ୍ତୁ। କାରଣ ଅନ୍ୟ ସହସ୍ର ପ୍ରକାରରେ ଶକ୍ତିର କ୍ଷୟ ହେବା ସମ୍ଭବ ଏବଂ ପ୍ରତିଦିନ ନଇନାସ୍ତମାନେ ମଧ୍ୟ ତାହା ଭୋଗ କରୁ ଅଛନ୍ତି । ଶରୀରରେ ଉପଯୁକ୍ତ ପରିମାଣରେ ଶୋଣିତ ଓ ଉତ୍ତଉ ପ୍ରବାହର ହ୍ରାସ ଏବଂ ସେହି ହ୍ରାସକୁ ପୂରଣ କରିବା ମନୁଷ୍ୟ ମାତ୍ରଙ୍କ କର୍ତ୍ତବ୍ୟ। ଏହା କରି ପାରିଲେ ସ୍ୱାସ୍ଥ୍ୟ ରକ୍ଷା ହୁଏ ଏବଂ ଉତ୍ତ୍ୱଙ୍କ ଯୌବନ ରକ୍ଷା ହୁଏ । ଏଥି ପୋଷ୍ଟ ମଧ୍ୟ ଦୀର୍ଘଜୀବନ ଲାଭ ହୁଏ ।

ଯୌବନ ରକ୍ଷା କରିବା ନମନ୍ତେ ଶିକ୍ଷାର ଆବଶ୍ୟକତା

ଶୈଶବାବସ୍ଥାରୁ ବାଳକ ବାଳିକାମାନଙ୍କୁ ସତ୍ୟ କଥା କହିବାକୁ ଓ ପିତାମାତା ପ୍ରଭୃତି ଗୁରୁଜନଙ୍କ କଥାରେ ବଶୀଭୂତ ହୋଇ ଚଳିବାକୁ ବିଶେଷରୂପେ ଶିକ୍ଷା ଦେବା କର୍ତ୍ତବ୍ୟ। ଆଉ ସେମାନେ ଯେପରି କୌଣସି କୁସଂସର୍ଗରେ ପଡ଼ି ନ ପାରନ୍ତି, ତହିଁ ପ୍ରତି ୫ ବର୍ଷ ବୟସ ବେଳୁ ବିଶେଷ ଦୃଷ୍ଟି ଦେବାକୁ ହେବ। କୁସଙ୍ଗରେ ରହି ଓ କୁସଙ୍ଗରେ ବାସକରି ବାଳକ ବାଳିକାମାନେ କିପରି ବିକୃତ ଚରିତ୍ର ପ୍ରାପ୍ତ ହୁଅନ୍ତି, ନମ୍ନରେ ତାହାର ଦୃଷ୍ଟାନ୍ତ ପ୍ରଦର୍ଶନ କରାଗଲା।

ଗୃହିବର୍ଷ ବୟସର ଗୋଟିଏ ବାଳକ ପଢ଼ିବାକୁ ଆରମ୍ଭକର ପାଞ୍ଚବର୍ଷ ବୟସ ସମୟରେ ବିଦ୍ୟାରମ୍ଭରୂପେ ଲେଖାପଢ଼ା କରିବାକୁ ଲାଗିଲା । କିନ୍ତୁ ଏହି ଗୋଟିଏ ବର୍ଷ ମଧ୍ୟରେ ବାଳକଟି ମନଯୋଗ

Download Odia Book https://Pathagara.blogspot.com

ସହଜ ଅଧ୍ୟୟନ ଇତ୍ୟାଦି ଜିନିଷରେ ଜ୍ଞାନ ଲାଭ କରିଥିଲା । ତତ୍ପରେ ଚୌଦ୍ଦ ବର୍ଷ ବୟସର ବାଳକ ତାହାର ସଙ୍ଗୀ ଓ ସହପାଠୀ ମିଳିଲା । ସେହି ଦିନଠାରୁ ଏହି ବାଳକ ଏହା ସଙ୍ଗ ଦୋଷରୁ ଏତେ ଖରାପ ଏତେ ମନ୍ଦ ହୋଇ ପଡ଼ିଲା ଯେ ସେ ଆଉ ଲେଖାପଢ଼ାରେ ଅଦୌ ମନଯୋଗ ଦେଲା ନାହିଁ । କେବଳ ଖେଳିବାରେ ସମୟ କଟାଇଲା । ତାହାର ଅଭିଭାବକମାନେ ବିଶେଷ ଶାସନ ଓ ତାଡ଼ନାଦି କରି ସୁଦ୍ଧା କୌଣସି ଉପାୟରେ ତାହାକୁ ଆଉ ଲେଖାପଢ଼ାରେ ମନୋନିବେଶ କରାଇ ପାରିଲେ ନାହିଁ । ସେ ବଣରେ ବୁଦାରେ ପକ୍ଷୀ ଶାବକ ଧରିବା ଉଦ୍ଦେଶ୍ୟରେ ବୁଲିଲା ଏବଂ କେବଳ ଖେଳି ବୁଲି ସମୟ କଟାଇଲା । ପୁଣି ଅଭ୍ୟନ୍ତ ଅବାଧ୍ୟ ଓ ଅବଶୀଭୂତ ହୋଇ ପଡିଲା । ବର୍ଷକ ମଧ୍ୟରେ ସେ ଯେଉଁ ଲେଖାପଢ଼ା ଶିଖିଥିଲା ତାହା ସମସ୍ତ ଭୁଲିଗଲା । ତତ୍ପରେ ୮ ବର୍ଷ ବୟସ ବେଳେ ସେ ହସ୍ତ ମୈଥୁନ ଆରମ୍ଭ କଲା । କ୍ରମେ କ୍ରମେ ଏହା କୁ ଅଭ୍ୟାସର ଜୀଉଦାସ ହୋଇ ପଡିଲା, ତେଜେବେଳେ ସେ ନାନାପ୍ରକାର ଶାସନ ଓ ତାଡ଼ନାରେ ସୁଦ୍ଧା ସେଥିରୁ ବିରତ ହେଲା ନାହିଁ । କି ସର୍ବନାଶ କଥା ! ଏହି ଦୋଷରୁ ବାଳକମାନେ ଅଳ୍ପ ବୟସରେ ନିଜ ଦୋଷରୁ ନିଜେ ସର୍ବନାଶରେ ପଡ଼ନ୍ତି । ଏପରି ବଦଭ୍ୟାସ ଓ ଶାସ୍ତ୍ରିକ ନିୟମ ଲଙ୍ଘନ ଏବଂ ପାପ ଭାର୍ଯ୍ୟର ପରିଣାମ ଯେ କିପରି ଭୟାନକ ହୁଏ, ବାଳକମାନେ ପୂର୍ବରୁ ଯଦି ତାହା ଜାଣି ପାରନ୍ତେ, ତାହା ହେଲେ ସେମାନେ ସ୍ୱାସ୍ଥ୍ୟଭଙ୍ଗର ପ୍ରଧାନ କାରଣ ଏହି ଘୃଣିତ ପାପ କର୍ମରେ ପ୍ରବୃତ୍ତ ହୁଅନ୍ତେ ନାହିଁ । ପାପ କର୍ମର ସମ୍ବାଦ ଯେତେ ଗୁପ୍ତରେ ଥାଏ ସେତେ ଭଲ, କିନ୍ତୁ ଯେଉଁ ପାପ

Download Odia Book https://Pathagara.blogspot.com

ସଂକ୍ରାମକ ହୋଇ ସମସ୍ତଙ୍କୁ ଆକ୍ରମଣ କରେ, ଯେଉଁ ପାପରେ ମନୁଷ୍ୟ ସମାଜ ଉଚ୍ଛନ୍ନ ହୋଇ ଯାଆନ୍ତି, ତାହା ପ୍ରକାଶ ପୂର୍ବକ ସମସ୍ତଙ୍କୁ ସତର୍କ କର ତାହାର ପ୍ରତିକାରର ଚେଷ୍ଟା କରିବା ଉଦ୍ଦେଶ୍ୟରେ ଦୋଷାବହ ହୁଏ ।

ରକ୍ତ ଆମ୍ଭମାନଙ୍କର ଶରୀର, ରକ୍ତ ଆମ୍ଭମାନଙ୍କର ପ୍ରାଣ, ରକ୍ତ ଆମ୍ଭମାନଙ୍କର ମାଂସ, ରକ୍ତ ଆମ୍ଭମାନଙ୍କର ହାଡ଼, ରକ୍ତ ଆମ୍ଭମାନଙ୍କର ମଜ୍ଜା ଓ ଶରୀରର ମୂଳଉତ୍ତି ଏବଂ ବୃଦ୍ଧିଦାତା । ପ୍ରଥମେ ମନୁଷ୍ୟ ଯେତେବେଳେ ଗର୍ଭରେ ଜନ୍ମେ, ତେତେବେଳେ ସେ ରକ୍ତ, ପରେ ରକ୍ତପିଣ୍ଡ, ତତ୍ପରେ କ୍ରମାନ୍ୱୟରେ ସେହି ରକ୍ତ, ଅସ୍ଥି, ମାଂସ, ନଖ ଓ କେଶ ରୂପରେ ପରିଣତ ହୁଏ । ଏହି ରକ୍ତ ରୂପ ଭିତ୍ତିମୂଳ ଉପରେ ଆମ୍ଭମାନଙ୍କର ଦେହ ଓ ଜୀବନ ସଂସ୍ଥାପିତ ରହିଅଛି । ସେହି ରକ୍ତ ପୁଣି ଆମ୍ଭମାନଙ୍କ ଭୁକ୍ତ ଖାଦ୍ୟ ଦ୍ରବ୍ୟରୁ ଉତ୍ପନ୍ନ ହୁଏ । ସୁତରାଂ ଶୋଣିତ ଆମ୍ଭମାନଙ୍କର ବଳ, ବୀର୍ଯ୍ୟ ଓ ପରାକ୍ରମର ମୂଳ । ଶୋଣିତ ପରିପକ୍ୱ ହୋଇ ନର ଦେହରେ ଶୁକ୍ରର ଉତ୍ପତ୍ତି ହୋଇ ଥାଏ । ହସ୍ତମୈଥୁନ ଦ୍ୱାରା ବାଳକମାନେ ସେହି ଶୁକ୍ର କ୍ଷୟ କର ଭିତ୍ତିମୂଳ ସହ ଦେହ ଭଗ୍ନ କର ପକାଉଅଛନ୍ତି । ଆମ୍ଭମାନଙ୍କ ଦେହରେ ଯେ କୌଣସି ରୋଗ ଉତ୍ପନ୍ନ ହେଲେ ପଚ୍ଚଇ, ସେ ସମସ୍ତ ରକ୍ତ ବିକୃତ ଦୋଷରୁ ହୁଏ । ଅପରିଣାମଦର୍ଶୀ ହତଭାଗ୍ୟ ବାଳକମାନେ ହସ୍ତମୈଥୁନ ଦ୍ୱାରା ରକ୍ତ ବିକୃତ କର ପୁଣି ନାନା ରୋଗରେ ରୁଗ୍ଣ ହେଉଅଛନ୍ତି । ସେମାନଙ୍କର ଦେହ ଜଞ୍ଜାଳସାର ହେଉ-ଅଛି । ପୁଣି କେହି କେହି ଏପରି ଦୁର୍ଭାଗା ଯେ ଏକାବେଳକେ

Download Odia Book https://Pathagara.blogspot.com

୬।୭ ମାସ, କେହି କେହି ବା ବର୍ଷକ ପର୍ଯ୍ୟନ୍ତ ଏହିପରି ହସ୍ତ ମୈଥୁନ କରି କଠିଣ ପୀଡାରେ ଅଜ୍ଞାନ୍ତ ହୋଇ ବିଶେଷ ଭଠୋର ଯନ୍ତ୍ରଣା ଭୋଗ କରି କରି ଅସମୟରେ କାଳକବଳରେ ପଡନ୍ତ ହେଉଅଛନ୍ତି । ପୁଣି କେହି କେହି ଶୀଘ୍ର ମୃତ୍ୟୁ ମୁଖରେ ପଡନ୍ତ ନ ହେଲେ ମଧ୍ୟ ନିଜ ନିଜ ଦୁଷ୍କର୍ମର ଫଳ ହେଉଛୁ ରୋଗର ଯନ୍ତ୍ରଣା ଭୋଗ କରି କିଛି ଦିନ ପାଇଁ ଜୀବନ୍ମୃତ ହୋଇ ଥାଅନ୍ତି ।

ମନୁଷ୍ୟମାନେ ଯେ କ୍ରମେ କ୍ରମେ ଅଳ୍ପାୟୁ, ସ୍ନାନବୀର୍ଯ୍ୟ, ଦୁର୍ବଳ, ପୀଣଦୃଷ୍ଟି ଓ ସ୍ୱଳ୍ପାହାରୀ ହେଉଅଛନ୍ତି ଏବଂ ସେମାନଙ୍କର ସନ୍ତାନ ସନ୍ତତି ଯେ ଅଳ୍ପ ବୟସରେ ପ୍ରାଣତ୍ୟାଗ କରୁ ଅଛନ୍ତି, ବାଲ୍ୟକାଳରେ ଏହି ହସ୍ତମୈଥୁନ-ରୂପକ ମହା ପାତକ ଏହାର ପ୍ରଧାନ କାରଣ । ଏହି ମହା ପାତକ କପଟ ବେଶରୁ ହୃଗ୍ଭୂତ ହେବ, ତାହାର ଉପାୟ ବିଧାନ କରିବା, ବାଳକମାନଙ୍କୁ ସର୍ବଦା ସାବଧାନରେ ରଖିବା ପ୍ରତ୍ୟେକ ବୟସ୍କ ବ୍ୟକ୍ତିର ଏକାନ୍ତ କର୍ତ୍ତବ୍ୟ । ଏହି ହସ୍ତମୈଥୁନ ହେତୁ ଯୁବାବୟସରେ ରକ୍ତଶକ୍ତିର ହ୍ରାସ ହୁଏ । ଏଣୁ ମାନବଜୀବନରେ ଘୋରତର ପରିବର୍ତ୍ତନ ହେବାକୁ ଆରମ୍ଭ ହୁଏ । ଏହି ସମୟରେ ମାନବ ବହୁ ରୋଗରେ ଅଜ୍ଞାନ୍ତ ହୋଇ ଥାଏ; ସୁତରାଂ ଯଦ୍ଦ୍ୱାରା ଏହି ସମସ୍ତ ଦୁର୍ଘଟଣା ସଂଘଟିତ ହୋଇ ନ ପାରେ, ସେ ବିଷୟରେ ଯତ୍ନବାନ ହେବା ପ୍ରତ୍ୟେକ ନରନାରୀର ଅବଶ୍ୟ କର୍ତ୍ତବ୍ୟ ।

ଅଷ୍ଟମ ବର୍ଷ ବୟଃ ପ୍ରାପ୍ତ ହେଲେ ହିନ୍ଦୁ ଓ ମୁସଲମାନ ବାଳକମାନଙ୍କର ଉତ୍ସଚ୍ଛେଦ କରିବା ପ୍ରଥା ପ୍ରଚଳିତ ଅଛି ।

Download Odia Book https://Pathagara.blogspot.com

ବାଇବେଲ୍ ଓ ଭୋଗ୍ୱନରେ ଏହା ବ୍ୟବସ୍ଥା ସ୍ପଷ୍ଟ ଅକ୍ଷରରେ ଲିଖିତ ହୋଇ ଅଛୁ । ବୋଧ ହୁଏ ହସ୍ତମୈଥୁନ ପାପ ଦୂର କରିବା ଏହାର ପ୍ରଧାନ ଉଦ୍ଦେଶ୍ୟ ।

ପୂର୍ବେ ଆମ୍ଭମାନଙ୍କର ଏହି ପବିତ୍ର ଆର୍ଯ୍ୟଭୂମିରେ ଏ ହସ୍ତମୈଥୁନ ରୂପ ଜଘନ୍ୟ ପାପ ନ ଥିଲା; ଯଦି ଥାଆନ୍ତା ତେବେ ଋଷିମାନେ ଅବଶ୍ୟ ଏ ବିଷୟରେ କୌଣସି ସ୍ୱବ୍ୟବସ୍ଥା କରିଥାନ୍ତେ । ଏହା ବିଶ୍ୱାମିତ୍ରଙ୍କ ସୃଷ୍ଟି ବୋଲ୍ ଯେ ଗୋଷ୍ଠାଏ ପ୍ରଚାର ଅଛୁ, ତାହା ନିତାନ୍ତ ଅଲୀକ ଓ କାଳ୍ପନିକ ।

ଯାହା ହେଉ ଏହିପରି ଅସ୍ୱାଭାବିକ ରୂପେ ହସ୍ତମୈଥୁନ ସହସ୍ରବାର ସ୍ତ୍ରୀ ସହବାସ ଅପେକ୍ଷା ଅଧିକ ଅନିଷ୍ଟଜନକ । ବିଶେଷତଃ ବାଲ୍ୟକାଳରେ ଏପରି ହସ୍ତମୈଥୁନ ଯେ ଜୀବନ-ଘାତକର ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ଯଦିଚ ହସ୍ତ ମୈଥୁନକାରୀ ମାନବ କୌଣସି କାରଣରୁ ଶୀଘ୍ର ଶୀଘ୍ର ମୃତ୍ୟୁ ମୁଖରେ ନ ପଡି ବିବାହ କରି ଯୌବନ କାଳରେ ସନ୍ତାନ ଉତ୍ପାଦନ କରେ, ତାହା ହେଲେ ସୁଦ୍ଧା ନିଶ୍ଚୟ ସେ ସନ୍ତାନ-ସନ୍ତତିମାନେ ଅଳ୍ପ ବୟସରେ ମୃତ୍ୟୁ ମୁଖରେ ପତିତ ହୁଅନ୍ତି ।

ଏହିପରି ଅତ୍ୟନ୍ତ ଲଜ୍ଜା ଓ ଘୃଣାଜନକ ପାପକାର୍ଯ୍ୟ ଦ୍ୱାରା ବାଳକମାନେ ଯେଉଁ ଭୟଙ୍କର ରୋଗ ଦ୍ୱାରା ଆକ୍ରାନ୍ତ ହୁଅନ୍ତି, ତାହାର ପ୍ରତିବିଧାନ ବିଷୟ ପରବର୍ତ୍ତି ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛୁ ।

ସଙ୍ଗଦୋଷ ହେତୁ ଅଧିକାଂଶ ବାଳକ-ବାଳିକାଙ୍କର ଏହି-ପରି ଅଧଃପତନ ଘଟେ । ବାଲ୍ୟ ଶିକ୍ଷା ସମୟରେ ସତ୍‌ସଙ୍ଗ

Download Odia Book https://Pathagara.blogspot.com

ନ ମିଳିଲେ ବାଳକମାନେ ନଷ୍ଟସ୍ୱ କୁପଥଗାମୀ ହେବେ । ସତ୍-ସ୍ୱଭାବ ଓ ସତ୍ଦୃଷ୍ଟାନ୍ତ ଅନୁକରଣ କରିବାକୁ ଇଚ୍ଛା ହୁଏ ସତ୍ୟ କିନ୍ତୁ ଅସତ୍ ଦୃଷ୍ଟାନ୍ତକୁ ଚକ୍ଷି ସମ୍ମୁଖରେ ଦେଖିଲେ, ମନୁଷ୍ୟର ମନର ଗତି ଏପରି ଯେ, ସେ ଅସତ୍ ବିଷୟକୁ ପ୍ରଥମେ ଗ୍ରହଣ କରେ । ମନୁଷ୍ୟର ମନର ଗତି ଚଞ୍ଚଳ ଓ ନିମ୍ନଗାମୀ—ଏଣୁ ମତ୍ସର୍ଯ୍ୟ, ପାପ, ନିନ୍ଦା ଓ ଲୋକର ଅନିଷ୍ଟ ପ୍ରଭୃତି କାର୍ଯ୍ୟ ଅତି ଅଳ୍ପ ଆୟାସରେ ସମାଧା ହୁଏ ।

ଅତ୍ୟନ୍ତ ଇନ୍ଦ୍ରିୟ ପରିଚ୍ଛଳନାର କୁଫଳ

ଯୌବନର ଅବ୍ୟବହିତ ପୂର୍ବରୁ କୈଶୋର କାଳ ବା କୈଶୋର ସମୟ ଆବିର୍ଭାବ ହୋଇଥାଏ । ବାଳକମାନେ ଚତୁର୍ଦ୍ଦଶ ଓ ବାଳିକାମାନେ ଦ୍ୱାଦଶବର୍ଷ ବୟସରେ କୈଶୋର-କୈଶୋତ୍ୱ ଭାବ ପ୍ରାପ୍ତ ହୁଅନ୍ତି । ଏହି ସମୟ ଠାରୁ ପ୍ରକୃତରେ ଏମାନଙ୍କର ବୁଦ୍ଧି ବୃତ୍ତି ବିକାଶ, ଜ୍ଞାନ ଜିଜ୍ଞାସା ଓ କାମନାଦିର ସୂତ୍ରପାତ ହୋଇ କ୍ରମେ କ୍ରମେ ତାହା ପରିବର୍ଦ୍ଧିତ ହୁଏ । ବାଲ୍ୟକାଳରେ ଏମାନଙ୍କୁ ଶାସ୍ତ୍ରିକ ନିୟମ, ସତ୍ସଙ୍ଗ ଓ ନୀତି ସମ୍ବନ୍ଧରେ ଯେଉଁ ସମସ୍ତ ଶିକ୍ଷା ପ୍ରଦାନ କରାଯାଏ, ସେତେବେଳେ ତାହା ବୀଜ ରୂପନ ଜଳଭଳ ସେମାନଙ୍କ ମନରେ ଅବସ୍ଥିତ ହୋଇଥାଏ, କ୍ରମେ ବୟସ ବୃଦ୍ଧି ସଙ୍ଗରେ ସେହି ଶିକ୍ଷା-ବୀଜ ସବୁ ଅଙ୍କୁରିତ ହେବାକୁ ଆରମ୍ଭ କରେ । ଏହି ସମୟଠାରୁ ସତ୍ସଙ୍ଗ, ଶାସ୍ତ୍ରିକ ଆମୋଦ ପ୍ରମୋଦ, ସତ୍ଗ୍ରନ୍ଥ ଆଲୋଚନା ଓ ସତ୍ଗୁରୁ କର୍ତ୍ତୃକ ସୁନ୍ଦର ଦୃଷ୍ଟାନ୍ତ ସଂଯୁକ୍ତ ସଦୁପଦେଶ ଭଲ ବାର ସିଞ୍ଚନ ଦ୍ୱାରା ତାହା ଶାଖା ପଲ୍ଲବରେ

Download Odia Book https://Pathagara.blogspot.com

ପଲ୍ଲବିତ ହୋଇ ବୃକ୍ଷ ରୂପରେ ପରିଣତ ହେଲେ, ସେମାନଙ୍କ ଯୌବନ କାଳରେ ଉକ୍ତ ଶିକ୍ଷା-ବୃକ୍ଷ ଫଳ-ପୁଷ୍ପ ଦ୍ୱାରା ସୁଶୋଭିତ ହୋଇ ସୌରଭ ଓ ଗୌରବ ବିସ୍ତାର କରିବାକୁ ଲାଗିବ, ଏଥିରେ ସନ୍ଦେହ ନାହିଁ ।

ପୁଣି ଏହି ଶୈଶବ କାଳରେ ସେମାନଙ୍କ ଅନ୍ତଃକରଣରେ ଧର୍ମ-ବୀଜ ରୋପଣ କରିବା କର୍ତ୍ତବ୍ୟ । ତାହା ହେଲେ ଯୌବନ ସମୟରେ ଏହା ଅଙ୍କୁରିତ ହୋଇ ବୃକ୍ଷ ରୂପରେ ପରିଣତ ଓ ପତ୍ର ପୁଷ୍ପ ଦ୍ୱାରା ପରିଶୋଭିତ ହୋଇ ସୌରଭରେ ଜଗତକୁ ଆମୋଦିତ ଏବଂ ସୁମିଷ୍ଟ ଛାୟା ପ୍ରଦାନ ଦ୍ୱାରା ସମସ୍ତଙ୍କୁ ଆପ୍ୟାୟିତ କରିବ, ଏବଂ ବୃଦ୍ଧକାଳରେ ସେମାନଙ୍କୁ ଅମୃତମୟ ଫଳ ଦେବ ।

ଯେଉଁ ସୁଦ୍ର ବାଳକ ବାଳିକାମାନେ ପରମେଶ୍ୱରଙ୍କ ସୁନ୍ଦର ରାଜ୍ୟରେ ମନୁଷ୍ୟ ସମାଜର ଅଙ୍ଗ ପ୍ରତ୍ୟଙ୍ଗ ସ୍ୱରୂପ, ଯେଉଁମାନେ ପରିଣାମରେ ସନ୍ତାନ ସନ୍ତତିଙ୍କ ଜନକ ଜନନୀ ଓ ଗୁରୁ ପ୍ରଭୃତି ହୋଇ ସମାଜର ନେତା ହେବେ, ଯେଉଁମାନଙ୍କ ଦୋଷ ଗୁଣ ଉପରେ ସମାଜର ଶୁଭାଶୁଭ ସମ୍ପୂର୍ଣ୍ଣରୂପେ ନିର୍ଭର କରେ, ସେମାନେ ଯଦି କର୍ତ୍ତବ୍ୟାକର୍ତ୍ତବ୍ୟ ସୁଶିକ୍ଷିତ ହୋଇ ତଦନୁସାରେ ନ ଚଳିବେ, ତାହା ହେଲେ ସେମାନଙ୍କ ଦୋଷରୁ ସମାଜ ଉଚ୍ଛୃଙ୍ଖଳ ହୋଇ ପଡିବ —ଏ କଥାରେ ଆଉ କିଛି ସନ୍ଦେହ ନାହିଁ ।

ଟିକିଏ ଚିନ୍ତା କରି ଦେଖିଲେ ଏହା ସ୍ପଷ୍ଟ ଭାବରେ ପ୍ରତୀୟମାନ ହେବ ଯେ, ସମାଜ ଗୋଟିଏ ମନୁଷ୍ୟ ସ୍ୱରୂପ । ପୁଣି ପ୍ରତ୍ୟେକ ନର ନାରୀ, ଏପରି କି ସଦ୍ୟଜାତ ଶିଶୁଟି ସୁଦ୍ଧା ତାହାର

Download Odia Book https://Pathagara.blogspot.com

ଅଙ୍ଗ ପ୍ରତ୍ୟଙ୍ଗ । ଯେପର୍ ଗୋଟିଏ ଅଙ୍ଗୁଳି କଣ୍ଟାରେ ଫୋଡ଼ି ହେଲେ ସମସ୍ତ ଶରୀରରେ ଯନ୍ତ୍ରଣା ଅନୁଭବ ହୁଏ, ସେହିପର୍ ଗୋଟିଏ ମନୁଷ୍ୟ ଦୁଷ୍ଟ ହେଲେ ଅଥବା ଗୋଟିଏ ଶିଶୁ ମୁଖ-ମୁଖରେ ପଡ଼ିଲେ ସମସ୍ତ ସମାଜର କ୍ଷତ ହୋଇଥାଏ । ଏଣୁ ପ୍ରତ୍ୟେକ ମନୁଷ୍ୟ ଏପର୍ କ ପ୍ରତ୍ୟେକ ବାଳକବାଲିକା ସୁଦ୍ଧା ଏ ପୃଥିବୀସ୍ଥ ମାନବ ସମାଜର ଅଙ୍ଗ ପ୍ରତ୍ୟଙ୍ଗ ସ୍ୱରୂପ ପରସ୍ପର ସହିତ ପରସ୍ପରଙ୍କ ସମ୍ବନ୍ଧ ଅଛି । ମନୁଷ୍ୟମାନଙ୍କ ପରସ୍ପର ସାହାଯ୍ୟ ଦ୍ୱାର୍ ସମାଜ ପରିଚାଳିତ ହେଉଅଛି । ଯେଉଁଦିନ ଏହି ପରସ୍ପର ସାହାଯ୍ୟ ଦାନରୁ ସମାଜ ବଞ୍ଚିତ ହେବ, ସେହିଦିନ ସମାଜ ଧ୍ୱଂସ ହୋଇଯିବ । ଆମ୍ଭେମାନେ ଯେଉଁ ଅନ୍ନ ବ୍ୟଞ୍ଜନ ଭୋଜନ କରୁ, ଯେଉଁ ବସ୍ତ୍ର ପରିଧାନ କରୁ, ତାହା ଯେ କେତେ ଲୋକଙ୍କ ପରିଶ୍ରମ ଓ ସାହାଯ୍ୟରେ ପ୍ରସ୍ତୁତ, ତାହା କଏ ଠିକ୍ କରି କହି ପାରିବ ।

ଯେଉଁମାନେ ଅଳସ ଓ ଶ୍ରମବିମୁଖ ଏବଂ ବୁଦ୍ଧିହୀନ, ଏ ଜଗତରେ ସେହିମାନେ ଦୁର୍ଭାଗା ଏବଂ ଦୀନହୀନ କାଙ୍ଗାଳି । ସେହିମାନେ ମଳିନ ଓ ଛିନ୍ନବସ୍ତ୍ର ପରିଧାନ ପୂର୍ବକ ନରଗ୍ରହରେ ବାସ କରନ୍ତି ଏବଂ ନାନାପ୍ରକାର ରୋଗରେ ଜୀର୍ଣ୍ଣଶୀର୍ଣ୍ଣ କଳେବର ପ୍ରାପ୍ତ ହୋଇ ଅନାହାରରେ କେତେ ଯନ୍ତ୍ରଣା ଭୋଗକରି ଶେଷକୁ ପ୍ରାଣତ୍ୟାଗ କରନ୍ତି । ଏହା କେବଳ ସେମାନଙ୍କର ଅଜ୍ଞତା ବା ମୂର୍ଖତା ଦୋଷରୁ ସିନା !

Download Odia Book https://Pathagara.blogspot.com

ହସ୍ତ ମୈଥୁନର କୁଫଳ

ଆଠ ନଅ ବର୍ଷର ବାଳକମାନେ ସଙ୍ଗ ଦୋଷରୁ ହସ୍ତ-ମୈଥୁନ କରିବାକୁ ଶିକ୍ଷା ପାଆନ୍ତି । ଏହି କୁଶିକ୍ଷା ଅଭ୍ୟାସ କରୁ କରୁ ସେମାନଙ୍କର କୈଶୋର ଅବସ୍ଥା ଆସି ଉପସ୍ଥିତ ହୁଏ । ସେମାନେ ଗୋପନ ଭାବରେ ଏହି ଘୃଣିତ କାର୍ଯ୍ୟ ସମ୍ପାଦନ କରନ୍ତି ସତ, କିନ୍ତୁ ଭଦ୍ରଁର ଚିହ୍ନସବୁ ସେମାନଙ୍କ ଶରୀରରେ ପ୍ରକାଶିତ ହୁଏ । ମୁଖମଣ୍ଡଳରେ ବହୁ ବ୍ରଣ ଜନ୍ମେ, ମୁଖ ମଳିନ ଓ ସୌନ୍ଦର୍ଯ୍ୟଶୂନ୍ୟ ହୁଏ, ଜଣ୍ଡଦ୍ୱୟ ବାହାର ପଡ଼େ ଏବଂ କପୋଲ-ଦେଶ ବସିଯାଏ । ନେତ୍ରକୂପରେ ଚକ୍ଷୁ ଦୁଇଟି ପ୍ରବିଷ୍ଟ ହୁଏ, ଦୃଷ୍ଟି କ୍ଷୀଣ ହୋଇ ପଡେ, ବକ୍ଷସ୍ଥଳରେ କୂପ ନାର୍ଗତ ହୁଏ, ବା ଖାଲ ହୋଇଥାଏ । ପୃଷ୍ଠରେ ଓ ବକ୍ଷରେ ବେଦନା ଜାତ ହୁଏ । ଶିରୋ-ଘୂର୍ଣ୍ଣନ, ଶରୀର କମ୍ପନ ଓ ମୃଗୀ ବା ମୂର୍ଚ୍ଛା ରୋଗ ଜନ୍ମେ । ଅନ୍ତର ଓ ଜଦର ପୀଡ଼ା ମଧ୍ୟ ହୁଏ । ଅଣ୍ଡକୋଷ ଫୁଲି ପଡ଼େ । ଧାରଣା ଶକ୍ତି ଓ ମେଧା ଶକ୍ତି ଏବଂ ବୁଦ୍ଧି ବୃତ୍ତି ପ୍ରାୟ ଲୋପ ହୋଇଯାଏ । ଅଙ୍ଗପ୍ରତ୍ୟଙ୍ଗ ଚଞ୍ଚଳ ପ୍ରକୃତି ଓ ନିତାନ୍ତ ଅଳସୁଆ ହୋଇ ପଡ଼ନ୍ତି । ପରିଶ୍ରମ କରିବାର କ୍ଷମତା ଆଦୌ ନ ଥାଏ । ଅଳ୍ପକ ସମୟ ପର୍ଯ୍ୟନ୍ତ ବସି ରହିବାକୁ କଷ୍ଟ ଅନୁଭବ କରନ୍ତି । ସବୁବେଳେ ଶୟନ କରିବାକୁ ଇଚ୍ଛା ପାନ୍ତି । କୌଣସି କାର୍ଯ୍ୟ ପ୍ରତି ଉତ୍ସାହ ବା ଅଧ୍ୟବସାୟ ନ ଥାଏ । କାମ ଓ କ୍ରୋଧ ରିପୁ ଅତିଶୟ ପ୍ରବଳ ହୋଇ ପଡ଼େ । ଶରୀର ଓ ମନ ଦୁଇଟି ପୃଥକ ପଦାର୍ଥ ହେଲେ ମଧ୍ୟ ଉଭୟଙ୍କର ଘନିଷ୍ଠ ସମ୍ବନ୍ଧ ଅଛି । ଏଥିପାଇଁ ଶରୀର ଅସୁସ୍ଥ ହେଲେ ମନ ଅସୁସ୍ଥ ହୁଏ ଏବ ମାନସିକ କୌଣସି ଦୁଃଖ କଷ୍ଟ।

Download Odia Book https://Pathagara.blogspot.com

କଷ୍ଟ ଉପସ୍ଥିତ ହେଲେ, ଶଗ୍ସରରେ ଜଶେଷ କଷ୍ଟ ହୋଇଥାଏ । ମନ ସହଜ ଶଗ୍ସରର ନୈଜଷ୍ୟ ସମ୍ବନ୍ଧ ଥିଲେ ସୃଦ୍ଧା ଜନନେନ୍ଦ୍ରିୟ ସହଜ ମନର ଯେପରି ଜଜଷ ସମ୍ବନ୍ଧ, ଏପରି ଆଜି କୌଣସି ଇନ୍ଦ୍ରିୟ ସଙ୍ଗରେ ନୁହେଁ । ଏହା କାରଣରୁ ଜନନେନ୍ଦ୍ରିୟର ଅନିୟମିତ, ଅପରମିତ ଓ ଅଭରକ୍ତ ପରଗ୍ଲଳନା ଦୋଷରୁ ଜଶେଷତଃ ହସ୍ତମୈଥୁନ ଜଳ ମହାପାପଯୋଗୁ ମାନସିକ ସଭ୍-ବୃତ୍ତିସମୂହ ଏକାବେଳକେ ସମ୍ପୂର୍ଣ୍ଣରୂପେ ନାସ୍ତେକ, ଅକର୍ମଣ୍ୟ ଓ ଜଚ୍ଛତ ହୋଇ ପଡେ । ହସ୍ତମୈଥୁନକାଗ୍ମାନେ ନାର୍ଜଜ ଓ ସ୍ତ୍ରୀନ-ସାହସ ହୋଇ ପଡ଼ନ୍ତି । ସେମାନେ ନାର୍ଜନରେ ରହିବାକୁ ଭଲ ପାନ୍ତି । ବହୁ ଲୋକଙ୍କ ସମ୍ମୁଖକୁ ବା କୌଣସି ସଭାସ୍ଥଳକୁ ଏବଂ ଜପରିଚିତଙ୍କ ସମ୍ମୁଖକୁ ଯିବାକୁ ଲଜ୍ଜାନୁଭବ କରନ୍ତି ଏବଂ ଚନ୍ତାଶକ୍ତିହ୍ରାସ ଜନିତ ଜବାଦଗ୍ରସ୍ତ ହୁଅନ୍ତି । ସୁତରାଂ ଏପରି ମହାପାପୀ କଦାପି ମନୁଷ୍ୟ ପଦବାଚ୍ୟ ହୋଇ ପାରନ୍ତି ନାହିଁ । ବାଳକମାନେ ବାଲ୍ୟ ଓ କୈଶୋର କାଳରେ ହସ୍ତ ମୈଥୁନରେ ଲପ୍ତ ହେଲେ, ଯୌବନ କାଳରେ ସେମାନଙ୍କୁ ସେହି ପାପର ଫଳଭୋଗ କରିବାକୁ ହୁଏ । ଏହି ମହାପାପୀମାନଙ୍କ ମଧ୍ୟରୁ ଅନେକ ପୂର୍ଣ୍ଣ ଯୌବନ ପ୍ରାପ୍ତ ହୋଇ ନାଗ୍ସଙ୍ଗମ ଜଳ ଫାସାରିକ ସୁଖରୁ ଏକାବେଳକେ ବଞ୍ଚିତ ହୁଅନ୍ତି । ପୁଣି ସେମାନଙ୍କ ମଧ୍ୟରୁ କେହି କେହି ଧ୍ୱଜଭଙ୍ଗ ଯୋଗୁ କମ୍ବା କାହାର ଧ୍ୱଜଭଙ୍ଗ ହେବାରୁ କାମାଭିଳାଷ ଚରିତାର୍ଥ କରି ନ ପାରି ମନୋଦୁଃଖରେ ଆତ୍ମହତ୍ୟା କରିଥାନ୍ତି । ଅନେକଙ୍କର ମେହ ଓ ଶିରଃପୀଡା ଜନ୍ମେ । ସଶ୍ୱାକାଶ ଓ କ୍ଷୟକାଶ ଜନ୍ମେ, ଧାତୁଦୌର୍ବଲ୍ୟ ଉପସ୍ଥିତ ହୁଏ । ଉକ୍ତ ପାପରୁ ଏବଂ ଏହି ସମସ୍ତ ବ୍ୟାଧି ଯୋଗୁ ଅଧିକାଂଶ ବ୍ୟକ୍ତି

Download Odia Book https://Pathagara.blogspot.com

ଯୌବନ ସମୟରେ କାଳଗ୍ରାସରେ ପଡିଚ ହୁଅନ୍ତି । ଏହାପରେ କେତେ ବ୍ୟକ୍ତି ପାପୀ, ରୁଗ୍ଣ ଓ ଅଳ୍ପାୟୁ ସନ୍ତାନ ସନ୍ତତି ଜନ୍ମ ଜରାଇ ମୃତ୍ୟୁ ମୁଖରେ ପଡୁଥିବାର ସଂଖ୍ୟା ନାହିଁ ।

କୈଶୋର ଅବସ୍ଥାରୁ ଶାସ୍ତ୍ରୋକ୍ତ ବିଧି ଦ୍ୱାରା ସୁଶିକ୍ଷିତ ହୋଇ ସାବଧାନରେ ଚଳିବା ଆବଶ୍ୟକ । ଏ କାରଣରୁ କୈଶୋର ସମୟରେ ହସ୍ତ ମୈଥୁନ ଓ ଯୌବନାବସ୍ଥାରେ ଅନଭ୍ୟସ୍ତ ଓ ଅପରିମିତ ଇନ୍ଦ୍ରିୟ ଚାଳନା କଲେ, ବା ବେଶ୍ୟାସକ୍ତ ହେଲେ ଅସମୟରେ ବା ଅକାଳରେ ମୃତ୍ୟୁ ମୁଖରେ ପଡିବା ସ୍ୱାଭାବିକ । ଯେଉଁସବୁ ପୀଡା ବା ବ୍ୟାଧି ସମ୍ବନ୍ଧରେ ଉପରେ ଉଲ୍ଲେଖ କରାଗଲା ତାହା କେବଳ ଜନନେନ୍ଦ୍ରିୟ ଅପବ୍ୟବହାର ଦୋଷରୁ ଘଟିଥାଏ । ୩୫।୩୬ ବର୍ଷ ବୟସ ପର୍ଯ୍ୟନ୍ତ ମନୁଷ୍ୟ ଶରୀରରେ ରକ୍ତର ବିଶେଷ ତେଜ ଥାଏ । ସେ ସମୟରେ ଉକ୍ତ ପାପର ବୀଜ ସବୁ ଧାତୁସହ ମିଶ୍ରିତ ହୋଇ ଅଙ୍କୁରିତ ହୋଇ ପାରେ ନାହିଁ । ୪୦ ବର୍ଷରେ କମ୍ବା କାହାର ୫୦ ବର୍ଷ ପରେ ପୂର୍ବୋକ୍ତ ଦୁଷ୍କର୍ମର ଫଳସବୁ ଫଳେ । କେହି କେହି ସମ୍ପୂର୍ଣ୍ଣ ଯୁବରେ ଦୃଷ୍ଟିଶକ୍ତି ହୀନ ହୋଇ ପଡନ୍ତି । କେହି ୨ ବାତ ଦ୍ୱାରା ପଙ୍ଗୁ ହୁଅନ୍ତି । କାହାର କାହାର ମସ୍ତକ, ଗ୍ରୀବା ଓ ସ୍କନ୍ଧ ସହଜ ନଇଁ ପଡେ । କାହାର ଅବା ଅଣ୍ଡା ଲୁଚିଯାଏ ଏବଂ ଉଠି ବସି ପାରନ୍ତି ନାହିଁ । କେହି କେହି ଯଷ୍ଟି ଆଣ୍ଠା କର ଗମନାଗମନ କରନ୍ତି । ସ୍ମରଣ ଶକ୍ତି ଏକାବେଳକେ ଲୋପ ପାଏ । ଅର୍ଶ ବ୍ୟାଧିରେ ବହୁତ ଭୋଗନ୍ତି । ଧଇଁଜାଶ ଜନ୍ମେ, କର୍ଣ୍ଣ ବଧିର ହୁଏ । ବହୁମୂତ୍ର ପୀଡା ଜନ୍ମେ । ଅସମୟରେ ଦାନ୍ତ ସବୁ ପଡି ଯାଏ । ଅଗ୍ନିମାନ୍ଦ୍ୟ ହେବାରୁ ଅଜୀର୍ଣ୍ଣ

Download Odia Book https://Pathagara.blogspot.com

ଓ ଅତସାର ରୋଗ ଆକ୍ରମଣ ଜରେ । ହସ୍ତ ମୈଥୁନ ଯୋଗୁ ବା ଅତ ମାତ୍ରାରେ ଇନ୍ଦ୍ରିୟ ପରଗ୍ଭଳନା ଯୋଗୁ ପଶାଘାତ ଓ ଧନୁ-ଷ୍ଟଙ୍କାର ବାତ ମଧ୍ୟ ଜାତ ହୁଏ । ଜପଦଂଶ ଅର୍ଥାତ୍ ଗମି ରୋଗ ହୁଏ ଓ ବାଗି ହୁଏ । ସମ୍ପୂର୍ଣ୍ଣ ରୁପେ ପୁରୁଷତ୍ୱହୀନ ହୋଇଯାଏ । ପ୍ରସ୍ରାବର ବେଗ ଧାରଣ କରିବାକୁ ସକ୍ଷମ ହୁଅନ୍ତି ନାହିଁ । ଏହାଦ୍ୱାରା ନିଦ୍ରାବସ୍ଥାରେ ଅନେକ ବ୍ୟକ୍ତି ଶଯ୍ୟାରେ ପ୍ରସ୍ରାବ ତ୍ୟାଗ କରନ୍ତି । ଏହି ଦୋଷରୁ ଅନେକଙ୍କର ଧବଳ ଓ ଗଲତ କୁଷ୍ଠ ରୋଗ ସୃଷ୍ଟି ହୁଏ । କାହାର କାହାର ଅଣ୍ଡ ଦୁଇଟି ପେଟ ଭିତରକୁ ପଶି ଯାଏ । ଯାହା ହେଉ ଅନିୟମିତ ଓ ଅପରିମିତ ରୁପରେ ଇନ୍ଦ୍ରିୟ ପରଗ୍ଭଳନା ଦ୍ୱାରା ଶୁକ୍ରକ୍ଷୟ ଯୋଗୁ ରକ୍ତ ଦୂଷିତ ହେଲେ ଶରୀରରେ ସମସ୍ତ ପ୍ରକାର ପୀଡା ଜନ୍ମି-ପାରେ । ଅଧ୍ୟୟନରତ ବାଳକମାନେ ହସ୍ତ ମୈଥୁନ କଲେ ସେମାନଙ୍କର ଦୃଷ୍ଟିଶକ୍ତି ସମ୍ପୂର୍ଣ୍ଣ ରୁପେ ହ୍ରାସ ହୁଏ ଏବଂ ସ୍ମରଣଶକ୍ତି ମଧ୍ୟ ଲୋପ ହୁଏ । ଏହି ହସ୍ତମୈଥୁନଜାତ ବାଳକମାନେ ଉଦ୍‌ଭିନ୍ନ ଜରେ ଅପ୍ରତିଭ, ଜଡ଼ବୁଦ୍ଧି, କାମୁକାତ୍ମକ ଏବଂ ପୂର୍ଣ୍ଣ ଯୌବନସମୟରେ ସୃଷ୍ଟା ବାର୍ଦ୍ଧକ୍ୟ ଦଶା ପ୍ରାପ୍ତ ହୁଅନ୍ତି । ଏମାନଙ୍କ ଅନ୍ତଃକରଣ ସବୁବେଳେ କାମଜ୍ୱରରେ ପରପୂର୍ଣ୍ଣ ଥାଏ । ଭୋଜନ, ଶୟନ, ପଠନ ଏବଂ ଗମନାଗମନ ବେଳେ ମଧ୍ୟ ଏମାନେ ସେହି ଚିନ୍ତାରେ ଚିନ୍ତିତ । ସ୍ତ୍ରୀଲୋକ ଦେଖିଲା ମାତ୍ରକେ ଏମାନଙ୍କ ମନରେ କୁତ୍ସିତ ପ୍ରବଳ ହୋଇ ପଡ଼େ ଏବଂ ଜନା ସହବାସରେ ସୃଷ୍ଟା ଏମାନଙ୍କର ଯେ କୌଣସି ସମୟରେ ସ୍ୱେଚ୍ଛଃ ବା ବୀର୍ଯ୍ୟ ସ୍ଖଳନ ହୁଏ । ସ୍ତ୍ରୀଲୋକକୁ ସ୍ପର୍ଶ କଲା ମାତ୍ରକେ ଏମାନଙ୍କର ଶୁକ୍ର ହଠାତ୍ ପଡ଼ିଯାଏ । ଗୃହରେ ଶୟନବେଳେ

Download Odia Book https://Pathagara.blogspot.com

ସ୍ୱପ୍ନ ଦର୍ଶନ ଜଲ୍ଦେ ମଧ୍ୟ ଏମାନଙ୍କର ଶୁକ୍ରଶସ୍ୱ ହୁଏ । ଏହା ଧ୍ୱଜଭଙ୍ଗ ରୋଗର ପୂର୍ବ ଲକ୍ଷଣ ମାତ୍ର । ତେଣୁ ଦୃଣ୍ଡ ଯୌବନର ସୁଖଭୋଗ କରିବାର ଉପଯୁକ୍ତ ସମୟରେ ଏମାନେ ଅନୁପଯୁକ୍ତ ହୋଇ ପଡ଼ନ୍ତି । ଏମାନଙ୍କର ଜନନେନ୍ଦ୍ରିୟ ମ୍ଲାନବଳ, ଖୀଣ ଓ କ୍ଷୁଦ୍ର ହୋଇ ପଡ଼େ ।

ଜଣେ ବଡ଼ ଡାକ୍ତର ଲେଖିଛନ୍ତି ଯେ, ଇଉରୋପର ଜଣେ ଧନୀ ମାନୀ ଭଦ୍ରବ୍ୟକ୍ତି ଶୈଶବାବସ୍ଥାରୁ ହସ୍ତମୈଥୁନ-ଘାପରେ ଲିପ୍ତ ହୋଇ ଶେଷେ ଧ୍ୱଜଭଙ୍ଗ ରୋଗରେ ଆକ୍ରାନ୍ତ ହେଲେ । ଯୌବନ କାଳରେ ସେହି ଅବସ୍ଥାରେ ସେ ବିବାହ କଲେ । ସ୍ତ୍ରୀ ସହବାସ କରିବାକୁ ଉଦ୍ୟତ ହେଲେ ତାଙ୍କର ଶ୍ୱାସରୁଦ୍ଧ ହୋଇ-ଯାଏ । ଏଣୁ ଜଣେ ଡାକ୍ତର ତାହାଙ୍କୁ ଚିକିତ୍ସା କଲେ । ଉକ୍ତ ଡାକ୍ତର ତାହାଙ୍କୁ ସ୍ତ୍ରୀସହବାସ କରିବାକୁ ନିଷେଧ କରି ତାଙ୍କ ପ୍ରତି ଔଷଧର ବ୍ୟବସ୍ଥା କରିଥିଲେ । କିନ୍ତୁ ସେ ଚରିତ୍ରହୀନ ବ୍ୟକ୍ତି ଡାକ୍ତରଙ୍କ ନିଷେଧ ନ ଶୁଣି ନିଜ ସ୍ତ୍ରୀ ସହିତ ସହବାସ କରିବାକୁ ଉଦ୍ୟତ ହେବା ସମୟରେ ସ୍ତ୍ରୀର ବକ୍ଷ ଉପରେ ତାଙ୍କର ପ୍ରାଣବାୟୁ ବହିର୍ଗତ ହେଲା । ଏହି ହସ୍ତମୈଥୁନ ଘାପରୁ ଅନେକଙ୍କର ରକ୍ତ ଏପରି ବିକୃତ ଓ ଦୂଷିତ ହୋଇଥାଏ ଯେ ଗୌଢ଼ ଅବସ୍ଥାରେ ସେମାନଙ୍କ ଦେହରେ ସାମାନ୍ୟ ଆଘାତ ଲଗିଲେ ସେ ସ୍ଥାନ ପାଚି ଶେଷକୁ ପଡ଼ିଯାଏ । ଭାଗ୍ୟବାନ କାହାରି ପର୍ଯ୍ୟନ୍ତ ଘୋରି କେହି ବା ଆରୋଗ୍ୟ ଲାଭ କରନ୍ତି, ଅଳ୍ପ କେହି ବା ମୃତ୍ୟୁମୁଖରେ ପତିତ ହୁଅନ୍ତି ।

———

Download Odia Book https://Pathagara.blogspot.com

ହସ୍ତମୈଥୁନ ଓ ପୁଂ ମୈଥୁନ

ବାଳକମାନଙ୍କ ମଧ୍ୟରୁ କେହି କେହି ୮।୧୦, କେହି କେହି ୧୦।୧୨.୧୩।୧୪ ଏବଂ କେହି କେହି ୧୫।୧୬, ୧୭।୧୮, ୧୯।୨୦ ବର୍ଷ ବୟସରେ କୁସଙ୍ଗ ପ୍ରଭାବରେ ହସ୍ତମୈଥୁନ ପାପରେ ଲିପ୍ତ ହୁଅନ୍ତି । ସେମାନେ ଅପରିପକ୍ୱ ଓ ଅଭରକ୍ତ ଭାବରେ ଇନ୍ଦ୍ରିୟ ପରିଚାଳନା ଜାରନ୍ତି ବୋଲି, ସେମାନଙ୍କ ଶୁକ୍ରର ଅଭ୍ୟନ୍ତର କୁଣ ଓ ଶର୍ବାକୃତ ହୁଏ । କଥା ବାଂଶରେ ପୋକ ଲାଗିଲେ ଯେପରି ହୁଏ, ସେମାନଙ୍କ ଦେହର ଅବସ୍ଥା ମଧ୍ୟ ତଦ୍ରୂପ । ଜଙ୍ଗଡ଼ା ଓ ଶୁଙ୍କୁଡ଼ା ମାଛ ଗୋଡ଼ ଭିତରେ ଯେଉଁ ଶସ ଥାଏ ବା ଛେଳି ହାଡ଼ ଭିତରେ ଯେଉଁ ମେଦ ଥାଏ ତାହାକୁ ମଜ୍ଜା କହନ୍ତି । ମନୁଷ୍ୟଙ୍କର ଅସ୍ଥି ମଧ୍ୟରେ ସେହିପରି ମଜ୍ଜା ଥାଏ । ଯେଉଁମାନେ ଉପରୋକ୍ତ ପାପରେ ପାପୀ, ସେମାନଙ୍କ ଅସ୍ଥି ମଧ୍ୟରେ ମଜ୍ଜା ଜନ୍ମି ପାରେ ନାହିଁ । ତେଣୁ ସେମାନଙ୍କ ଅସ୍ଥି ସବୁ ଅତି କ୍ଷୀଣ ଓ ଫଙ୍କାଣ୍ଡ ହୁଏ ସେମାନେ ଶରୀରକୁ ଦୁର୍ବଳ. ନସ୍ତେଜ. ସ୍ତ୍ରୀନବୀର୍ଯ୍ୟ ଓ ଅଳ୍ପାୟୁ ହୋଇ ପଡ଼ନ୍ତି । ଏହିଭଳି ଧରଣର ବା ଏହିଭଳି ଚରିତ୍ରର ଲୋକମାନେ ଯଦି ସଂସାରରେ କିଛିଦିନ ଜୀବିତ ରହି ସନ୍ତାନ ଉତ୍ପାଦନ କରନ୍ତି, ତେବେ ସେ ସନ୍ତାନ ଶୀର୍ଣ୍ଣ, କଙ୍କାଳସାର, ଦୁର୍ବଳାକୃତ ଓ ଅଳ୍ପାୟୁ ହୁଅନ୍ତି ।

ଅପ୍ରାକୃତିକ ରୂପରେ ପୁଂ ମୈଥୁନ ଓ ହସ୍ତ ମୈଥୁନ କରିବା ଏବଂ ଅସମୟରେ ଅଭରକ୍ତ ଇନ୍ଦ୍ରିୟ ପରିଚାଳନା କରିବା ଯୁବକ-ମାନଙ୍କ କ୍ଷୀଣଦୃଷ୍ଟି ବା ଦୃଷ୍ଟିଶକ୍ତି ହ୍ରାସ ହେବାର ପ୍ରଧାନ କାରଣ । ଅନ୍ୟାନ୍ୟ କାରଣରୁ ମଧ୍ୟ ଦୃଷ୍ଟିଶକ୍ତି ହ୍ରାସ ହୁଏ, ଯଥା—ଅପ୍ରାପ୍ତ

Download Odia Book https://Pathagara.blogspot.com

ବା ଅପରଣତ ବୟସରେ କମ୍ବା ଅସମୟରେ ଚକ୍ଷୁରେ ଚଶମା ବ୍ୟବହାର, ଅଧିକ ଅଧ୍ୟୟନ, ଗହରେ କ୍ଷୁଦ୍ର ଅକ୍ଷର ପାଠ, କରୁସିନ ତେଲର ଆଲୋକ ବ୍ୟବହାର, ସୁରାପାନ, ରାତି ଜାଗରଣ, ଶୋଇରେ ପୁସ୍ତକ ଅଧ୍ୟୟନ, ସବୁବେଳେ ଲୋହିତ ବର୍ଣ୍ଣ ନଗ୍ନଖଣ୍ଡ ଓ ଅତଶୟ ପରିଶ୍ରମ ବା ସର୍ବଦା ଉପବାସ କରିବା କମ୍ବା ଚକ୍ଷୁର ଅତ ନଜଦିରେ କଛୁ ଦେଖିବା ଓ ଲେଖିବା ଦୃଷ୍ଟି-କ୍ଷୀଣତାର ଅନ୍ୟାନ୍ୟ କାରଣ ।

ପ୍ରେମ ଓ ଯୌବନ

କୈଶୋରର ଚଞ୍ଚଳତା ଗୁଲ୍‌ଯିବା ପୂର୍ବରୁ ଯୌବନ ଉପ-ସ୍ଥିତ ହୁଏ । ଯୌବନ ମାନବ ଜୀବନର ସନ୍ଧିସ୍ଥଳ । ଏହି ସମୟରେ ଜୀବନ ନୂତନ ଭାବରେ ବିଭୋର ହୋଇଯାଏ । ଶରୀର ଅପୂର୍ବ ଶ୍ରୀ ଧାରଣ କରେ । ମନୁଷ୍ୟ ଚିନ୍ତାରେ, ଧାରଣାରେ, କର୍ମରେ, କାମନାରେ ସୁଖ ଅନୁଭବ କରେ । ଏହି ସୁଖମୟ ଯୌବନରେ ମାନସିକ ବ୍ୟାଧି ଜନ୍ମେ । ଅନ୍ୟ ସବୁ ବ୍ୟାଧିର ଔଷଧ ଅଛି, ଚିକିତ୍ସା ଅଛି, କିନ୍ତୁ ମାନସିକ ବ୍ୟାଧିର ମାନସିକ ଚିନ୍ତାର ଔଷଧ ନାହିଁ, ଚିକିତ୍ସା ନାହିଁ । ଏଥିପାଇଁ ଯଦ୍ଦ୍ୱାରା ମାନସିକ ବ୍ୟାଧି ଉତ୍ପନ୍ନ ହୋଇ ନ ପାରେ ସେଥିଲାଗି ପ୍ରଣପଣେ ଚେଷ୍ଟା କରିବା କର୍ତ୍ତବ୍ୟ । ମନର ବ୍ୟାଧି କ'ଣ ? ଶରୀରର ବ୍ୟାଧିର ଯେପରି ସଂଖ୍ୟା ନାହିଁ, ମନର ବ୍ୟାଧି ଠିକ୍ ସେହିପରି ଅସଂଖ୍ୟ । ଏଥିଯୋଗୁ ମନ ଓ ହୃଦୟ ସମ୍ବନ୍ଧରେ କିଛି ଉଲ୍ଲେଖ କରିବା ଆବଶ୍ୟକ ।

Download Odia Book https://Pathagara.blogspot.com

ପଣ୍ଡିତମାନେ କଠିନ ବୃତ୍ତି ସମୂହର ଆଧାରକୁ ମନ କହନ୍ତି ଏବଂ କୋମଳ ବୃତ୍ତି ସମୂହର ଆଧାରକୁ ହୃଦୟ କହନ୍ତି । କ୍ରୋଧ, ଭୟ, ବୁଦ୍ଧି, ମେଧା, ବିବେକ ଓ ଚିନ୍ତା ଇତ୍ୟାଦି କଠିନ ବୃତ୍ତି ସମୂହ ମାନସିକ ବୃତ୍ତି ଫାକଲ୍‌ଟି (Faculty) ; ପ୍ରେମ ଭକ୍ତି, ସ୍ନେହ ଇତ୍ୟାଦି କୋମଳ ଭାବ ସବୁ ହୃଦୟର ବୃତ୍ତି ଫିଲ୍‌ଂସ୍ (Feelings) । ମନ ଏବଂ ହୃଦୟର ସମସ୍ତ ବୃତ୍ତିର ସୁଦ୍ଧା ରୋଗ ଜାତ ହୋଇପାରେ ।

ପୂର୍ବେ କୁହା ହୋଇଛି କ୍ରୋଧ ଗୋଟିଏ ମାନସିକ ବୃତ୍ତି । କ୍ରୋଧର ଅତ୍ୟଧିକ ଉତ୍ତେଜନା ମାନବ ଶରୀରର ଗୋଟିଏ କଠିନ ବ୍ୟାଧି । ଏହା ଦ୍ୱାରା ମନ ଉତ୍ତେଜିତ ହୋଇ ପରେ ଦୁର୍ବଳ ଓ କ୍ଷୀଣ ହୋଇ ପଡ଼େ । ଏହା ସମସ୍ତେ ଅନୁଭବ କରି ଅଛନ୍ତି ଯେ କ୍ରୋଧ ଜାତ ହେଲେ ମସ୍ତିଷ୍କରେ ଗୁରୁତର ଗୁଣ୍ଡଲ୍ୟ ଉପସ୍ଥିତ ହୁଏ । ସର୍ବାଙ୍ଗରୁ ଅଗ୍ନି ବାହାରିଲା ପରି ବୋଧହୁଏ । ଏହି ସମୟରେ ହୃଦୟର ବା ମାନସିକ ଅନ୍ୟାନ୍ୟ ସମସ୍ତ ବୃତ୍ତିର କାର୍ଯ୍ୟ ଏକାବେଳକେ ହଠାତ୍ ବନ୍ଦ ହୋଇ ଯାଏ । ଶରୀରରୁ ନାଆଁ ବାହାରୁଛି ବୋଲି ସ୍ପଷ୍ଟ ଭାବରେ ଜଣାଯାଏ । ସେହି ନାଆଁ ଅର୍ଥାତ୍ ଶରୀରର ଉତ୍ତପ୍ତ ପ୍ରବାହ ସ୍ୱଭାବତଃ ସେହି ସମୟରେ ଅଧିକ କ୍ଷୟ ହୋଇଯାଏ । କ୍ରୋଧବଶତଃ ଯେଉଁ ଉତ୍ତପ୍ତ ପ୍ରବାହ କ୍ଷୟ ହୋଇଯାଏ, ତାହା ପୂରଣ ହେବାର ଆଉ ସମ୍ଭାବନା ନ ଥାଏ । କିନ୍ତୁ ସହସା ଶରୀରର ଅନ୍ୟ ସ୍ଥାନରୁ ସେହି ପରିମାଣରେ କେତେକ ଉତ୍ତପ୍ତ ଅଂଶ ସେହି ସ୍ଥାନ ପୂରଣ କଲେ କିଛି କ୍ଷତି ହୁଅନ୍ତା ନାହିଁ । ଉକ୍ତ ଉତ୍ତପ୍ତ ପ୍ରବାହର

Download Odia Book https://Pathagara.blogspot.com

ଅଭାବଯୋଗୁଁ ଶଗ୍ନର ଗ୍ଲଣ୍ଡ ଗ୍ଲଣ୍ଡ କ୍ଷୀଣ ଓ ଦୁର୍ବଳ, ସନ ନିସ୍ତେଜ ଓ ଉତ୍ସାହଶୂନ୍ୟ ହୋଇ ପଡ଼େ । ଏହା କାରଣରୁ ଯେଉଁ ବ୍ୟକ୍ତିବିଶେଷ ସ୍ତ୍ରୀ ଏବଂ କ୍ରୋଧ ସ୍ୱଭାବ, ତାହାର ଶଗ୍ନର କ୍ରମେ କ୍ଷୀଣ ହୋଇଯାଏ; ତାହାର ଯୌବନ, ଜୀବନ ଦୀର୍ଘକାଳ ସ୍ଥାୟୀହୋଇ ପାରେ ନାହିଁ । କ୍ରୋଧରେ ଶଗ୍ନର ଯେପରି ଉତ୍ତେଜିତ ହୋଇ ଉତ୍ସୃ ହୁଏ, ଭୟରେ ସେହିପରି ଉତ୍ତେଜିତ ହୋଇ ସ୍ୱାଭାବିକ ଉତ୍ସୃତା ଅପେକ୍ଷା ଶୀତଳ ହୋଇ ପଡ଼େ । ସ୍ୱତଃ ଅତ୍ୟଧିକ ଶୀତଳତାରେ ମଧ୍ୟ ଶଗ୍ନରର ଉତ୍ତଉ ପ୍ରବାହ ଠିକ୍ ସେହି ପରିମାଣରେ ଷସ୍ୱ ପ୍ରାପ୍ତ ହୁଏ । ଯେଉଁ ବ୍ୟକ୍ତି ହଠାତ୍ ଭୟ ପାଏ ବା ସବୁ ବିଷୟରେ ଭୀତ ହୁଏ, ତାହାର ଶଗ୍ନର ମଧ୍ୟ କ୍ରମଶଃ କ୍ଷୀଣ ହୁଏ । ଅତ୍ୟଧିକ ଭୟ ହେତୁ ଅନେକ ବ୍ୟକ୍ତି ସହସା ମୃତ୍ୟୁ ମୁଖରେ ପତିତ ହୋଇଥିବାର ଦେଖା ଯାଇଅଛି ।

ଏଠାରେ ମନର ଦୁଇଟି ବ୍ୟାଧି ବିଷୟ ଉଲ୍ଲେଖ କରାଗଲା, ବର୍ତ୍ତମାନ ହୃଦୟର ଦୁଇଟି ବ୍ୟାଧି ବିଷୟ ଉଲ୍ଲେଖ କରିବା ଆବଶ୍ୟକ ।

ପ୍ରେମ ହୃଦୟର ଗୋଟିଏ ବ୍ୟାଧି । ସ୍ୱାଭାବିକ ଅବସ୍ଥାରେ ପ୍ରେମକୁ ବ୍ୟାଧି ବୋଲି କୁହାଯାଇ ପାରେ ନା । ସେହିପରି କ୍ରୋଧ ଏବଂ ଭୟ ସ୍ୱାଭାବିକ ଅବସ୍ଥାରେ ବ୍ୟାଧି ବୋଲି ଗଣ୍ୟ ହୋଇପାରେ ନାହିଁ । ହୃତ୍ତର ଅତ୍ୟଧିକ ପରିଚାଳନା ଯୋଗୁ ଏହା ବ୍ୟାଧିରେ ପରିଣତ ହୁଏ । ପ୍ରେମ ସମ୍ବନ୍ଧରେ ମଧ୍ୟ ଠିକ୍ ଏହି କଥା ପ୍ରଯୁଜ୍ୟ । ଯେଉଁଠାରେ ପ୍ରେମ ଅତ୍ୟଧିକ ଉତ୍ତେଜିତ ହୋଇ ଅପର ସବୁ ବୃତ୍ତିକୁ ବାଜି ଚୂର୍ଣ୍ଣ କରି ପକାଏ, ବୁଦ୍ଧି ଓ

Download Odia Book https://Pathagara.blogspot.com

ବିବେଚନାକୁ ନଷ୍ଟ କରିପକାଏ, ନରନାରୀମାନେ ଯେତେବେଳେ ପ୍ରେମ-ବନ୍ଧନରେ ପଡ଼ି ଜ୍ଞାନହରା ହୋଇଯାନ୍ତି, ସେହିଠାରେ ଏବଂ ସେତେବେଳେ ପ୍ରେମ ବ୍ୟାଧି । ସେହି ସମୟରେ ହୃଦୟରେ ସୁଖ ଶାନ୍ତି ନ ଥାଏ, ବିରହ ବେଳେ ଜୀବ ଯନ୍ତ୍ରଣା ଅନୁଭୂତ ହୋଇ ମାନ ଓ ଅଭିମାନର କ୍ଲେଶ ହୃଦୟରେ ସଦାସର୍ବଦା ବିଚରଣ କରେ । ହୃଦୟର ଅବସ୍ଥା ଏହିପରି ହେଲେ, ଶରୀରର ରକ୍ତର ପ୍ରବାହ ଅତ୍ୟଧିକ ଉତ୍ତେଜିତ ହୋଇ କ୍ଷୟ ପ୍ରାପ୍ତ ହୁଏ; ତେତେବେଳେ ଶରୀର କ୍ଷୀଣ ହୋଇଯାଏ ଏବଂ ଦୁଷ୍ଟିରିୟା ବା ଉନ୍ମତ୍ତତା ରୋଗ ଜନ୍ମି ମୃତ୍ୟୁ ପର୍ଯ୍ୟନ୍ତ ଘଟିପାରେ ।

ଏହିପରି କଳ୍ପନା ମଧ୍ୟ ଗୋଟାଏ ବ୍ୟାଧି । କଳ୍ପନାର ଅତ୍ୟଧିକ ଉତ୍ତେଜନା ହେଲେ, ନର-ନାରୀ କ୍ରମେ କ୍ଷଣିକ ସୁଖରେ ମତ୍ତ ହୋଇ ମନ ଓ ହୃଦୟର ଅନ୍ୟ ସମସ୍ତ ବୃତ୍ତିକୁ ନଷ୍ଟ କରି ପକାନ୍ତି । ସେତେବେଳେ ସେମାନେ କେବଳ ରାତ୍ରିଦିନ ନାନାଦ ଦୁର୍ଭାବନାରେ ଲିପ୍ତ ରହି କୌଣସି କାର୍ଯ୍ୟରେ ମନୋନିବେଶ କରି ପାରନ୍ତି ନାହିଁ । ଏହିପରି ଭାବରେ କ୍ରମଶଃ ଭାବ ଭାବି ସେମାନଙ୍କ କଳ୍ପନାରୁ ଆଉ ସୁଖ ଜାତ ନ ହୋଇ ଏକପ୍ରକାର ଦୁଃଖ ଜାତ ହୁଏ । ଏହାକୁ ଚିକିତ୍ସକମାନେ (Melancholia) ରୋଗ କହନ୍ତି । ସେତେବେଳେ ଇଚ୍ଛା କଲେ ମଧ୍ୟ ଆଉ କୌଣସି କାର୍ଯ୍ୟ କରିବାର କ୍ଷମତା ନ ଆଏ ଏବଂ ହୃଦୟର ଉତ୍କଟ ବ୍ୟାଧିକୁ ଦୂରୀଭୂତ କରିଯାଇ ନ ପାରେ । କ୍ରମଶଃ ଅଧିକାଂଶ ସମୟରେ 'ମେଲନ୍‌କୋଲିଆ' ରୋଗ ଉନ୍ମତ୍ତତା ବା ଇନ୍‌ସାନିଟି (Insanity) ରୋଗରେ ପରିଣତ ହୁଏ । ଏଣୁ ମସ୍ତିଷ୍କ ଦୁର୍ବଳ ଓ ସ୍ନାୟୁତେଜ ହୋଇପଡ଼େ

Download Odia Book https://Pathagara.blogspot.com

ଏବଂ ମସ୍ତିଷ୍କରେ ରୋଗ ଜନ୍ମେ । ଏହୁ କାରଣରୁ ମନ ଓ ହୃଦସ୍ପୁର କୌଣସି ବୃତ୍ତକୁ ଅତ୍ୟଧିକ ପରମାଣରେ ପ୍ରଶ୍ରସ୍ୟ ଦେବା ଉଚିତ ନୁହେ । ଏଥିପାଇଁ (Sexual science) ନାମକ ପୁସ୍ତକରେ ଡାକ୍ତର ଗାମ୍ବର୍ସ ଲେଖିଛନ୍ତି:—

Nerve strain in the form of mental worry and mental overwork has also a marked effect upon the sexual functions. If prolonged, it may couse serious weakness of the sex function or even partial impotence. ଏଣୁ ଯୌବନ ସମସ୍ତରେ ଶରୀରରେ ଅତ୍ୟଧିକ ଷସ୍ୱ ସାଧିତ ହୁଏ, ବାର୍ଦ୍ଧକ୍ୟ ସମସ୍ତରେ ଶତ ଶତ କ୍ଲେଶ ଓ ଯନ୍ତ୍ରଣାଦାୟକ ବ୍ୟାଧି ଶରୀରରେ ଅଶ୍ରସ୍ୟ କରନ୍ତି ।

ଇନ୍ଦ୍ରିୟ ପରଚ୍ଛଳନା

ଓଡିଆ ଭାଷାରେ କାମଶାସ୍ତ୍ର ସମ୍ବନ୍ଧୀୟ କୌଣସି ପୁସ୍ତକ ଅଦ୍ୟାପି ଲିଖିତ ହୋଇ ନାହିଁ । ଏ ସମ୍ବନ୍ଧରେ ଉପଯୁକ୍ତ ଭାବରେ ଆଲୋଚନା ନ ହେଇଥିବାରୁ ଲୈକସାଧାରଣ ନାନାପ୍ରକାର ବ୍ୟାଧିଜାଲରେ ଜଡିତ ହୋଇ ପଡୁଅଛନ୍ତି । ନରନାରୀମାନେ ବିଶେଷତଃ ଇନ୍ଦ୍ରିୟପରଚ୍ଛଳନା ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ଥିବା ହେତୁ କେତେ ଶିଶୁ ସନ୍ତାନ ଯେ ଅକାଳ ମୃତ୍ୟୁ-କୋଳକୁ ଢଳି ପଡୁଅଛନ୍ତି ତାହା କିଏ କଳ୍ପନା କରିବ ? ଦେଶର ଶିକ୍ଷିତ ଓ

Download Odia Book https://Pathagara.blogspot.com

ଅଶିକ୍ଷିତ ଫପ୍ରଦାସ୍ୱ ଯଦ ଏହାକୁ ଅଶ୍ଳୀଳ ବୋଲ୍ କହୁ ଉପେକ୍ଷା କରନ୍ତି, ତାହାହେଲେ ଦେଶର ଦୁର୍ଭାଗ୍ୟ ବୋଲ୍ ଜାଣିବାକୁ ହେବ ।

ଇନ୍ଦ୍ରସ୍ପୃତ୍ତୁତ୍ତ ଦମନ କରିବା ଯୌବନ ରକ୍ଷାର ପ୍ରଧାନ-ଉପାସ୍ୱ । କିନ୍ତୁ ଦମନ ଅର୍ଥରେ ଫପୂର୍ଣ୍ଣରୂପେ ଦମନ କରିବାକୁ ପରାମର୍ଶ ଦେବା ଆମ୍ଭମାନଙ୍କର ଅଭିପ୍ରାସ୍ୱ ନୁହେଁ । କାରଣ ଶସ୍ୱରର ସମସ୍ତ ଅଙ୍ଗର ଗ୍ଲଳନା ଅବଶ୍ୟକ ଏବଂ ପ୍ରତ୍ୟେକ ଅଙ୍ଗ ଉପସୁକ୍ତ ପରିମାଣରେ ଗ୍ଲଳିତ ନ ହେଲେ, କ୍ରମେ ବ୍ୟାଧି-ସୁକ୍ତ ହୋଇ ଶିଥିଳ ହୋଇ ପଡିବ । ବଡ଼ ବଡ଼ ଡାକ୍ତରମାନଙ୍କର ଅଭିମତ ଏହା ଯେ, ଶସ୍ୱରର ସମସ୍ତ ଅଙ୍ଗ ଉପସୁକ୍ତ ରୂପେ ପରିଗ୍ଲଳିତ ନ ହେଲେ ଶସ୍ୱର କ୍ରମେ ଷୀଣ ହୋଇଯିବ । ତେଣୁ ଇନ୍ଦ୍ରସ୍ପୃ ପ୍ରବୃତ୍ତିକୁ ପରିଗ୍ଲଳନା କରିବା ମଧ୍ୟ ଗୋଷ୍ଠିଏ ସ୍ୱାସ୍ଥ୍ୟକର ଉସ୍ପମ । ଏହାକୁ ସମ୍ପୂର୍ଣ୍ଣଭାବରେ ଦମନ କଲେ ପୀଡ଼ା ଜନ୍ମିବାର ସମ୍ଭାବନା । ଯୌବନ ସମସ୍ପ ଅସିବା ସଙ୍ଗେ ୨ ଜନନେନ୍ଦ୍ରସ୍ପ ପୂର୍ଣ୍ଣତା ପ୍ରାପ୍ତ ହୁଏ, ଏବଂ ଉହିଁ ସଙ୍ଗେ ଇନ୍ଦ୍ରସ୍ପୃତ୍ତୁତ୍ତ ମଧ୍ୟ ବଳବତ୍ତା ହୁଏ । ଯୌବନସମସ୍ପରେ ଇନ୍ଦ୍ରସ୍ପ ପ୍ରବୃତ୍ତି ବିଶେଷ ପ୍ରବଳ ହୁଏ । ସ୍ତ୍ରୀଲୋକମାନଙ୍କର "ଋତୁ" ଆରମ୍ଭ ହୁଏ, ପୁରୁଷମାନଙ୍କର "ସ୍ୱତଃ ରେତଃ ପତନ" ହୁଏ। ସ୍ୱତଃରେତଃ ପତନକୁ ଇଂରାଜୀରେ ନାଇଟ୍ ପଲ୍ୟୁସନ୍ (Night Pollution) କହନ୍ତି । ଏହି ଉଭସ୍ପ ପ୍ରକାର କାର୍ଯ୍ୟ ଯୌବନର ସ୍ୱାଭାବିକ ନିଦର୍ଶନ ଏବଂ ଏହାକୁ କୌଣସି ପ୍ରକାର ବ୍ୟାଧି ବୋଲ୍ ଗଣ୍ୟ କରାଯାଇ ନ ପାରେ, କିନ୍ତୁ ଏହି ସମସ୍ପରେ ବହୁଦିନ କିମ୍ବା ଅନେକ ମାସ ପର୍ଯ୍ୟନ୍ତ ଯଦି ଇନ୍ଦ୍ରସ୍ପକୁ ଦମନ କରି ରଖା ହୁଏ, ତାହାହେଲେ ଯୁବକ-

Download Odia Book https://Pathagara.blogspot.com

ମାନଙ୍କର "ରେଚଃ ପଚନ" ନାମକ ଅତ୍ୟ ଯନ୍ତ୍ରଣାଦାୟକ ପୀଡ଼ାର ଉତ୍ପତ୍ତି ହୁଏ । ଅତ୍ୟଧିକ ଇନ୍ଦ୍ରିୟ ଦମନ ଯୋଗୁଁ ଏହି ପୀଡ଼ା କ୍ରମେ ବୃଦ୍ଧି ପାଇ ଅବଶେଷରେ ସମସ୍ତ ଶରୀର ଷୀଣ ହୋଇ ପଡ଼େ । ଉପରେ ଏ ରୋଗର "ମେଲାନ୍‌କୋଲିଆ" ଏବଂ ଉନ୍ମତ୍ତତା ଜନ୍ମିବାର ଦେଖାଯାଏ । ସ୍ତ୍ରୀଲୋକମାନଙ୍କର ଏପର ଅବସ୍ଥା ଘଟିଲେ, ପ୍ରଥମରେ ପ୍ରାଣତା ରୋଗ (Creen-sickness) ଜନ୍ମେ । ଏହାଦ୍ୱାରା ଶରୀର କ୍ରମଶଃ ପାଣ୍ଡୁର ବର୍ଣ୍ଣ ହୋଇ ଦୁର୍ବଳ ହୋଇ ପଡ଼େ । ଶରୀରରେ ଅଦୌ ତେଜ ନ ଥାଏ, ଆହାରରେ ଅରୁଚି ଜନ୍ମେ । ଏହି ରୋଗ କ୍ରମଶଃ ବୃଦ୍ଧି ପ୍ରାପ୍ତ ହୋଇ "ମୂର୍ଚ୍ଛା" ବା "ଦୁଷ୍ଟିରମ୍ବା" ରୋଗରେ ପରିଣତ ହୁଏ। ଏହି ମୂର୍ଚ୍ଛା ରୋଗରୁ ଅନେକ ସମୟରେ ଉନ୍ମତ୍ତତା ରୋଗ ଜନ୍ମେ । ଏହା ଦ୍ୱାରା ସ୍ପଷ୍ଟ ବୁଝାଯାଉଅଛି ଯେ ସ୍ତ୍ରୀଜାତିର ସମସ୍ତ ନିୟମ ଅବସ୍ଥାନୁଯାୟୀ । ତେଣୁ ସ୍ତ୍ରୀର ପରିବର୍ତ୍ତନ ସହିତ ନିୟମର ପରିବର୍ତ୍ତନ ହୁଏ । ସ୍ତ୍ରୀର ସମସ୍ତ ନିୟମ ଅବସ୍ଥାପେକ୍ଷ ।

ଯେପରି ସଙ୍କୀର୍ଣ୍ଣ ଭାବରେ ଇନ୍ଦ୍ରିୟ ଦମନ ଦ୍ୱାରା ପୀଡ଼ା ହେବାର ସମ୍ଭାବନା, ସେହିପରି ଅତ୍ୟଧିକ ଇନ୍ଦ୍ରିୟ ପରିଚାଳନା ଦ୍ୱାରା ପୀଡ଼ା ଜନ୍ମିବାର ସମ୍ଭାବନା । ଇନ୍ଦ୍ରିୟ ଦମନ ଯୋଗୁଁ ନରନାରୀମାନଙ୍କର ଯେଉଁ ସବୁ ପୀଡ଼ା ଜନ୍ମେ, ଇନ୍ଦ୍ରିୟ ପରିଚାଳନା ଦ୍ୱାରା ଠିକ୍ ସେହି ସମସ୍ତ ପୀଡ଼ା ଜନ୍ମେ । ଇନ୍ଦ୍ରିୟ ପରିଚାଳନା ଜନ୍ମେ ଯେ ପୀଡ଼ା ଜନ୍ମିବ, ଏହା କେଉଁବେଳେ ହୋଇ ପାରେ ନାହିଁ, କାରଣ ଇନ୍ଦ୍ରିୟ ପରିଚାଳନା ଗୋଟିଏ ସ୍ତ୍ରୀଜାତିର ନିୟମ । କିନ୍ତୁ ଯେଉଁମାନେ ଇନ୍ଦ୍ରିୟ ପରିଚାଳନା ଯୋଗୁ

Download Odia Book https://Pathagara.blogspot.com

ବ୍ୟାଧି ଯନ୍ତ୍ରଣା ଭୋଗ କରୁ ଅଛନ୍ତି, ସେମାନେ କେବଳ ପ୍ରବୃତ୍ତିର ଅତ୍ୟଧିକ ପରଚ୍ଚାଳନା ହେତୁ ଯନ୍ତ୍ରଣା ଭୋଗ କରନ୍ତି । ନଚେତ୍ ଉପଯୁକ୍ତ ଭାବରେ ଇନ୍ଦ୍ରିୟ ପରଚ୍ଚାଳନା ଦ୍ୱାରା କେତେବେଳେ ପୀଡ଼ା ଜନ୍ମେ ନାହିଁ । ନିଜ ଶରୀର ସମ୍ବନ୍ଧରେ କେଉଁଟା ଉଚିତ କେଉଁଟା ଅନୁଚିତ, ତାହା କେହି ନିର୍ଦ୍ଦିଷ୍ଟ ଭାବରେ କହି ପାରିବେ ନାହିଁ । ଏହା ସମ୍ପୂର୍ଣ୍ଣ ନିଜ ବିବେଚନାସାପେକ୍ଷ । ମନୁଷ୍ୟର ବିବେଚନା ଶକ୍ତି ଅଛି, ମନୁଷ୍ୟ ବୁଦ୍ଧିପାରେ ଯେ ତାହା ଶରୀରରେ କ'ଣ ସହିବ, କ'ଣ ନ ସହିବ । ସ୍ୱଭାବର ଯଥେଚ୍ଛା-ଚାରିତା ପାଇଁ ବିଧାତା ମନୁଷ୍ୟକୁ ବୁଦ୍ଧି ଦେଇ ଅଛନ୍ତି । ତେଣୁ ସ୍ୱାଭାବିକ ନିୟମ ଭଙ୍ଗ କଲେ, ଦଣ୍ଡ ସ୍ୱରୂପ ନାନା ପୀଡ଼ା ଆସି ମନୁଷ୍ୟକୁ ଗ୍ରାସ କରେ ।

ଏହିପରି ଅନେକ ଲୋକ ଦେଖାଯାନ୍ତି ଯେ ସେମାନେ ସପ୍ତାହରେ ଦୁଇ କିମ୍ବା ଉତ୍ତୋଧିକ ଥର ଇନ୍ଦ୍ରିୟ ପରଚ୍ଚାଳନା କଲେ ମଧ୍ୟ ସେମାନଙ୍କ ଶରୀରର କୌଣସି କ୍ଷତି ହୁଏ ନାହିଁ । ପୁଣି କେତେ ଲୋକ ଅଛନ୍ତି, ଯେଉଁମାନେ ମାସକ ମଧ୍ୟରେ ଥରେ ମାତ୍ର ଇନ୍ଦ୍ରିୟ ପରଚ୍ଚାଳନା କଲେ ସେମାନଙ୍କ ଶରୀର ଦୁର୍ବଳ ହୋଇପଡ଼େ । ମାସକ ମଧ୍ୟରେ ଥରେ ସୁଦ୍ଧା ଇନ୍ଦ୍ରିୟ ପରଚ୍ଚାଳନା ସେମାନେ ସହ୍ୟ କରି ପାରନ୍ତି ନାହିଁ । କେହି ସ୍ୱଳ୍ପ ଭୋଗ କରି କେହି ଅସୁସ୍ଥତା ବୋଧ କରନ୍ତି । ଅତଏବ ସମସ୍ତ ମନୁଷ୍ୟଙ୍କ ପକ୍ଷରେ ଗୋଟାଏ ନିୟମ ସମ୍ଭବପର ନୁହେଁ ।

ଏହା ସତ୍ତ୍ୱେ ପଣ୍ଡିତମାନେ, ବିଶେଷତଃ ଆର୍ଯ୍ୟ ଋଷିମାନେ ଏ ବିଷୟରେ ଯଥାସମ୍ଭବ ନିୟମ ବିଧିବଦ୍ଧ କରି ଯାଇଅଛନ୍ତି ।

Download Odia Book https://Pathagara.blogspot.com

ଦୁନ୍ଦ ମାନଙ୍କେ ଅବଗତ ଅଛନ୍ତି ଯେ ଋତୁସ୍ରାବ ସମୟରେ ସହବାସ କରିବା ଗର୍ହିତ କାର୍ଯ୍ୟ ଏବଂ ପ୍ରତ୍ୟେକ ପଞ୍ଜିକାରେ ମଧ୍ୟ ଲିଖିତ ଅଛି ଯେ କେଉଁ କେଉଁ ତିଥି ସହବାସ ପକ୍ଷରେ ନିଷିଦ୍ଧ । ଇଉ-ରୋପୀୟ ପଣ୍ଡିତମାନେ ମଧ୍ୟ କହନ୍ତି ଯେ, ସପ୍ତାହରେ ଥରେ ମାତ୍ର ଇନ୍ଦ୍ରିୟ ପ୍ରବୃତ୍ତି ପରିଗ୍ଭଳନା ବ୍ୟତୀତ ଅନେକ ଥର କଲେ, ତାହାକୁ ପ୍ରଶ୍ରୟ ଦେବାକୁ ହୁଏ । କିନ୍ତୁ ସର୍ବାପେକ୍ଷା ସତ୍‌ପରାମର୍ଶ ଯେ ଏହାକୁ ଦମନ କରିବାର ଚେଷ୍ଟା । ଯେଉଁମାନେ ଇନ୍ଦ୍ରିୟ ଦମନ କରିବାକୁ ଅସମର୍ଥ, ସେମାନେ ଯଦି ଦମନ କରିବାକୁ କୃତସଙ୍କଳ୍ପ ହୁଅନ୍ତି, ତେବେ ଅତ୍ୟଧିକ ଇନ୍ଦ୍ରିୟ ପରିଗ୍ଭଳନା କରି ପାରିବେ ନାହିଁ । ଏହି ଇନ୍ଦ୍ରିୟ ପ୍ରବୃତ୍ତି ଦୋଷରୁ ଆଜିକାଲି ଲୋକମାନେ ପାପର ଗହ୍ୱରତମ ପ୍ରଦେଶରେ ନିକ୍ଷିପ୍ତ ହେଉ-ଅଛନ୍ତି । ସୁତରାଂ ଇନ୍ଦ୍ରିୟ ପ୍ରବୃତ୍ତିକୁ ପ୍ରଶ୍ରୟ ଦେବା ଅପେକ୍ଷା,ଦମନ କରିବା ସର୍ବତୋଭାବରେ ବିଧେୟ ।

Download Odia Book https://Pathagara.blogspot.com

ଦ୍ୱିତୀୟ ପରିଚ୍ଛେଦ

ଋତୁ ବର୍ଷସ୍ୱ

ବିଧାତାଙ୍କ ନିୟମ ସର୍ବାପେକ୍ଷା ଆଶ୍ଚର୍ଯ୍ୟମୟ । ଯେଉଁ ଅଦ୍ଭୁତ ଆଶ୍ଚର୍ଯ୍ୟ ପ୍ରଥାରେ ଆମ୍ଭମାନଙ୍କର ସୃଷ୍ଟି ହୋଇଅଛି, ଯେଉଁ ନିୟମରେ ଆମ୍ଭେମାନେ ଏ ସଂସାରକୁ ଆସିଅଛୁ, ଏଥିରେ ଗୋପନ କରିବା ବିଷୟ କ'ଣ ଅଛି ଏବଂ ଲଜ୍ଜିତ ହେବାର କାରଣ କ'ଣ ଅଛି ? ଇନ୍ଦ୍ରିୟ ପ୍ରବୃତ୍ତିକୁ ହେୟ ବା ପାପପୂର୍ଣ୍ଣ ପ୍ରବୃତ୍ତି ବୋଲି ମନେ କରିବା ଠିକ୍ ନୁହେଁ ; ବରଂ ଏହା ବିଧାତାଙ୍କର ସର୍ବାପେକ୍ଷା ଆଶ୍ଚର୍ଯ୍ୟମୟ ନିୟମ । ଅନେକ ବ୍ୟକ୍ତି ମନୁଷ୍ୟର ଜନ୍ମ-ରହସ୍ୟ ଅବଗତ ନୁହନ୍ତି ବୋଲି ଇନ୍ଦ୍ରିୟ ପ୍ରବୃତ୍ତିକୁ ହେୟ ବା ନିକୃଷ୍ଟ ପ୍ରବୃତ୍ତି ବୋଲି ମନେ କରନ୍ତି । ଆମ୍ଭେମାନେ ସଂକ୍ଷେପରେ ସେ ବିଷୟ ନିମ୍ନରେ ଉଲ୍ଲେଖ କରୁଅଛୁ । ଏହା ଅବଗତ ହେଲେ ସମସ୍ତେ ଯୌବନର ଉପକାରିତା ଓ ଅବଶ୍ୟକତା ବିଶେଷ ଉପଲବ୍ଧି କରି ପାରିବେ ।

ପୁରୁଷଙ୍କ ଜନନେନ୍ଦ୍ରିୟ ଦୁଇଭାଗରେ ବିଭକ୍ତ । ଗୋଟିଏ ରେତଃ ଆଧାର, ଅପରଟି ରେତଃ ନିକ୍ଷେପକ । ପୁରୁଷଙ୍କ ଅଣ୍ଡ ଦୁଇଟି ରେତଃ ଆଧାର । ଅତି କୋମଳ ମାଂସର ବହୁ ସୂକ୍ଷ୍ମ ପରିମିତ ଲମ୍ବା ନଳ ଗୁଡେଇ ହୋଇ ଅଣ୍ଡାକାର ହୋଇ ଏହି ଅଣ୍ଡ ଦ୍ୱୟ ହୋଇଅଛି ।

Download Odia Book https://Pathagara.blogspot.com

ଯୌବନ ଯେତେ ପଛପ୍ଟ୍ଟ୍ଟ ହୁଏ, ଯୌବନ ସମସ୍ତ ଯେତେ ବୃଦ୍ଧି ହୁଏ, ଏହି ଅଣ୍ଡ ଦୁଇଟି ତେତେ ବୃଦ୍ଧି ପ୍ରାପ୍ତ ହେଉଥାଏ । ଉପରେ ଯୌବନ ପୂର୍ଣ୍ଣତା ଲାଭ କଲେ, ଏଥିରେ ଏକ ପ୍ରକାର ତରଳ ପଦାର୍ଥ ଜନ୍ମେ, ତାହାକୁ ରେତଃ କହନ୍ତି । ଅଣୁବୀକ୍ଷଣ ଯନ୍ତ୍ର ଦ୍ୱାରା ଦେଖିଲେ, ଏହା ମଧ୍ୟରେ ବହୁସଂଖ୍ୟକ ଲମ୍ବା, ଗୋଲ, ଇତ୍ୟାଦି ବହୁବିଧ ଆକାରର ଏକ ପ୍ରକାର କ୍ଷୁଦ୍ର କ୍ଷୁଦ୍ର ଚଳନଶୀଳ ପଦାର୍ଥ ଦେଖିବାକୁ ମିଳେ । ଏ ଜୀବଗୁଡ଼ିକର ଆକୃତି କ୍ଷୁଦ୍ର କ୍ଷୁଦ୍ର କ୍ରମି ପୋକ ଭଳି ନ ହେଲେ ମଧ୍ୟ, ଅନେକ ପରିମାଣରେ ଠିକ୍ ଦେଖିବାକୁ ରେଙ୍ଗଣୁଆ ପରି ଲମ୍ବାଟିଆ ଏବଂ ମୁଣ୍ଡ ଅପେକ୍ଷାକୃତ ସରୁ । ଏ ଗୁଡ଼ିକୁ ଶୁକ୍ରକୀଟ କହନ୍ତି । ସହବାସ ସମୟରେ ଜନନେନ୍ଦ୍ରିୟ ମଧ୍ୟସ୍ଥ ସୂକ୍ଷ୍ମ ନଳବାଟେ ଏହି ଚଳନଶୀଳ ଶୁକ୍ରକୀଟ ଗୁଡ଼ିକ ସ୍ତ୍ରୀଲୋକଙ୍କ ଜରାୟୁରେ ପ୍ରବେଶ କରନ୍ତି ।

ଯୌବନ ସମୟରେ ସ୍ତ୍ରୀଲୋକମାନଙ୍କର ଋତୁ ଆରମ୍ଭ ହୁଏ । ଏହି ଋତୁ ସମୟରେ ଏକ ପ୍ରକାର ଉତ୍ପାକାର ପଦାର୍ଥ ଗର୍ଭସ୍ଥଳୀକୁ ଆସେ । ଏହାକୁ ଉତ୍ପାକାର ଦ୍ରବ୍ୟ ବା ପଦାର୍ଥ ବୋଲି ଜୀବତତ୍ତ୍ୱ-ଜ୍ଞମାନେ ଫିଜିୟୋଲଜିଷ୍ଟ (Physiologist) ବର୍ଣ୍ଣନା କରି ଅଛନ୍ତି । କିନ୍ତୁ ଏହି ଉତ୍ପାକାର ପଦାର୍ଥ ଋତୁପରେ ଗର୍ଭସ୍ଥଳୀରେ କେତେଦିନ ପର୍ଯ୍ୟନ୍ତ ଜୀବନ୍ତ ଥାନ୍ତି, ତାହା କେହି ନିର୍ଦ୍ଦେଶ କରି ପାରି ନାହାନ୍ତି । ଡାକ୍ତର କାରପେଣ୍ଟର ସାହେବ କହନ୍ତି ଯେ ଏହା ଦଶଦିନ ପର୍ଯ୍ୟନ୍ତ ଗର୍ଭସ୍ଥଳୀରେ ଜୀବନ୍ତ ଥାଆନ୍ତି । ଡାକ୍ତର ଭୁର୍ଡି କହନ୍ତି ଯେ, ଏ ଗୁଡ଼ିକ ଗର୍ଭସ୍ଥଳୀରେ ୬।୭ ଦିନ ରହି ମରଯାନ୍ତି । ଡାକ୍ତର ଝଉ କହନ୍ତି ଯେ, ଏ ଗୁଡ଼ିକ ଗର୍ଭସ୍ଥଳୀରେ ୨୦।୨୧ ଦିନ ପର୍ଯ୍ୟନ୍ତ

Download Odia Book https://Pathagara.blogspot.com

ଜୀବନ୍ତ ଥିବାର ପ୍ରମାଣ ମିଳିଛି । ଡାକ୍ତର ଗାମ୍ବର୍ସ କହନ୍ତି— After the ovum has reached the womb it remains there for about a fortnight. ଏ ଗୁଡିକ ଗର୍ଭସ୍ଥଳୀରେ ୧୫ ଦିନ ପର୍ଯ୍ୟନ୍ତ ଥାଆନ୍ତି । ଯାହା ହେଉ ଏହାଦ୍ୱାରା ପ୍ରମାଣ ମିଳୁଅଛି ଯେ ଗର୍ଭସ୍ଥଳୀରେ ଏ ଗୁଡିକ ୮।୧୦ ଦିନ ଜୀବନ୍ତ ରହନ୍ତି । ଏହି ଜୀବନ୍ତ ଅଣ୍ଡ ଉପରେ ଗର୍ଭଧାରଣ ବା ସନ୍ତାନ ଜନ୍ମ ସମ୍ପୂର୍ଣ୍ଣ ରୂପରେ ନିର୍ଭର କରୁଅଛି,କାରଣ ଏହା ଯେତେବେଳେ ଜୀବନ୍ତାବସ୍ଥାରେ ଗର୍ଭସ୍ଥଳୀରେ ଥାଏ, ସେତେବେଳେ ଯଦି ପୁରୁଷର ରେତଃସ୍ଥିତ ଚଳନଶୀଳ ପଦାର୍ଥ ସହିତ ଅର୍ଥାତ୍ ପୁରୁଷଙ୍କ ଶୁକ୍ର-କୀଟ ସହିତ ସମ୍ମିଳିତ ହୁଏ, ତାହାହେଲେ ଉତ୍ପାଦିତ ସନ୍ତାନ ଉତ୍ପାଦିତ ହୁଏ ଏବଂ ଗର୍ଭସ୍ଥଳୀର ମୁହଁ ବନ୍ଦ ହୋଇଯାଏ, ଆଉ କୌଣସି ପଦାର୍ଥ ଗର୍ଭସ୍ଥଳୀରେ ପ୍ରବେଶ କରିପାରେ ନାହିଁ । ଏଣୁ ଡାକ୍ତର ଗାମ୍ବର୍ସ ଲେଖିଛନ୍ତି—This egg, however, is infertile of itself, and must be given life by mingling with an element which only the male can produce and supply.

ଅର୍ଥାତ୍—ସ୍ତ୍ରୀ ରେତଃରୁ ଜାତ ଏହି ଅଣ୍ଡଗୁଡିକର ନିଜର କିଛି ଶକ୍ତି ନ ଥାଏ, କିନ୍ତୁ ପୁରୁଷ ବୀର୍ଯ୍ୟ ବା ଶୁକ୍ରକୀଟ ସହିତ ଏହା ସମ୍ମିଳିତ ହେଲେ ସଜୀବ ହୋଇ ସନ୍ତାନ ଉତ୍ପାଦନ କରନ୍ତି ।

ଗର୍ଭସ୍ଥଳୀରେ ଏହା ପ୍ରଥମେ ଗୋଟିଏ ବିନ୍ଦୁ ପରି ଦେଖାଯାଏ । ଏହା ଜଳରେ ଭାସୁଥାଏ । ଦଶ ବାରଦିନ ପରେ ସେହି ବିନ୍ଦୁ ଅଣ୍ଡାକାରରେ ପରିଣତ ହୋଇ ଜଳପୂର୍ଣ୍ଣ ହୁଏ । କ୍ରମେ ଏହା

Download Odia Book https://Pathagara.blogspot.com

ଦନକୁଦନ ବୃଦ୍ଧି ପାଏ । ପରେ ଏହାର ହସ୍ତ ପଦାଦି ସମସ୍ତ ଅଙ୍ଗ ସ୍ପଷ୍ଟ ଦେଖାଯାଏ । ବାସ୍ତବିକ ଏହି ସମସ୍ତ ଅତି ଆଶ୍ଚର୍ଯ୍ୟ ବ୍ୟାପାର ମାନବ ବୁଦ୍ଧିର ଅଗମ୍ୟ ।

ସଚରାଚର ସ୍ତ୍ରୀଲୋକଙ୍କର ଦ୍ୱାଦଶ ବର୍ଷ ବୟସଠାରୁ ପଞ୍ଚାଶ ବର୍ଷ ବୟସ ପର୍ଯ୍ୟନ୍ତ ସ୍ୱଭାବତଃ ପ୍ରତି ମାସରେ ତିନିଦିନ ପର୍ଯ୍ୟନ୍ତ ରଜଃ ନିସୃତ ହୁଏ, ଏହାକୁ ଋତୁକାଳ କହନ୍ତି । ଋତୁସ୍ରାବ-ଦିନଠାରୁ ଷୋଡ଼ଶ ରାତ୍ରି ପର୍ଯ୍ୟନ୍ତ ସମୟକୁ ଋତୁକାଳ କୁହାଯାଏ । ଏହି ସମୟରେ ସ୍ତ୍ରୀଲୋକମାନଙ୍କର ଜରାୟୁ ମୁଖ ପ୍ରସ୍ଫୁଟିତ ଥିବା ହେତୁ ସନ୍ତାନ ଉତ୍ପାଦନ ହୋଇଥାଏ । ଏହି ଋତୁକାଳ ଅର୍ଥାତ୍ ରଜଃସ୍ରାବଠାରୁ ଷୋଡ଼ଶ ରାତ୍ରି ପର୍ଯ୍ୟନ୍ତ ସମୟ ଗର୍ଭ ଗ୍ରହଣ କରିବାର ଉପଯୁକ୍ତ । ଉକ୍ତ ସମୟ ଅତିବାହିତ ହେଲେ ସ୍ତ୍ରୀମାନଙ୍କ ଜରାୟୁ ମୁଖ ସ୍ୱଭାବତଃ ନିଜେ ନିଜେ ସଙ୍କୁଚିତ ହୋଇଯାଏ, ତେଣେବେଳେ ଆଉ ଗର୍ଭ ଧାରଣର ସମ୍ଭାବନା ନ ଥାଏ । ଏହି ଋତୁ ସମୟରେ ଯେଉଁ ରକ୍ତ ଲକ୍ଷିତ ହୁଏ ତାହାକୁ ଆର୍ତ୍ତବ ବୋଲି କହନ୍ତି ।

ସ୍ତ୍ରୀଲୋକମାନଙ୍କ ତଳ ପେଟର ଦୁଇ ପାର୍ଶ୍ୱରେ ଦୁଇଟି ବୀଜ-କୋଷ ଅଛି । ଏହି ବୀଜ-କୋଷରେ ପାଣି ପୁଟୁକା ପରି ଅତି କ୍ଷୁଦ୍ର କ୍ଷୁଦ୍ର ବୀଜ ଜନ୍ମେ ଏବଂ ଋତୁ ସମୟରେ ଏହି ବୀଜକୋଷ ଫାଟିଗଲେ ଉକ୍ତ ବୀଜ ଗୁଡିକ କ୍ରମେ ବୀଜ ନଳ ବାଟେ ଜରାୟୁକୁ ଆସେ । ଏହି ସମୟରେ ଗର୍ଭାଶୟ ମୁହଁ କାଁଉଳି ମେଲା ହୋଇ ରକ୍ତ ସ୍ରାବ ଆରମ୍ଭ ହୁଏ । ଏହାକୁ ସ୍ତ୍ରୀଲୋକମାନଙ୍କର ମାସିକ ଋତୁ କହନ୍ତି । ଡାକ୍ତରମାନେ ମଧ୍ୟ କହୁଛନ୍ତି—This

Download Odia Book https://Pathagara.blogspot.com

flow of blood continues for about five days and is known as a menstrual flow. ଅର୍ଥାତ୍ ଏହି ରକ୍ତସ୍ରାବ ୫ ଦିନ ପର୍ଯ୍ୟନ୍ତ ହୁଏ ଏବଂ ଏହାକୁ ଋତୁ ନାମରେ ଅଭିହିତ ।

ଆଗରୁ କୁହା ହୋଇଛି ଯେ ଋତୁର ପ୍ରଥମ ଦିନରୁ ଷୋଡଶ ରାତ୍ରୀ ପର୍ଯ୍ୟନ୍ତ ସମୟ ଅତିବାହିତ ହେଲେ ସ୍ତ୍ରୀମାନଙ୍କ ଜରାୟୁ ଦ୍ୱାର ନଜେ ନଜେ ସଙ୍କୁଚିତ ହୋଇ ଯାଏ । ଏହା ପରେ ସ୍ତ୍ରୀ ସହବାସ ଜଲେ ଗର୍ଭ ଧାରଣର ସମ୍ଭାବନା ନ ଥାଏ ।

ଋତୁ ସାଧାରଣତଃ ୩।୪ ଦିନ ପର୍ଯ୍ୟନ୍ତ ଥାଏ । ପ୍ରଥମ ଦିନର ରକ୍ତ ଘୋର ବା ଗାଢ ଲାଲ ବର୍ଣ୍ଣ ହୁଏ ନାହିଁ କନ୍ତୁ ଦ୍ୱିତୀୟ ତୃତୀୟ ଦିନର ରକ୍ତ ଶୁଦ୍ଧ ଲାଲ ବର୍ଣ୍ଣ ହୁଏ । ଋତୁ ସମୟରେ ସ୍ତନ ଫୁଲି ଟିକିଏ ବଡ ହୁଏ, ଶରୀର ଭାର ବୋଧ ହୁଏ ଏବଂ ଗରମ ଜଣା ଯାଏ । ଏହି ସମୟରେ ଥଣ୍ଡା ଲଗାଇବା ଆଦୌ ଉଚିତ ନୁହେ ।

ଅନେକ ସ୍ତ୍ରୀଲୋକଙ୍କର ଓଦା ଓ ଥଣ୍ଡା ମାଟିରେ ଭଲେ ଶୋଇବାର ଅଭ୍ୟାସ ଅଛି । ଏ ଅଭ୍ୟାସକୁ ଋତୁ ସମୟରେ ସମ୍ପୂର୍ଣ୍ଣ ରୂପେ ପରିତ୍ୟାଗ କରିବା ଉଚିତ୍ । ଏହି ଋତୁ ସମୟରେ ଥଣ୍ଡା ଜଳରେ ସ୍ନାନ କରିବା ବା ଶରୀର ଧୋଇବା, ଥଣ୍ଡା ଦ୍ରବ୍ୟ ପାନ କରିବା ବା ଭୋଜନ କରିବା ନିଷେଧ । ଥଣ୍ଡା ଲଗାଇଲେ ଜରାୟୁରେ ଶ୍ଲେଷ୍ମା ପ୍ରଦାହ ହେବା ବିଶେଷ ସମ୍ଭାବନା ଏବଂ ସେଥିଯୋଗୁ ତଳ ପେଟରେ ବେଦନା, ଋତୁରୋଧ, ବାଧକ, କଷ୍ଟରଜଃ, ବନ୍ଧ୍ୟତା ଓ ଅଜୀର୍ଣ୍ଣ ପ୍ରଭୃତି ରୋଗ ହେବାର ସମ୍ଭାବନା । ଅତଏବ ପ୍ରତ୍ୟେକ ଋତୁମତୀ ନାଗ୍ କୁ ଏହି ସମସ୍ତ ନିୟମକୁ

Download Odia Book https://Pathagara.blogspot.com

ବିଶେଷ ମନୋଯୋଗ ପୂର୍ବକ ପାଳନ କରିବା ଉଚିତ । ଏହି ସମସ୍ତ ନିୟମ ନ ଜାଣିଥିବା ହେତୁ ଓଡିଶାର କେତେ ଅସହାୟା ନାସ୍ତ୍ୱ ଅଦୃଷ୍ଟ ଉଥା ଭଗବାନଙ୍କ ଉପରେ ଦୋଷ ଢାଳିଦେଇ ଯେ ପ୍ରତିଦିନ ମରଣ-କୋଳକୁ ଚଳି ପଡୁଛନ୍ତି ତାହା କିଏ କଳନା କରିବ ?

ଋତୁ ସାଧାରଣତଃ ୨୭।୨୮ ଦିନ ଅନ୍ତରରେ ହୁଏ। କୌଣସି କୌଣସି ସ୍ତ୍ରୀଲୋକଙ୍କ ଋତୁ ପ୍ରତିମାସର ଗୋଟାଏ ନିର୍ଦ୍ଦିଷ୍ଟଦିନରେ ହୁଏ । ତାହାର ଅବା ୫ ସପ୍ତାହ ଅନ୍ତରରେ ତାହାର ଅବା ୩୦।୩୨ ଦିନ ଅନ୍ତରରେ ହୋଇଥାଏ । ଲାପ୍‌ଲଣ୍ଡ ଓ ଗ୍ରୀନ୍‌ଲଣ୍ଡ ପ୍ରଭୃତ କେତେକ ଶୀତପ୍ରଧାନ ଦେଶର ସ୍ତ୍ରୀଲୋକମାନେ ବର୍ଷକରେ ମାତ୍ର ୪ ଥର ଏବଂ ମେରୁ ସନ୍ନିହିତ ଦେଶର ସ୍ତ୍ରୀଲୋକମାନେ ବର୍ଷକରେ ମାତ୍ର ୨।୩ ଥର ଋତୁମତୀ ହୁଅନ୍ତି ।

ଋତୁସ୍ରାବର ୫ ଦିନ ସ୍ନାନ କରିବା ନିଷେଧ । ସ୍ରାବ ପରେ ଗରମ ଜଳଦ୍ୱାରା ସ୍ରାବ ଦ୍ୱାରକୁ ଧୋଇ ଦେବା ଉଚିତ । କନା ପିନ୍ଧିବା ବା କନାକୁ କଙ୍ଗମାର ପିନ୍ଧିବା ଭଲ କନ୍ତୁ କନା ଉଭରକୁ ଶୁଖି ପିନ୍ଧିବା ବ୍ୟବସ୍ଥା ଠିକ୍ ନୁହେଁ । ଚାଣ୍ଟୁଆ ବା କନାରେ ରକ୍ତ ଲଗିଲେ ତାକୁ ବଦଳାଇ ଦେବା ଉଚିତ,ନଚେତ୍ ରକ୍ତଲଗା କନାକୁ ସାବୁନ ଦ୍ୱାରା ପରିଷ୍କାର କରି ଧୋଇ ଶୀଘ୍ରରେ ଶୁଖାଇଦେବା ଉଚିତ ।

ରକ୍ତସ୍ରାବର ଏହି ୩।୫ ଦିନ ପର୍ଯ୍ୟନ୍ତ ଅର୍ଥାତ୍ ରଜଃ ବନ୍ଦ ନ ହେବା ପର୍ଯ୍ୟନ୍ତ ସ୍ତ୍ରୀ ସହବାସ ସମ୍ପୂର୍ଣ୍ଣ ନିଷେଧ । ଏହା ନ ମାନି

Download Odia Book https://Pathagara.blogspot.com

ଏହି ସମୟରେ ସ୍ତ୍ରୀ ସହବାସ କଲେ ନିଜର ଆୟୁ ଖସି, ଗର୍ଭ ବିନଷ୍ଟ, ସନ୍ତାନ ଅଳ୍ପାୟୁ ଓ ବିଚଳାଙ୍ଗ ହୋଇଥାଏ । ଦୁଇଶାସ୍ତ୍ର ଅନୁଯାୟୀ ଋତୁମତ୍ତା ନାସ୍ତ୍ର ଋତୁର ପ୍ରଥମ ଦିନରୁ ଗୃହଦନ ପର୍ଯ୍ୟନ୍ତ ଅହଂସା ଓ ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରିବେ, ନିଜ ପତିଙ୍କୁ କଦାପି ଦର୍ଶନ କରିବେ ନାହିଁ । କୌଣସି ପତ୍ରରେ ହବିଷ୍ୟାନ୍ନ ଆହାର କରିବେ ଏବଂ ଅଶ୍ରୁପାତ, କ୍ରନ୍ଦନ, ନଖ ଚ୍ଛେଦନ, ଅଙ୍ଗରେ ତୈଳାଦ ମର୍ଦ୍ଦନ, ସୁଗନ୍ଧ ଦ୍ରବ୍ୟ ଲେପନ, ଚକ୍ଷୁରେ କଜ୍ଜଳ ଘେନିବା, ସ୍ନାନ, ଦିବାନିଦ୍ରା, ଦ୍ରୁତଗମନ, ଅତ୍ୟନ୍ତ କଟୁଶବ୍ଦ ଶ୍ରବଣ, ଅଧିକ ହାସ୍ୟ, ଅଧିକ କଥା କହିବା, ପରିଶ୍ରମ କରିବା, ଅଧିକ ବାୟୁ ସେବନ କରିବା ଏବଂ ମୁଣ୍ଡକା ଖୋଲିବା ପ୍ରଭୃତି ଅବଶ୍ୟ ପରିତ୍ୟାଗ କରିବାକୁ ହେବ ।

ଯଦି କୌଣସି ଋତୁମତ୍ତା ନାସ୍ତ୍ର ଉକ୍ତ ନିୟମ ସବୁ ପାଳନ ନ କରନ୍ତି, ତାହାହେଲେ ଯଦି ସେହି ଋତୁରେ ତାଙ୍କର ଗର୍ଭ ହୁଏ, ତେବେ ଗର୍ଭସ୍ଥ ସନ୍ତାନ ବିବିଧ ଦୋଷାନ୍ୱିତ ହୋଇଥାନ୍ତି । ଯଥା—ଋତୁମତ୍ତା ନାସ୍ତ୍ର ରୋଦନ କଲେ ଗର୍ଭସ୍ଥ ଶିଶୁ ବିକୃତ ଚକ୍ଷୁ (ଝେଙ୍ଗ ପ୍ରାପ୍ତ) ହୁଏ, ନଖ କର୍ତ୍ତନ କଲେ କୁନଖୀ ହୁଏ, ଦେହରେ ତୈଳାଦ ମର୍ଦ୍ଦନ କଲେ ଗର୍ଭସ୍ଥ ଶିଶୁ କୁଷ୍ଠରୋଗାକ୍ରାନ୍ତ ହୁଏ, ସୁଗନ୍ଧ ଲେପନ ଓ ସ୍ନାନ କଲେ ସନ୍ତାନ ଦୁଃଖୀ ହୁଏ, ଚକ୍ଷୁରେ କଜ୍ଜଳ ଘେନିଲେ ଶିଶୁ ଅନ୍ଧ ହୁଏ, ଦିବସରେ ନିଦ୍ରାଗଲେ ଗର୍ଭସ୍ଥ ସନ୍ତାନ ନିଦ୍ରାଳୁ ହୁଏ, ଦ୍ରୁତ ଗମନ କଲେ ଶିଶୁ ଚଞ୍ଚଳ ସ୍ୱଭାବ ହୁଏ, ଅତଶସ୍ତ ଜଇ ଶବ ଶ୍ରବଣ କଲେ ସନ୍ତାନ ବଧିର ହୁଏ, ଅଧିକ ହାସ୍ୟ କଲେ ସନ୍ତାନର ଦାନ୍ତ, ଦନ୍ତ, ଓଷ୍ଠ ଓ ଜହ୍ୱା

Download Odia Book https://Pathagara.blogspot.com

ଶ୍ୟାମବର୍ଣ୍ଣ ଅର୍ଥାତ୍ କୃଷ୍ଣ ପୀତ ମିଶ୍ରିତ କୁତ୍ରିମ ବର୍ଣ୍ଣ ହୁଏ । ଅଧିକ କଥା କହିଲେ ସନ୍ତାନ ପ୍ରଜାଗୀ ହୁଏ, ପରିଶ୍ରମ ଓ ଅଧିକ ବାସୁ ସେବନ କଲେ ସନ୍ତାନ ଉନ୍ମତ୍ତ ହୁଏ ।

ଆୟୁର୍ବେଦ ମତରେ ବାସୁକାରକ ଦ୍ରବ୍ୟ ଆହାର କଲେ ଗର୍ଭସ୍ଥ ସନ୍ତାନ ଅନ୍ଧ, କୁବ୍ଜା, ହାତ୍ତଡ଼ା ଏବଂ ବାମନ ହୋଇ-ଥାନ୍ତି । ପିତ୍ତକାରକ ଦ୍ରବ୍ୟ ଆହାରକଲେ ସନ୍ତାନ ଖାଙ୍ଗର (କେଶପ୍ରାନଭା) ରୋଗଯୁକ୍ତ ଓ ଭଫିଳ ବର୍ଣ୍ଣ ହୁଅନ୍ତି । କଫକାରକ ଦ୍ରବ୍ୟ ଆହାର ଦ୍ୱାରା ଗର୍ଭସ୍ଥ ସନ୍ତାନ ଶ୍ୱେତ ଧବଳ ଓ ପାଣ୍ଡୁ ରୋଗାକ୍ରାନ୍ତ ହୁଅନ୍ତି ।

ଋତୁମତୀ ସ୍ତ୍ରୀ ଚତୁର୍ଥ କମ୍ବା ପଞ୍ଚମ ଦିବସରେ ଋତୁସ୍ନାନ କର ସର୍ବପ୍ରଥମେ ନିଜ ପତିଙ୍କୁ ଦର୍ଶନ କରିବେ । କାରଣ ଋତୁମତୀ ନାସ୍ତ୍ରୀ, ଋତୁସ୍ନାନ କର ଯେଉଁପର ପୁରୁଷଙ୍କୁ ଦର୍ଶନ କରନ୍ତି, ସେହିପର ସନ୍ତାନ ଉତ୍ପନ୍ନ ହୁଏ । ସୁତରାଂ ନିଜ ପ୍ରିୟତମ ସ୍ୱାମୀଙ୍କୁ ସର୍ବାଗ୍ରେ ଦର୍ଶନ କରିବା ବିଧେୟ; କିନ୍ତୁ ସ୍ୱାମୀ ନିକଟରେ ନ ଥିଲେ ପ୍ରହ୍ଲାଦ ପ୍ରିୟଜନମାନଙ୍କୁ ଦର୍ଶନ କରିବେ । ଶାସ୍ତ୍ରରେ ଲିଖିତ ଅଛି ଯେ, ନାସ୍ତ୍ରୀର ମାନସିକ ଭାବାନୁସାରେ ଗର୍ଭ ଜନ୍ୟା ଜନ୍ମ ଗ୍ରହଣ କରନ୍ତି । ପିତା ମାତାଙ୍କ ଉପରେ ସନ୍ତାନର କ ଶାସ୍ତ୍ରିକ କ ମାନସିକ ସମୁଦାୟ ଉନ୍ନତ ଓ ଅବନତ ନିର୍ଭର କରେ ।

ପଣ୍ଡିତମାନେ କହନ୍ତି, ସ୍ତ୍ରୀଜନନେନ୍ଦ୍ରିୟର ଅଦ୍ଭୁତ ଶଙ୍ଖ-ନାଭି ପରି ଭଳଗୋଟି ଅବୟବ ରହିଛି । ତାହାର ଭୁଙ୍ଗାସ୍ୟ ଅବୟବରେ ଗର୍ଭାଶୟ ପ୍ରତିଷ୍ଠିତ ଅଛି । ସେହି ଗର୍ଭାଶୟ ମୁଖ, ବର୍ଣ୍ଣ, ସ୍ଥିତି ଓ

Download Odia Book https://Pathagara.blogspot.com

ଅକୃତ ସମସ୍ତଃ ଗ୍ରେହ୍ମା ମାଛ ପର୍, ଅର୍ଥାତ୍ ଏହା ମୃଗ ଠିକ୍ ଗ୍ରେହ୍ମା ମାଛ ମୃଗ ପର୍ । ଗ୍ରେହ୍ମାମାଛ ଯେପର୍ ଜଳ ମଧ୍ୟରେ ଅବସ୍ଥାନ କରେ, ଗର୍ଭକୋଷ ମଧ୍ୟ ସେହ୍ନ ପ୍ରକାର ପିତ୍ତାଶୟ ଓ ପାକାଶୟ ମଧ୍ୟରେ ଅବସ୍ଥାନ କରେ । ଏହାର କର୍ଣ୍ଣ ମଧ୍ୟ ଗ୍ରେହ୍ମା ମାଛର ମୃଗ କର୍ଣ୍ଣ ପର୍ ଏବଂ ଗ୍ରେହ୍ମାମାଛ ମୁହଁର ଛିଦ୍ର ଯେପର୍ ଅଳ୍ପ ଓ ମୃଗ ମଧ୍ୟରେ ବ୍ୟବଧାନ ଅଧିକ, ସେହ୍ନପର୍ ଗର୍ଭାଶୟର ମୁଖଦ୍ୱାର ମଧ୍ୟ ଅଳ୍ପ ଓ ମୃଗ ମଧ୍ୟର ବ୍ୟବଧାନ ଅଧିକ ।

ତନ୍ତ୍ର ଶାସ୍ତ୍ରରେ ଓ ଆୟୁର୍ବେଦରେ ଉଲ୍ଲେଖ ଅଛି ଯେ, ରମଣୀମାନଙ୍କ କାମାଗାରରେ ସମୀରଣା, ଗୃନ୍ଦ୍ରସୀ ଓ ଗୌତ୍ମ ନାମକ ତିନଗୋଟି ନାଡ଼ୀ ଅଛି । ଏହା ମଧ୍ୟରୁ ସମୀରଣା ନାମ୍ନୀ ନାଡ଼ୀମୁହଁରେ ପୁରୁଷର ରେତଃ ପାତ ହେଲେ, ତାହା ନିଷ୍ଫଳ ହୁଏ, ଅର୍ଥାତ୍ ତଦ୍ଦ୍ୱାରା ସନ୍ତାନ ଉତ୍ପତ୍ତି ହୁଏ ନାହିଁ । ଗୃନ୍ଦ୍ରସୀ ନାମ୍ନୀ ନାଡ଼ୀ ମୁହଁରେ ରେତଃ ପତତ ହେଲେ ତଦ୍ଦ୍ୱାରା କନ୍ୟା ସନ୍ତାନ ଉତ୍ପନ୍ନ ହୁଏ । ଯେଉଁତ୍ରୋକ୍ତ ଗୌତ୍ମ ନାମ୍ନୀ ନାଡ଼ୀ ମୁହଁରେ ପୁରୁଷର ରେତଃ ପତତ ହେଲେ ସ୍ୱଭାବତଃ ପୁତ୍ର ସନ୍ତାନ ଜନ୍ମିଥାଏ ।

ଯାହା ହେଉ ବିଧାତାଙ୍କ ଅଶ୍ଚର୍ଯ୍ୟ ନିୟମ ଗୁଡିକ ମଧ୍ୟରେ ଏହା ସର୍ବାପେକ୍ଷା ଆଶ୍ଚର୍ଯ୍ୟମୟ । ଏହି ନିୟମଦ୍ୱାରା ଆମ୍ଭମାନଙ୍କର ସୃଷ୍ଟି ହୋଇଅଛି ଓ ଏହି ନିୟମ ଦ୍ୱାରା ଆମ୍ଭେମାନେ ଏ ଦୁନିଆକୁ ଆସିଅଛୁ ।

Download Odia Book https://Pathagara.blogspot.com

ତୃତୀୟ ପରିଚ୍ଛେଦ

ଶୁକ୍ର

ଆମ୍ଭମାନଙ୍କ ଦୈନନ୍ଦିନ ଆହାର ଅନ୍ନ । ସେହି ଅନ୍ନରୁ ରସ, ରସରୁ ରକ୍ତ, ରକ୍ତରୁ ମାଂସ, ମାଂସରୁ ମେଦ, ମେଦରୁ ଅସ୍ଥି, ଅସ୍ଥିରୁ ମଜ୍ଜା ଓ ମଜ୍ଜାରୁ ରେତଃ ବା ଶୁକ୍ର ଉତ୍ପନ୍ନ ହୁଏ । ତାହାହେଲେ ବୁଝିବାକୁ ହେବ ଯେ ଖାଦ୍ୟର ସାତ୍ତ୍ୱାଂଶରୁ ରେତଃ ବା ଶୁକ୍ର ଉତ୍ପନ୍ନ ହୁଏ । ଏହିପରି ପୁନଃ ପୁନଃ ପରିପକ୍ୱ ରସରୁ ସ୍ଥୂଳ ଭାଗ ଏକ ମାସରେ ପୁରୁଷର ଶୁକ୍ର ଏବଂ ସ୍ତ୍ରୀମାନଙ୍କର ଆର୍ତ୍ତବ

ଓ ଶୁକ୍ରରେ ପରିଣତ ହୁଏ । ପୁରୁଷଙ୍କ ପରି ସ୍ତ୍ରୀଲୋକମାନଙ୍କର ମଧ୍ୟ ଶୁକ୍ର ସ୍ରାବିତ ହୁଏ କିନ୍ତୁ ଉଦ୍ଦ୍ୟାଗ ଗର୍ଭର ବିଶେଷ କୌଣସି ସାହାଯ୍ୟ ହୁଏ ନାହିଁ । ସ୍ତ୍ରୀମାନଙ୍କ ବୀଜର ଅଣ୍ଡାକୃତି ଅନେକାଂଶରେ ପାଦି ପୁଟୁକା ପରି । (ବୀଜର ଅଣ୍ଡାକୃତି) ପୂର୍ବରୁ କୁହା ହୋଇଅଛି ଯେ ସ୍ତ୍ରୀମାନଙ୍କ ଉଳ ପେଟରେ ଦୁଇ ପାଖରେ ଦୁଇଟି ବୀଜ କୋଷ ଅଛି । ପ୍ରତ୍ୟେକ ବୀଜ କୋଷରେ ପ୍ରାୟ ୭୦ ହଜାର ବୀଜ ଥାଏ । ଋତୁ ସମୟରେ ବୀଜ-କୋଷ ଫାଟିବା ବେଳେ ଏହି ବୀଜ ଗୁଡ଼ିକ କ୍ରମେ କ୍ରମେ ବୀଜ-କୋଷରୁ ବାହାର ବୀଜ ନଳ ବାଟେ ଜରାୟୁ ଗହ୍ୱରକୁ ଆସି ଯୋନି ପଥଦ୍ୱାରା ରକ୍ତ ସ୍ରାବ ସହିତ ବାହାର ଯାଆନ୍ତି । ଏହି କଥାକୁ ସମର୍ଥନ କରି ଇଂରାଜୀ ଡାକ୍ତରମାନେ କହି ଅଛନ୍ତି—

Download Odia Book https://Pathagara.blogspot.com

The ovaries are two in number, and are situated on each side of, and above the womb in the region of the upper groins. They are small, fan-shaped glands and are connected with the uterus by small ducts which are known as the fallopian tubes.

ଅଳ୍ପ ବୟସ୍କ ବାଳକମାନଙ୍କର ଶୁକ୍ର ଦେଖାଯାଏ ନାହିଁ, ଯେପର୍ଯ୍ୟନ୍ତ ପୁଷ୍ପର କଳିକା ଅବସ୍ଥାରେ ଏହାର ଗନ୍ଧ ଅନୁଭୂତ ହୁଏ ନାହିଁ, ସେହିପର୍ଯ୍ୟନ୍ତ ପ୍ରକୃତ ପ୍ରସ୍ତାବରେ ବାଳକମାନଙ୍କର ଶୁକ୍ର ଲକ୍ଷିତ ହୁଏ ନାହିଁ । କେବଳ ଯୌବନ ସମୟରେ ମନୁଷ୍ୟମାନଙ୍କର ଶୁକ୍ର ପରିପୁଷ୍ଟ ହୋଇ ପ୍ରକାଶିତ ହୁଏ ଏବଂ ସ୍ଥାନବିଶେଷରେ ଲୋମ ଉଦ୍‌ଗମ ହୁଏ । ନାଗ୍ନମାନଙ୍କର ଯୌବନ ସମୟରେ ମଧ୍ୟ ଏହି ସମସ୍ତ ପ୍ରକାଶିତ ହୁଏ, କିନ୍ତୁ ସ୍ତ୍ରୀ ଓ ପୁରୁଷମାନଙ୍କ ମଧ୍ୟରେ ଯେଉଁ ପାର୍ଥକ୍ୟ ଦୃଷ୍ଟ ହୁଏ ତାହା ଉଲ୍ଲେଖ କରି ସାରିଅଛୁ । ଯୌବନ ସମୟରେ ପୁରୁଷମାନଙ୍କର ଶ୍ମଶ୍ରୁରାଶି, ନାଶ, ଦାଢ଼ି, ପ୍ରଭୃତ ଉତ୍ପନ୍ନ ହୁଏ ଏବଂ ସ୍ତ୍ରୀ ଲୋକଙ୍କର ଯୌବନ ସମୟରେ ଶ୍ମଶ୍ରୁରାଶି, ସ୍ତନ ଓ ଆଜିବ ପ୍ରଭୃତ ଉତ୍ପନ୍ନ ହୋଇଥାଏ ।

କେଉଁ ସମୟରେ ନରନାଗ୍ନମାନଙ୍କ ବୀର୍ଯ୍ୟ ପରିପକ୍ୱ ହୁଏ, ତାହାର ଗୋଟିଏ ଶାସ୍ତ୍ର-ସମ୍ମତ ଶ୍ଲୋକ ନିମ୍ନରେ ଦିଆଗଲା—

ପଞ୍ଚଦଂଶେ ଭବେତ୍ ବର୍ଷେ ପୁମାନ୍ ନାରୀ ତୁ ଷୋଡ଼ଶେ,
ସମଭ୍ୱାଗଭବୀର୍ଯ୍ୟୌ ତୌ ଜାନୀୟାତ୍ କୁଶଲୌ ଭିଷକ୍ (ସୁଶ୍ରୁତ)

୨୫ ବର୍ଷରେ ପୁରୁଷର ଏବଂ ୧୭ ବର୍ଷରେ ସ୍ତ୍ରୀର ବୀର୍ଯ୍ୟ ପକ୍ୱ ହୁଏ । ସେ ପର୍ଯ୍ୟନ୍ତ ଗର୍ଭାଧାନ-ଫଳର କଳ୍ପିବ୍ୟ ନୁହେଁ ।

Download Odia Book https://Pathagara.blogspot.com

ପୁରୁଷଙ୍କ ଶୁକ୍ର ସୌମ୍ୟ, ଶ୍ୱେତବର୍ଣ୍ଣ, ସ୍ନିଗ୍ଧ, ବଳକାରକ, ପୁଷ୍ଟିକର; ଗର୍ଭର ବୀଜ, ଦେହର ସାର ବସ୍ତୁ ଏବଂ ଜୀବର ପ୍ରଧାନ ଅଶ୍ରୟ ସ୍ଥଳ । ଜୀବ ସର୍ବାଙ୍ଗ ବ୍ୟାପି ବାସ କରେ । ଉନ୍ନଧରୁ ବୀର୍ଯ୍ୟରେ, ରକ୍ତରେ ଓ ମଳରେ ବିଶେଷ ଭାବରେ ଅବସ୍ଥାନ କରି-ଥାଏ । ଏହା କ୍ଷୀଣ ଓ ତରଳ ହେଲେ ଅଳ୍ପ ସମୟ ମଧ୍ୟରେ ଜୀବର ମୃତ୍ୟୁ ହୁଏ ।

ଶୁକ୍ରର ସ୍ଥାନ

ଦୁଗ୍ଧର ସବୁ ଅଂଶକୁ ବ୍ୟାପି ଯେପରି ଘୃତ ଥାଏ, ଆଖୁ-ରସରେ ଯେପରି ଗୁଡ଼ ଥାଏ, ସେହିପରି ମନୁଷ୍ୟର ସର୍ବଦେହ ବା ସର୍ବାଙ୍ଗ ବ୍ୟାପି ଶୁକ୍ର ଅବସ୍ଥାନ କରେ । ଦୁଗ୍ଧକୁ ଅଳ୍ପ ପରୁନ କଲେ ଉହାଁରୁ ଯେପରି ଘୃତ ଜାତ ହୁଏ, ସେହିପରି ଅଳ୍ପ ମୈଥୁନ ଦ୍ୱାରା ଏହି ଶୁକ୍ରବିଶିଷ୍ଟ ବ୍ୟକ୍ତିର ଶୁକ୍ର ନିର୍ଗତ ହୁଏ । ପୁଣି ଅଳ୍ପ ଶୁକ୍ର-ବିଶିଷ୍ଟ ବ୍ୟକ୍ତିପକ୍ଷରେ—ଯେପରି ଆଖୁରସକୁ ଅଗ୍ନି ଦ୍ୱାରା ବହୁତ ପରମାଣରେ ଫୁଟାଇଲେ, ତହିଁରୁ ଗୁଡ଼ ଜାତ ହୁଏ, ସେହିପରି ଅଳ୍ପ ଶୁକ୍ର-ବିଶିଷ୍ଟ ବ୍ୟକ୍ତି ବହୁ ସମୟ ମୈଥୁନ କଲେ ତେବେ ତାହାର ଶୁକ୍ର ନିର୍ଗତ ହୋଇଥାଏ ।

ଗର୍ଭ ଉତ୍ପାଦନକାରୀ ଶୁକ୍ରର ଲକ୍ଷଣ

ଯେଉଁ ଶୁକ୍ର କାଚ ପରି ଶ୍ୱେତ-ବର୍ଣ୍ଣ ବିଶିଷ୍ଟ, ତରଳ ସ୍ନିଗ୍ଧ, ମଧୁର ରସ-ବିଶିଷ୍ଟ ଓ ମଧୁ ଗନ୍ଧ ପରି, ସେହି ଶୁକ୍ର ଗର୍ଭ ଉତ୍ପାଦ

Download Odia Book https://Pathagara.blogspot.com

ପଶରେ ଉପଯୁକ୍ତ ବଶୁଛ ଶୁକ୍ର । କେହୁ କେହୁ ତୈଳ ବା ମଧୁ ବର୍ଣ୍ଣ ପର ବର୍ଣ୍ଣ-ବିଶିଷ୍ଟ ଶୁକ୍ରକୁ ପ୍ରଶସ୍ତ ଗର୍ଭୋତ୍ପାଦକ ଶୁକ୍ର ବୋଲ୍ ନିର୍ଦ୍ଦେଶ କର ଅଛନ୍ତି ।

—✱—

ଶୁକ୍ର ବାହାରବା ପଥ

ଅଣ୍ଡକୋଷର କେଉଁଗୁଡିଏ ସ୍ନାୟୁ ପୁରୁଷାଙ୍ଗ ସହିତ ସଂଯୁକ୍ତ ଅଛି । ସହବାସ ସମୟରେ ବୀର୍ଯ୍ୟ ଗ୍ରନ୍ଥି ନଳଦ୍ୱାର ବୀର୍ଯ୍ୟାଧାରସ୍ଥ ଶୁକ୍ର ପ୍ରବାହିତ ହୋଇ ପୁରଷାଙ୍ଗର ସୂକ୍ଷ୍ମ ନଳ-ରାସ୍ତେ ବାହାରେ । ପୁରୁଷାଙ୍ଗର ଅଧୋଦେଶରେ ଦୁଇ ଅଙ୍ଗୁଳ ଦକ୍ଷିଣ ପାଶ୍ୱରେ ଯେଉଁ ମୂକ୍ର ସ୍ରୋତର ପଥ ଅର୍ଥାତ୍ ମୂତ୍ର ନଳୀ ଅଛି, ତହିଁରୁ ପୁରୁଷଙ୍କ ଶୁକ୍ର ବା ରେତଃ ସ୍ରାବିତ ହୁଏ ।

ଶୁକ୍ରକ୍ଷରଣର କାରଣ

ଅତ୍ୟନ୍ତ କାମାଶକ୍ତ ହୋଇ ରମଣୀମାନଙ୍କ ଦର୍ଶନ, ସ୍ପର୍ଶନ, ବାକ୍ୟ ଶ୍ରବଣ, ରୂପ ସୌନ୍ଦର୍ଯ୍ୟ ମନମଧ୍ୟରେ ଚିନ୍ତା କରିବା କମ୍ବା ଏମାନଙ୍କ ସହିତ ସଙ୍ଗ ହେଲେ ପୁରୁଷର ରେତଃ ବା ଶୁକ୍ର ସ୍ୱଭାବତଃ ସ୍ରାବିତ ହୁଏ । ଶୁକ୍ର ଜୀବର ମୂଳ ଅଧାର । ଯେଉଁ ଶୁକ୍ର ପତିତ ହେବା ସମୟରେ ମନୁଷ୍ୟକୁ ଏପର ଅନିର୍ବଚନୀୟ ସୁଖ ପ୍ରଦାନ କରେ, ଯାହା ବହୁର୍ଗତ ହୋଇଯିବା ସମୟରେ ମନୁଷ୍ୟକୁ ଅଣ୍ଡର୍ଯ୍ୟ ଭାବରେ ଉନ୍ମତ୍ତ କଲେ ମଧ୍ୟ ଠିକ୍ ପରମୁହୂର୍ତ୍ତରେ ଗ୍ଲାନ୍ତି ବୋଧ ହୁଏ ତାହା ଧାରଣ କର ରଖିଲେ ଯେ ଜପର ସୁଖ ମିଳିବ ଓ ଜପର ଆନନ୍ଦ ଜାତ ହେବ ତାହା ସହଜରେ ଅନୁମାନ କରିଯାଇ ପାରେ ।

—✱—

Download Odia Book https://Pathagara.blogspot.com

ଶୁକ୍ରକୀଟ

ଏହା ଏକପ୍ରକାର କ୍ଷୁଦ୍ରାକାର କୀଟ । ଅଣୁବୀକ୍ଷଣ ଯନ୍ତ୍ରଦ୍ୱାରା ଦର୍ଶନ କଲେ, ଶୁକ୍ର ଭିତରେ ବହୁ ସଂଖ୍ୟକ ଲେଞ୍ଜ, ବଡ଼, ଲମ୍ବା ଇତ୍ୟାଦି ବହୁ ଆକାରରେ ଏକପ୍ରକାର କ୍ଷୁଦ୍ର କ୍ଷୁଦ୍ର ଚଳନଶୀଳ ପଦାର୍ଥ ଦେଖିବାକୁ ମିଳେ । ଇଂରାଜ ପଣ୍ଡିତମାନେ ମଧ୍ୟ କହନ୍ତି—

The sperms are so small that they can not be seen by the naked eye but are rendered visible by a powerful microscope.
(ଶୁକ୍ରକୀଟ)

ଅର୍ଥାତ୍—ଏହି ଶୁକ୍ର କୀଟ ଗୁଡ଼ାକ ଏତେ କ୍ଷୁଦ୍ର ଯେ ତାହା ଚକ୍ଷୁରେ ଦେଖାଯାଏ ନାହିଁ କିନ୍ତୁ ଉତ୍କୃଷ୍ଟ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଦୃଷ୍ଟିପାତ କଲେ ଏହା ଦେଖାଯିବ ।

ଏହି ଶୁକ୍ରକୀଟ ଗୁଡ଼ାକର ଆକୃତି ପ୍ରାୟ ବେଙ୍ଗପୁଲା ପରି ଲମ୍ବା ଅଟେ କିନ୍ତୁ ମୁଣ୍ଡ ଅପେକ୍ଷାକୃତ ସରୁ । ସହବାସ ସମୟରେ ଜନନେନ୍ଦ୍ରିୟ ମଧ୍ୟରୁ ସୂକ୍ଷ୍ମ ନଳବାଟେ ଏହି ଚଳନଶୀଳ ଶୁକ୍ରକୀଟ ଗୁଡ଼ାକ ସ୍ତ୍ରୀଶରୀରରେ ପ୍ରବେଶ କରନ୍ତି ଏବଂ ଏହା ଦ୍ୱାରା ସ୍ତ୍ରୀମାନଙ୍କର ଗର୍ଭସଞ୍ଚାର ହୋଇଥାଏ ।

Download Odia Book https://Pathagara.blogspot.com

ସତେଜ ଓ ନସ୍ତେଜ ଶୁକ୍ରକୀଟ

ଯେଉଁମାନେ ଫଫସୀ ଓ ଯେଉଁମାନେ ଅତ୍ୟଧିକ ଇନ୍ଦ୍ରିୟ ପରିଚାଳନା ଦ୍ୱାରା ଶୁକ୍ରକ୍ଷୟ କରନ୍ତି ନାହିଁ ସେମାନଙ୍କ ଶୁକ୍ରକୀଟ

ସତେଜ ଶୁକ୍ରକୀଟ

ସଜୀବ ଓ ସତେଜ ଅବସ୍ଥାରେ ଥାଏ। ଏହାଦ୍ୱାରା ପୁତ୍ରକନ୍ୟା ଉତ୍ପନ୍ନହେଲେ, ସେମାନେ ଦୀର୍ଘାୟୁ, ନିରୋଗ, ସୌଭାଗ୍ୟଶାଳୀ, ଐଶ୍ୱର୍ଯ୍ୟଶାଳୀ ଓ ବଳଶାଳୀ ହୁଅନ୍ତି, କନ୍ତୁ ଯେଉଁମାନେ ଅଫଫସୀ ଯେଉଁମାନେ ଅତିରିକ୍ତ ଇନ୍ଦ୍ରିୟଚଞ୍ଚଳୀ ହୋଇ ସ୍ୱାଭାବିକ ବା ଅସ୍ୱାଭାବିକ ଉପାୟରେ

ନସ୍ତେଜ ଶୁକ୍ରକୀଟ

ଶୁକ୍ରପାତ କରନ୍ତି ସେମାନଙ୍କ ଶୁକ୍ରକୀଟ ଅତିଶୟ ଦୁର୍ବଳ, ଲଞ୍ଜୁଛୁଣ୍ଡା, ମସ୍ତକ-ହୀନ ଓ ବିକୃତ ହୋଇ ପଡ଼ନ୍ତି । ଏ ଅବସ୍ଥାରେ ନସ୍ତେଜ ଶୁକ୍ରକୀଟଙ୍କର ଗର୍ଭ ସଞ୍ଚାର କରିବା ଶକ୍ତି ଆଦୌ ନ ଥାଏ । ପୁଣି ଏହି ବିକୃତ ଶୁକ୍ରକୀଟ ଦ୍ୱାରା ସନ୍ତାନ ଉତ୍ପନ୍ନ ହେଲେ,ପିତାମାତାଙ୍କ ଦୋଷରୁ ସନ୍ତାନ ଅଳ୍ପାୟୁ, ରୋଗଗ୍ରସ୍ତ, ଶକ୍ତିହୀନ, ବଳହୀନ ଏବଂ ପ୍ରାୟ ଅନେକ ସମୟରେ ସନ୍ତାନ ବିକଳାଙ୍ଗ ହୋଇଥାନ୍ତି । ଅତଏବ ଅଧିକ ପରିମାଣରେ ଇନ୍ଦ୍ରିୟ ଚାଳନା ବଶତଃ ଶୁକ୍ରବ୍ୟୟ ନ କରିବା ଏବଂ ସଂଯମୀ ହୋଇ ଶୁକ୍ରକୀଟ ସତେଜ ରଖିବା ପ୍ରତ୍ୟେକ ଯୁବକର କର୍ତ୍ତବ୍ୟ । ଅତିରିକ୍ତ ଇନ୍ଦ୍ରିୟ ପରିଚାଳନା ଯୋଗୁ ଶରୀର ଦୁର୍ବଳ, ମନ ନସ୍ତେଜ, ଅଙ୍ଗ ପ୍ରତ୍ୟଙ୍ଗ ଓ ଇନ୍ଦ୍ରିୟ ସବୁ ଶିଥିଳ, ସୌନ୍ଦର୍ଯ୍ୟ ହାନି, ଗମ୍ଭୀର ଚିନ୍ତା କରିବାକୁ ଅକ୍ଷମତା, ଚକ୍ଷୁ ଜ୍ୟୋତି ନାଶ,

Download Odia Book https://Pathagara.blogspot.com

ଓ ସ୍ମରଣ ଶକ୍ତି ହ୍ରାସ ହୁଏ । ପୁଣି ଦେହ ଖସି ହେଉଛି ଜ୍ୱର, କାଶ, ଶ୍ୱାସ, ଶୂଳ ବେଦନା, ଚୁଲଭା, ଯକ୍ଷ୍ମା ପ୍ରଭୃତି ବହୁବିଧ ରୋଗର ସୃଷ୍ଟି ହୁଏ ।

କ୍ଷଣସ୍ଥାୟୀ ସୁଖ ଆଶାରେ ଯେ କୌଣସି ସମୟରେ ସ୍ତ୍ରୀ ସହବାସ କର ଦୁର୍ବଳ ହେବା ଯେପରି, କ୍ଷୁଧା ନ ଥିବା ସତ୍ତ୍ୱେ ଔଦରିକ ପରି ଆହାର କରି ରୋଗଗ୍ରସ୍ତ ହେବା ଠିକ୍ ସେହିପରି । ପ୍ରତ୍ୟେକ ଯୁବକ ଏବଂ ପ୍ରତ୍ୟେକ ମନୁଷ୍ୟ ଏହା ବିଶେଷ ରୂପେ ସ୍ମରଣ ରଖିବେ ଯେ ଶତାଧିକ ଫୋଟା ରକ୍ତରୁ ମାତ୍ର ଗୋଟାଏ ଫୋଟା ଶୁକ୍ର ଉତ୍ପନ୍ନ ହୁଏ । ଅତଏବ ଏହି ପ୍ରାଣ ବା ଜୀବନ ସ୍ୱରୂପ ବୀର୍ଯ୍ୟକୁ କେହି ଯେପରି ଦୈନନ୍ଦିନ ବହାରରେ ଅତ୍ୟଧିକ ଇନ୍ଦ୍ରିୟ ପରିଚାଳନା ଦ୍ୱାରା ଅପବ୍ୟୟ ନ କରନ୍ତି ସେଥି ପ୍ରତି ସାବଧାନ ହେବା ଉଚିତ ।

Download Odia Book https://Pathagara.blogspot.com

ଚତୁର୍ଥ ପରିଚ୍ଛେଦ

ସହବାସ ବର୍ଧ

ବିଶ୍ୱନିୟନ୍ତା ପରମେଶ୍ୱର ସୃଷ୍ଟି ରକ୍ଷା କରିବା ନିମନ୍ତେ କାମପ୍ରବୃତ୍ତିକୁ ଦାନ କରିଅଛନ୍ତି । କାମ, ଭଗବାନଙ୍କ ଦାନ । କାମର ସାଧନା ଅଛି, ପରିଣତ ଅଛି, ପ୍ରୟୋଜନ ଅଛି, ସାର୍ଥକତା ଅଛି, ଏଣୁ ସୃଷ୍ଟିରକ୍ଷାର ମୂଳୀଭୂତ ଏହି କାମରିପୁ ହେୟ ନୁହେ, ଘୃଣ୍ୟ ନୁହେ, ପରିତ୍ୟଜ୍ୟ ନୁହେ, ଲଜ୍ଜାର ବିଷୟ ନୁହେ । ସାଧାରଣତଃ ଲୋକେ ଇନ୍ଦ୍ରିୟ ପରିଚାଳନାକୁ କାମ-ପ୍ରବୃତ୍ତିର ସାଧନା ବୋଲି ମନେ କରନ୍ତି । ସେଥି ପାଇଁ ଲୋକେ ଏହାକୁ ଏତେ ହେୟ ଜ୍ଞାନ ଓ ଏତେ ଘୃଣା ଚକ୍ଷୁରେ ଦେଖନ୍ତି । ଏହା ମୂଳରେ ପରମେଶ୍ୱରଙ୍କର ଯେ କୌଣସି ମହାନ ଉଦ୍ଦେଶ୍ୟ ଥାଇ ପାରେ, ସମସ୍ତେ ଏହାକୁ ଚରିତାର୍ଥ କରିବା ପାଇଁ ଲାଳାୟିତ । ସ୍ତ୍ରୀ ପୁରୁଷଙ୍କ ଯୌନ ମିଳନ, କାମର ସାଧାନା, ଏହାକୁ ଈଶ୍ୱରପ୍ରଦତ୍ତ ଇନ୍ଦ୍ରିୟର ସୁଖଭୋଗ ବା ଇନ୍ଦ୍ରିୟର ପରିତୃପ୍ତ ଚରିତାର୍ଥତା, କିନ୍ତୁ ଅଧମପ୍ରାଣ ମନୁଷ୍ୟମାନେ ଅପରିତୃପ୍ତ ଭାବରେ ଏହି ଇନ୍ଦ୍ରିୟ ଚରିତାର୍ଥତା ପାଇଁ ଜଗତରେ କେତେ ବୀଭତ୍ସ କାଣ୍ଡ ଘଟାଉ ଅଛନ୍ତି ଏବଂ ଅଧୁନାତନ ସଭ୍ୟତାରେ କାମରିପୁର ସାଧନା ମଧ୍ୟ ବୀଭତ୍ସ ବ୍ୟାପାରରେ ପରିଣତ ହୋଇଅଛି । ମନୁଷ୍ୟ ଇନ୍ଦ୍ରିୟ ପରିତୃପ୍ତି ନିମନ୍ତେ ଅନ୍ଧ ଓ ଉନ୍ମତ୍ତ ହୋଇ ଯେ କେତେ ଅଶିଷ୍ଟ ଅସଭ୍ୟ ଓ ଅସାମାଜିକ କାର୍ଯ୍ୟ କରେ ତାହାର ଇୟତ୍ତା ନାହିଁ ।

Download Odia Book https://Pathagara.blogspot.com

କାମ ଅପରାଜେୟ ସତ୍ୟ, ମାନ୍ଦ ପ୍ରକୃତ ବୁଦ୍ଧିମାନ୍ ବ୍ୟକ୍ତ ଫଯମ ବଳରେ ତାହାକୁ ଅସ୍ୱୀକାର କରେ ।

ଏହା ନିଇଁରେ ଭେଦାଭେଦ ନାହିଁ । ସମସ୍ତେ ଏହାର ଅଧୀନ । ରାଜା ପ୍ରଜା, ଧନୀ ଦରିଦ୍ର, ବିଦ୍ୱାନ୍ ମୂର୍ଖ, ସୁନ୍ଦର କୁତ୍ସିତ ସମସ୍ତେ ସମାନ ଆଗ୍ରହ, ସମାନ ଆକାଂକ୍ଷା ସହକାରେ ଇନ୍ଦ୍ରିୟ ସୁଖ ଭୋଗ କରନ୍ତି ।

ଏହି କାମକୁ ଆମ୍ଭେମାନେ ସାଧାରଣତଃ ଇନ୍ଦ୍ରିୟ ପରିତୃପ୍ତି ବୋଲି କହିଁ, ପ୍ରକୃତ ପକ୍ଷରେ ତାହାରି ନାମ ଇନ୍ଦ୍ରିୟ ପରିଗ୍ରହଣା । ଇନ୍ଦ୍ରିୟ ପରିତୃପ୍ତି ଏବଂ ଇନ୍ଦ୍ରିୟ ପରିଗ୍ରହଣା, ଏ ଦୁଇଟି ଶବ୍ଦର ଅର୍ଥ । ପ୍ରଥମାବସ୍ଥା—ଇନ୍ଦ୍ରିୟ ପରିଗ୍ରହଣା କିନ୍ତୁ ଶେଷାବସ୍ଥା—ପରିତୃପ୍ତି । କେବଳ ଖାଲି ଇନ୍ଦ୍ରିୟ ପରିଗ୍ରହଣା ଦ୍ୱାରା ଶରୀର ଖାଣ୍ଡ, ପୀଡିତ ହୁଏ, ଅକାଳ ମୃତ୍ୟୁ ଘଟେ; ଜଣକ ଦୋଷରେ ବହୁ ଲୋକର କ୍ଷତ ହୁଏ । ପରିତୃପ୍ତି ଦ୍ୱାରା ସୁଖ, ଶାନ୍ତି, ପରମାୟୁ ବୃଦ୍ଧି ଓ ଭବିଷ୍ୟତ ସମାଜର ମଙ୍ଗଳ ସାଧିତ ହୁଏ ।

ପ୍ରେମ କାମସାଧନାର ଅଙ୍ଗ । ଇନ୍ଦ୍ରିୟ ପରିତୃପ୍ତି ସାଧନାର ବସ୍ତୁ । ଏହା ଆୟୋଜନ ସାପେକ୍ଷ । ଏ ସମସ୍ୟାର ସମାଧାନ ଗୋଟାଏ ଦିନରେ ହୁଏ ନାହିଁ । ବିବାହ ପରେ ସହସା ଗୋଟାଏ ପରିବର୍ତ୍ତନ ହୋଇଥାଏ । ନବପରିଣୀତ ଦମ୍ପତ ଯେତେବେଳେ ଧୀରେ ଧୀରେ ପରସ୍ପରଙ୍କ ମନ-ମନ୍ଦିରକୁ ଅଧିକାର କରି ବସନ୍ତି, ସେତେବେଳେ ଉଭୟଙ୍କ ଅଗମନ-ସ୍ପର୍ଶ ଯୋଗୁ, ଉଭୟଙ୍କ

Download Odia Book https://Pathagara.blogspot.com

ହୃଦୟରେ ପ୍ରେମ-କୁସୁମ ପ୍ରସ୍ଫୁଟିତ ହୁଏ, ହୃଦୟଛନ୍ତୀ ମଧୁର ସ୍ୱରରେ ଧ୍ୱନିତ ହୁଏ । କିନ୍ତୁ ଅଳ୍ପବୁଦ୍ଧି ଦମ୍ପତିଙ୍କ ପ୍ରେମ ପ୍ରସ୍ଫୁଟିତ ହେଉଣୁ ନ ହେଉଣୁ ଶୁଖିଯାଏ । ପ୍ରେମ ସାଧନାର ବସ୍ତୁ । ଦେହବଦ୍ଧ-କାମ ପ୍ରେମ ସୃଜନ କରିପାରେ ନାହିଁ । ଦାମ୍ପତ୍ୟ-ଜୀବନ କେବଳ ସାମାଜିକ ବିବାହ ବନ୍ଧନ ଉପରେ ନିର୍ଭର କରେ ନାହିଁ, ଏହା ପ୍ରେମ ଉପରେ ନିର୍ଭର କରେ । ବିବାହ କେବଳ ଯୌନ-ପ୍ରେମ ସାଧନାକୁ ସହାୟତା କରେ ମାତ୍ର । କୌଶଳ ନ ଜାଣିଲେ ବିବାହିତ ଜୀବନ ବ୍ୟର୍ଥ ହୋଇ ଯାଏ । ହତାଶା ଆସି ଜୀବନର କେତେ ଆକାଂକ୍ଷା, କେତେ ସୁଖ, କେତେ ରସକୁ ସବୁ ନଷ୍ଟ କରିଦଏ । ଦିଇନ୍ଜ କାର୍ଯ୍ୟ କ୍ଷେତ୍ରରେ କୃତକାର୍ଯ୍ୟ ହେବାକୁ ହେଲେ ଯେପରି ବୁଦ୍ଧି, ବିଚାରଶକ୍ତି, ଅନ୍ତର୍ଦୃଷ୍ଟି ସହକାରେ କାର୍ଯ୍ୟ କରିବାକୁ ହୁଏ, ଦାମ୍ପତ୍ୟ-ଜୀବନରେ ସୁଖୀ ହେବାକୁ ହେଲେ ସେହିପରି ବୁଦ୍ଧି, ବିଚାର ଶକ୍ତି, ଅନ୍ତର୍ଦୃଷ୍ଟି ଓ ସହାନନଭୂତି ଆବଶ୍ୟକ ।

ପୂର୍ବରେ ଉଲ୍ଲେଖ କରା ହୋଇଛି ଯେ ପ୍ରେମ ସାଧନାର ବସ୍ତୁ ଏବଂ ଅପେକ୍ଷାକୃତ ସାପେକ୍ଷ । ନବୀନ ଯୁବକ ବୟସ ବୃଦ୍ଧି ସମୟରେ ଯେତେବେଳେ ଚଞ୍ଚଳା-ପିତ୍ତ ହୁଏ, ଯେତେବେଳେ ଚଞ୍ଚଳା ପରିତୃପ୍ତିର ବସ୍ତୁ ନିକର ଅସୂର୍ଯ୍ୟମ୍ପଶ୍ୟା ହୁଏ, ସେତେ-ବେଳେ ସେ ଅନାୟାସରେ କାମ-ମୋହିତ ହୋଇ ପଡେ, ସେତେବେଳେ ସେ ବିଳମ୍ବ ସହ୍ୟ କରି ପାରେ ନାହିଁ କି କୌଣସି ବିଷୟ ବିବେଚନା କରିବାକୁ ଗ୍ରହେ ନାହିଁ । ତାହା ପକ୍ଷରେ ଏକ ମୁହୂର୍ତ୍ତ ଏକ ଦଣ୍ଡ ଘୋଷାଏ ଯୁଗ ପରି ମନେ ହୁଏ ।

Download Odia Book https://Pathagara.blogspot.com

ସହବାସର ଏହା ପ୍ରଥମ ଆବେଗରେ ଟିକିଏ ଅସଭର୍କତା ଓ ଅବିବେଚନା ଯୋଗୁ ଜଘାପ୍ରମାନ ଯୁବଜଯୁବତୀଙ୍କର ସୁଖ ଆଶା ଚୂର୍ଣ୍ଣବିଚୂର୍ଣ୍ଣ ହୋଇ ଜୀବନ ବ୍ୟର୍ଥ ହୋଇଯାଏ । ଏଥିଯୋଗୁଁ କାମମୋହିତ ରତ-ରସ-ପିପାସୁ ଯୁବକର ସର୍ବଦା ସ୍ମରଣ ରଖିବା ଉଚିତ ଯେ ଭାମାନ୍ଧ ହୋଇ ନବବଧୂ ସହିତ ସହବାସରେ ପ୍ରବୃତ୍ତ ହେବା ଠିକ୍ ନୁହେଁ, କାମ-ଜ୍ୱରାପନ୍ନ ହୋଇ ରତ-ଗୌରବ ବୃଦ୍ଧି ନମନ୍ତେ ସହବାସ କରିବା ଉଚିତ । ସହବାସ ସମୟରେ ବା ରତ-ଶୟନ ସମୟରେ ପୁରୁଷର କର୍ତ୍ତବ୍ୟ ଯେ ସେ ରମଣୀର ସୁପ୍ତ କାମ ପ୍ରବୃତ୍ତିକୁ ଜାଗରିତ କରିବ । ଏଣୁ ସହବାସ ପୂର୍ବରୁ ବ୍ୟସ୍ତତା ସମ୍ପୂର୍ଣ୍ଣ ଅବାଞ୍ଛନୀୟ । କାରଣ ବଳ ପ୍ରୟୋଗ ଦ୍ୱାରା କାମ ସାଧନା ହୁଏ ନାହିଁ । ରମଣୀମାନଙ୍କ ଅନିଚ୍ଛା ସତ୍ତ୍ୱେ କାମାନ୍ଧ ହୋଇ ବଳ ପୂର୍ବକ ସହବାସ କରିବା ଉଚିତ ନୁହେଁ । କାରଣ ବଳ ପ୍ରୟୋଗ ଦ୍ୱାରା ଆସକ୍ତି ନ ହୋଇ ବରଂ ବିରକ୍ତି ଜାତ ହୁଏ । ପଣ୍ଡିତମାନେ ମଧ୍ୟ କହିଛନ୍ତି—

କାମିତ ବନିତା ଚୈବ ସୁଖଦା ସ୍ୱୟମାଗତା ।
ବଳାଦାକୃଷ୍ୟମାନା ଚେତ୍ ସରସା ବିରସାୟତେ ॥

ଅର୍ଥାତ୍—ଯେ କାମିତା ଅନାୟାସରେ ରତିତ ହୁଏ ଓ ଯେ ସ୍ତ୍ରୀ ନିଜେ ନିଜେ ସ୍ୱାମୀସମ୍ଭାଷଣ ଉତ୍ସୁକ, ସେମାନେ ସୁଖଦାୟିନୀ ହୁଅନ୍ତି । କିନ୍ତୁ କାଙ୍କ୍ଷିତ କାମିତା ଓ ବଳପୂର୍ବକ ଧୃତା ସ୍ତ୍ରୀ ଅଶେଷ ରସମୟୀ ହେଲେ ମଧ୍ୟ ପୀଡ଼ାଦାୟିନୀ ହୁଅନ୍ତି ।

ଅତଏବ ସହବାସ ପୂର୍ବରୁ ପ୍ରେମବାର ବୀଜନ ଦ୍ୱାରା ରମଣୀ ହୃଦୟକୁ ସିକ୍ତ କରିବାକୁ ହୁଏ । ତାହାର ସୁପ୍ତା ରତ ବା

Download Odia Book https://Pathagara.blogspot.com

କାମ ପ୍ରବୃତ୍ତିକୁ ଜାଗରିତ କର ଉଭୟରେ ଇନ୍ଦ୍ରିୟ ସୁଖଭୋଗ କରିବାକୁ ହେବ । ପୁରୁଷର ରମଣ ଉପଯୁକ୍ତ ସ୍ପର୍ଶ ଆଲିଙ୍ଗନାଦି ଦ୍ୱାରା ପରିତୃପ୍ତା-ରମଣୀର ଯୋନୀଉତ୍ତାଳୀ ଉନ୍ମୁକ୍ତ ଓ ରସସ୍ରାବୀ ହୁଏ । ଏହି ସମୟ ସହବାସର ପ୍ରକୃତ ସମୟ, କାରଣ ଏହି ସମୟରେ ରମଣୀ ଯୌନମିଳନ ପ୍ରୟାସୀ ହୋଇ ନିଜ ଦେହକୁ ପୁରୁଷାଙ୍ଗରେ ସଂପୃକ୍ତ କରିବାକୁ କାମନା କରେ । ଏ ସମ୍ବନ୍ଧରେ ଜଣେ ଇଂରାଜ ଡାକ୍ତର ଲେଖିଛନ୍ତି :—

So the first part of every act of coition should always be a courting act. In which there should be absolutely no haste; but in which the parties should make delays. If the lovers will be free with each other and do with each other anything and every thing that their impulses and inclinations suggest or their desires prompt if they will do this and not hurry about it—then in due course the sex organs will become fully ready for the union they are both longing for. ଅର୍ଥାତ୍ :— ସହବାସ ମିଳନ ହେବା ପୂର୍ବରୁ, ସ୍ତ୍ରୀ ପୁରୁଷ ଉଭୟ, ସେମାନଙ୍କ କାମ ପ୍ରବୃତ୍ତିକୁ ଜାଗରିତ ହେବା ପର୍ଯ୍ୟନ୍ତ ବିଳମ୍ବ କରିବା ଉଚିତ ।

କାମ ପ୍ରବୃତ୍ତ ଜାଗରଣ ବିଷୟରେ ପୁରୁଷର ସ୍ୱଭାବ ସ୍ତ୍ରୀ ସ୍ୱଭାବଠାରୁ ସମ୍ପୂର୍ଣ୍ଣ ବିଭିନ୍ନ । କାମୋଦ୍ଦୀପନା ହେବା ମାତ୍ରକେ ସ୍ୱଭାବ ଗୁଣରେ ପୁରୁଷ କାମ ସାଧନା କରିବାରେ

Download Odia Book https://Pathagara.blogspot.com

ଅଗ୍ରଦୂତ । ରମଣୀ ତାହାର ରମଣୀସୁଲଭ ଧର୍ମବଶରୁ ରମଣୀ-ହୃଦୟର ନିଭୃତ ପ୍ରଦେଶରେ କାମ ପ୍ରବୃତ୍ତିକୁ ସଯତ୍ନରେ ଲୁକ୍କାୟିତ କରେ । ଅଗ୍ରହ ଥିଲେ ମଧ୍ୟ ସହଜରେ ଜାଗରିତ କରେ ନାହିଁ । ଏହି ସହବାସ ବିଧି ସମ୍ବନ୍ଧରେ ଜଣେ ଇଂରାଜ ଡାକ୍ତର ଲେଖିଛନ୍ତି : —

If the husband is in haste, if he does not wait for the wife to become ready to meet him, if he forces his penis into the vigina befor either is fully ready for such union—when there is no fluid on the glans,and the vagina is shrunken and its walls are dry—if coition is engaged in this way, it is perfectly easy to see that only disaster can result. The woman is hurt, sometimes most cruelly, and the man in reality gets only a beastly gratification from the act ଅର୍ଥାତ୍—ସ୍ତ୍ରୀର କାମଶକ୍ତି ଜାଗରିତ ହେବା ପର୍ଯ୍ୟନ୍ତ, ପୁରୁଷ ଯଦି ଅପେକ୍ଷା ନ କରେ ଏବଂ ସ୍ତ୍ରୀ ସହିତ ବଳାତ୍କାର ପୂର୍ବକ ସହବାସ କରେ, ତାହା ହେଲେ ସ୍ତ୍ରୀର ଯୌନ-ଇନ୍ଦ୍ରୀ ଆଘାତ ପ୍ରାପ୍ତ ହୁଏ । ଅଭ୍ୟକ ସ୍ତ୍ରୀର ରତ-ପ୍ରବୃତ୍ତିକୁ ଜାଗରିତ ନ କରି ଏହି ପ୍ରକାର ନିଷ୍ଠୁର ମିଳନ ପ୍ରଥା ସର୍ବଦା ପରିତ୍ୟଜ୍ୟ ।

ରମଣୀମାନେ କାମକଳାରେ ପୁରୁଷଙ୍କ ଅପେକ୍ଷା ଅଳ୍ପ ବୟସରେ ଅଭିଜ୍ଞ ହେଲେ ମଧ୍ୟ ସେମାନଙ୍କ କାମନା ଓ ଅକାଂକ୍ଷାକୁ ଶାଶ୍ୱତିକ ତୃପ୍ତି ସାଧନ କାର୍ଯ୍ୟରେ ଲଗାଇବାକୁ ସେମାନେ

Download Odia Book https://Pathagara.blogspot.com

ପ୍ରାୟ ପଣ୍ଡାଇପଦ ହୁଅନ୍ତି । କୌଣସି କୌଣସି ରମଣୀ ସ୍ୱଭାବତଃ ଅକାଂକ୍ଷିଣୀ ହୋଇ ରତ-ପ୍ରାର୍ଥିନୀ ହେଲେ ମଧ୍ୟ, ତାହାର ସୁପ୍ତ କାମ ପ୍ରବୃତ୍ତିକୁ ଜାଗାରିତ କରି ଦେହ ଓ ମନକୁ ଏକ ସମୟରେ ବା ଏକାବେଳକେ କାମାୟିତ କରିବାକୁ କଷ୍ଟ ବିଳମ୍ବ ହୁଏ । ପୁରୁଷଙ୍କ ପରି ସେମାନେ ଏହା ସହସା କରି ପାରନ୍ତି ନାହିଁ । ସେଥିନମନ୍ତେ ପୂର୍ବରୁ ପ୍ରସ୍ତୁତ ହେବାକୁ ପଡ଼େ । ଋଷି ବାତ୍ସ୍ୟାୟନଙ୍କ "କାମସୂତ୍ର"ରେ ରତଶସ୍ପନ କାଳରେ ରମଣୀଙ୍କ ରମଣ ଉପଗୃର କଥା ଉଲ୍ଲେଖ ଅଛି । ବାତ୍ସ୍ୟାୟନ କହିଛନ୍ତି ରମଣୀର ରମଣ ଉପଗୃରକୁ ନଷ୍ଟ କରିଦେଲେ । ଏହା ରମଣୀର ବହୁମୂତ୍ରିନୀ ପ୍ରବୃତ୍ତିକୁ ଅତ୍ୟନ୍ତ ଅନୁନିହୁତା କରିଦେଲେ । ଏ ସମ୍ବନ୍ଧରେ ପ୍ରସିଦ୍ଧ ଇଂରାଜ ଡାକ୍ତର ଲେଖିଛନ୍ତି:—

The act of coitus should be considered as composed of five parts; first, the preparation for the act; second, the union of the organs; third, the motion of the organs; fourth, the orgasm and fifth, the rest.

Regarding the first part of the act, let it be said that here, above all other situations in the World, haste makes waste.

ଅର୍ଥାତ୍—ସହବାସରେ ୫ ଟି ନିୟମ ଅବଲମ୍ବନ କରିବାକୁ ହେବ । ପ୍ରଥମେ ସହବାସ କରିବାକୁ ପ୍ରସ୍ତୁତ ହେବାକୁ ହେବ । ଦ୍ୱିତୀୟରେ ଯୌନ-ମିଳନ, ତୃତୀୟରେ ଯୌନ ସଯୋଗ କରିବା

Download Odia Book https://Pathagara.blogspot.com

ଶବ୍ଦ. ଚତୁର୍ଥରେ ଅତ୍ୟଧିକ କାମୋତ୍ତେଜନା, ପଞ୍ଚମରେ ଶୀଘ୍ରପାତ । କନ୍ତୁ ଏ ସମସ୍ତ ଶବ୍ଦ ସତ୍ତ୍ୱେ ଓ ଏହା ସର୍ବଦା ମନେ ରଖିବାକୁ ହେବ ଯେ ସହବାସ ବେଳେ କ୍ଷିପ୍ରତା ବା ଚଞ୍ଚଳତା ଏକାନ୍ତ ପରିତ୍ୟଜ୍ୟ । କାରଣ ବ୍ୟସ୍ତତା ସମସ୍ତ ନଷ୍ଟ କରିଦଏ ।

ଯୌନମିଳନ ବା ସହବାସ ବେଳେ ସ୍ତ୍ରୀ ପୁରୁଷଙ୍କ କାମ-ଶକ୍ତିର ଆରୋହଣ ଓ ଅବରୋହଣ ଯେ ଭାବରେ ଓ ଯେ କ୍ରମରେ ହୁଏ ତାହା ନିମ୍ନ ପ୍ରଦର୍ଶିତ ଚିତ୍ରରୁ ବୁଝି ପାରିବେ ।



ପ୍ରଥମ ଚିତ୍ରରେ ପୁରୁଷର ପ୍ରଚଣ୍ଡ ବା କାମ-ଶକ୍ତି ସହସା ଉତ୍ତିଜ୍ତ ବା ଉତ୍ତେଜିତ ହୋଇ ଆରୋହଣ କରେ ଏବଂ ଚୂଡ଼ାନ୍ତର କୋଣ ଅତିକ୍ରମକରି ଦ୍ରୁତଗତିରେ ଅବରୋହଣ କରି ଶମିତ ହୁଏ ।

ଦ୍ୱିତୀୟ ଚିତ୍ରରେ ଦେଖାଯାଇଛି ଯେ ରମଣୀର ସୁପ୍ତା ଅକାଂକ୍ଷା ବା ସୁପ୍ତ କାମ-ଶକ୍ତି ଧୀରେ ଧୀରେ ଆରୋହଣ କରି ଚୂଡ଼ାନ୍ତର କୋଣକୁ (Angle) ଅତିକ୍ରମ ପୂର୍ବକ ପୁନଶ୍ଚ ଧୀରେ ଧୀରେ ଅବରୋହଣ କରି ଶାନ୍ତ ହୋଇଯାଏ ।

Download Odia Book https://Pathagara.blogspot.com

ରମଣୀ ବୈଳମନ୍ତରେ ଦୀକ୍ଷିତା ନ ହେଲେ ତାହା ସହଜ ଖୁବ୍ ସାବଧାନ ପୂର୍ବକ ସହବାସ କରିବାକୁ ହେବ । ଧୃତ ଓ ସଂଯମରେ ଅଭ୍ୟସ୍ତ ନ ହେଲେ ରତ-ସୁଖଭୋଗ ବ୍ୟର୍ଥ ହୋଇ-ଯାଏ । ସହବାସ ଉଦ୍ଦେଶ୍ୟରେ ରତ-ଶୟନରେ ଶୟନ କଲେ ସଦ୍ୟ ସ୍ତ୍ରୀ କନ୍ୟା ପୁରୁଷ, ଉଭୟଙ୍କର ରତଇନ୍ଦ୍ରିୟ ବିଷୟରେ ସାମଯିକ ବା ଷ୍ଟାୟିକ ଅସାମର୍ଥ୍ୟ ଜନ୍ମିପାରେ । ଏ ଅବସ୍ଥା ଉଭୟଙ୍କ ସୁଖ-ସଂଭୋଗ ନଷ୍ଟକରେ । ସୁତରାଂ ଅତ୍ୟନ୍ତ କାମ-ମୋହିତ ହୋଇ ଅକସ୍ମିକ ଇନ୍ଦ୍ରିୟ-ଶୈଥିଲ୍ୟବଶତଃ ପୁରୁଷ ଯୌନ ସଂଯୋଗ କରିବାକୁ ଅକ୍ଷମ ହୁଏ । ଏଣୁ କାମାତୁରା ରମଣୀର ଖୁବ୍ ସୁଖର ଅଯୋଜନ ସହସା ବିଫଳ ହୋଇଯାଏ । ପୁରୁଷ ଲଜ୍ଜାରେ ସଙ୍କୁଚିତ ହୋଇ ଆତ୍ମଗ୍ଲାନି ବଶତଃ ନିଜକୁ ସ୍ତ୍ରୀଜନ ଓ ହେୟ ମନେ କରେ । ଏଣେ କାମାର୍ତ୍ତା ନାରୀ ବ୍ୟଥିତା ହୋଇ ଅଭୁକ୍ତି ଯୋଗୁ ସ୍ୱାମୀ ଉପରେ ବିରକ୍ତି ପ୍ରକାଶ କରେ । ନାରୀହର ଅବମାନନା ଓ ମର୍ଯ୍ୟାଦା ହାନି ଯୋଗୁ ସେ ନାରୀଶ ଓ ହତାଶ ହୋଇ ପଡେ । ଏ ଅବସ୍ଥାରେ ଉଭୟ ମନେ କରନ୍ତି ଯେ ପୁରୁଷର ଇନ୍ଦ୍ରିୟ-ଶୈଥିଲ୍ୟ ହୋଇଅଛି, ଅତଏବ ଚିରଦିନ ପାଇଁ ଉଭୟେ ରତସୁଖ-ସମ୍ଭୋଗରୁ ବଞ୍ଚିତ ହେଲେ । ଏହି ଅକସ୍ମିକ ଦୁର୍ଘଟଣା ଯେ ଅତ୍ୟଧିକ କାମ-ଉତ୍ତେ-ଜନା ବଶତଃ ହୋଇଥାଏ ଏବଂ ଏହାକୁ କ୍ଷଣସ୍ଥାୟୀ ବୋଲି ଅନଭିଜ୍ଞ ନବୀନ ଦମ୍ପତି ବୁଝି ପାରନ୍ତି ନାହିଁ, ପୁଣି ଏହି ଦୋଷରୁ ସେମାନଙ୍କ ଦୁଶ୍ଚିନ୍ତା ଓ ମନୋବେଦନା ଏହି କ୍ଷଣସ୍ଥାୟୀ ଅସା-ମର୍ଥ୍ୟକୁ ସ୍ଥାୟୀ ବାଧାରେ ପରିଣତ କରେ । ଚିନ୍ତା ଓ ନାରୀଶାଗ୍ରସ୍ତ ହୋଇ ସଦ୍ୟ ପୁରୁଷ ଇନ୍ଦ୍ରିୟ-ଶୈଥିଲ୍ୟକୁ ଦୂରୀଭୂତ କରିବା ପାଇଁ ପୁନଃ ପୁନଃ ଯେତେ ଚେଷ୍ଟା କରେ, ତାହା ସମସ୍ତ ବିଫଳ

Download Odia Book https://Pathagara.blogspot.com

ହୋଇଯାଏ । ଏ ଅବସ୍ଥାରେ ପଡିଲେ ଆଉ ଦ୍ୱିତୀୟଥର ହଦ୍ୟମ କରିବା ଅନୁଚିତ । ସ୍ଥୀର ଜାଣିରଖିବା ଉଚିତ ଯେ, ଏହା କ୍ଷଣସ୍ଥାୟୀ, ଏଥିରେ କିଛି ମାତ୍ର ଭୟ ଓ ଆଶଙ୍କାର କାରଣ ନାହିଁ । ଅତଏବ ତେତେବେଳେ ଆଉ ଦ୍ୱିତୀୟବାର ଚେଷ୍ଟା ନ କରି ଭବିଷ୍ୟତ ମିଳନ ଅପେକ୍ଷାରେ ରତ ଶୟନ ପରିହାର କରିବା ଉଚିତ । ପୁଣି ଏ ଅବସ୍ଥାରେ ସ୍ତ୍ରୀ ସ୍ୱାମୀଙ୍କ ବିଶ୍ରାମ ଓ ଶୁଶ୍ରୂଷା ନିମନ୍ତେ ଆୟୋଜନ କରିବେ । ନାନାପ୍ରକାର ପ୍ରେମ ଓ ମଧୁର କଥାରେ ସ୍ୱାମୀଙ୍କ ମନକୁ ମୋହିତ କରିବେ । ଏହା ଜଲେ ନଷ୍ଟଶକ୍ତି ଫେରିଆସିବାକୁ ଆଉ ବିଳମ୍ବ ହେବନାହିଁ । ଯୌବନ ଓ କାମ ଉନ୍ମାଦନାର ନାନାପ୍ରକାର ବୈଧ ଓ ଅବୈଧ ଅତ୍ୟାଚାର ଫଳରୁ ଏହାପରି ଦୁର୍ଘଟଣା ଘଟିଥାଏ । କେବଳ ପୁରୁଷମାନଙ୍କର ଯେ ଇନ୍ଦ୍ରିୟଦୌର୍ବଲ୍ୟ ଜନ୍ମେ, ତାହା ନୁହେଁ, ରମଣୀମାନଙ୍କର ମଧ୍ୟ ଏହିପରି ସାମୟିକ ଅସମର୍ଥତା ହୋଇଥାଏ । ତାହାକୁ ଉଦ୍ରେକ-ଶୂନ୍ୟତା ଏବଂ କାମଶାସ୍ତ୍ରର ପରିଭାଷାରେ ଅଭିମାନିକ ଅଜ୍ଞତ କୁହାଯାଏ । ଏପରି ଅନେକ ସମୟରେ ଦେଖିବାକୁ ମିଳେ ଯେ କୌଣସି ରମଣୀର କାମ-ପ୍ରବୃତ୍ତି ଅତ୍ୟଧିକ ପ୍ରବଳ ହେଲେ ମଧ୍ୟ ସେ ଉକ୍ତ କାମ ପ୍ରବୃତ୍ତିକୁ ଶାସ୍ତ୍ରସମ୍ମତ କରି ରତି-ସମ୍ଭୋଗ କରିବାକୁ ସଂପୂର୍ଣ୍ଣ ଅକ୍ଷମ ହୋଇଥାଏ । ପୁଣି କାହାରି କାହାରି ଯୌନ-ସମ୍ଭୋଗ ଅଭାଜ୍ୟ ଅଙ୍ଗୌ ନ ଥାଏ ଏପରିକି ଯୌନ-ଯୋଗ କରିବାକୁ ସଂପୂର୍ଣ୍ଣରୂପେ ବିରକ୍ତିଜନକ ବୋଲି ମନେ ହୁଏ । ଏହି ଉଭୟ ପ୍ରକାର ରମଣୀ କନ୍ତୁ ସୁଗୃହିଣୀ, ପତିବ୍ରତା, ପ୍ରେମମୟୀ ଓ ସ୍ୱାମୀ-ସେବା-ପରାୟଣା । ଏପରି ଅବସ୍ଥାରେ ସ୍ୱାମୀର ଏକ ମାତ୍ର

Download Odia Book https://Pathagara.blogspot.com

କର୍ତ୍ତବ୍ୟ ଯେ ସେ ଯେପରି ସ୍ତ୍ରୀ ଉପରେ ନିର୍ଭର, ବରଂ ଏତଦ୍ଦୃ ହୋଇ ସ୍ତ୍ରୀକୁ ପ୍ରତ୍ୟାଖ୍ୟାନ ବା ପରିତ୍ୟାଗ ନ କରନ୍ତୁ । ସର୍ବତୋ-ଭାବରେ ସ୍ତ୍ରୀର ସୁପ୍ତ କାମକୁ ବା ରତି-ଶକ୍ତିକୁ ନାନାପ୍ରକାର ପ୍ରସାଧନା ଦ୍ୱାରା ଧୀରେ ଧୀରେ ଜାଗରିତ କରି ତାହାକୁ କାମ-ମୋହିତା ବା କାମାତୁରା କରିବାକୁ ହେବ । ତାହା ହେଲେ ସମସ୍ତ ଅସୁବିଧା ଦୂରୀଭୂତ ହୋଇ ମିଳନ ସହଜ ଅବସ୍ଥା ଫେରି ଆସିବ । ଇଂରାଜ ଡାକ୍ତର ଲେଖିଅଛନ୍ତି—

As a rule, women are slower in reaching the orgasm than are men but a union can never prove te be happy unless there is a complete sexual gratification to both the parties from the act of coitus.—ଅର୍ଥାତ୍—ରତି ଶକ୍ତିକୁ ଜାଗରିତ କରିବାରେ ସ୍ତ୍ରୀମାନେ ପୁରୁଷମାନଙ୍କ ଅପେକ୍ଷା ବଡ଼ ଧୀର, ଏଣୁ ସହବାସ-ମିଳନକୁ ସୁଖପ୍ରଦ କରିବାକୁ ହେଲେ ଉଭୟଙ୍କ କାମ-ତୃପ୍ତି ସମାନ ହେବା ଉଚିତ ।

ବାତ୍ସ୍ୟାୟନ ଋଷିଙ୍କ ପ୍ରଣୀତ କାମଶାସ୍ତ୍ରରେ ଉଲ୍ଲେଖ ଅଛି ଯେ, ସ୍ତ୍ରୀମାନଙ୍କର କାମଶକ୍ତିକୁ ପ୍ରବଳଭାବରେ ଜାଗରିତ କରିବାକୁ ହେଲେ ନିମ୍ନୋକ୍ତ ଉପାୟ ଅବଲମ୍ବନ କରିବାକୁ ହେବ ।—

ଏବେ କହୁବା ସୁରତ ବଗୁର
ଫସାରେ ସିନା ରତ ସୁଖ ସାର

ପ୍ରଥମେ ବାଳାକୁ ଆଦର କର୍
ଅଙ୍କେ ବସାଇବ ଭା' ଉର ଧର୍
ପ୍ରେମ ବାଢ୍ୟ ଭାଟି,
ଶୃମାରଉନ ମନ ନେବ ଚୋଷି ।

ପ୍ରେମେ ଆଲଙ୍ଗନ କରି ସହ୍ୱରେ
ସହୁ ଚୁମ୍ବନ ଦେବ ଭା ମୁଖରେ
ଓଷ୍ଠ ଧରି ବନ୍ଧ କରି ବଦନ
ଚୁମ୍ବିବ ଦେଇ ଗାଢ଼ ଆଲଙ୍ଗନ
ବକ୍ଷୋଜ ମଣ୍ଡଳ,
ସୁଖେ ମର୍ଦ୍ଦିବ ଦୁଇ ଗୁରି ବେଳ ।

କ୍ରମରେ ରସିକ ଦେବ ଚୁମ୍ବନ
କଣ୍ଠ ଲଲାଟ ନେତ୍ର ମୁଖ ସ୍ତନ
ଗଣ୍ଡ ଉର କର୍ଣ୍ଣ ବକ୍ଷ ମସ୍ତକ
ପ୍ରସିଦ୍ଧ ଗଣନା ସ୍ଥାନ ଏତେଟ
ଅଧର ରସନା,
ଚୁମ୍ବିବାର ପଥ ନୋହୁବ ବଣା ।

ଗାତେ କୁଚ ଦୁଇ ମର୍ଦ୍ଦନ କରି
ପୁଣି ମର୍ଦ୍ଦ ଭାର ଚରୁକ ଧରି
ନଖକ୍ଷତ ଏହି କ୍ରମରେ ଦେବ
ପାର୍ଶ୍ୱ, ସ୍ତନବେଣି, ଉର, ନଭମ୍ବ
ବକ୍ଷ, ବାଳ, କର୍ଣ୍ଣ,
କପୋଳ ବାହୁ— ମୂଳ ଜଙ୍ଘ ସ୍ଥାନ ।

Download Odia Book https://Pathagara.blogspot.com

ଅଳ୍ପ ଅଳ୍ପ କର ସର୍ବାଙ୍ଗେ ଗ୍ଲଳ
କମ୍ପାଇବ ତା'ର ଲେମ ଆବଳୀ
ଦନ୍ତାଘାତ ଦେବ ସ୍ଥାନ ବିଗୁର
କୁଚ, ଗଣ୍ଡ, ଓଷ୍ଠ, ଅଧରୋପର
ଶୀତ୍କାରେ କମ୍ପିଲେ,
ଢୁଳାଢୁଳ ଚୁମ୍ବ ଚୁମ୍ବିବ ବଲେ ।

ଇଂଗ୍ଲଣ୍ଡ ଡାକ୍ତର ମଧ୍ୟ ରାସ୍ମ୍ୟାସ୍ନ ଉକ୍ତିଙ୍କ ମତକୁ ସମର୍ଥନ କର ଲେଖିଛନ୍ତି :—There are two glands in the organs, one in the male and the other in the female, which perform a most wonderful function in this part of the sexual act. These are the glans penis in the male and the clitoris in the female. ଅର୍ଥାତ୍—ସହବାସ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ସ୍ତ୍ରୀ ଓ ପୁରୁଷାଙ୍ଗର ଦୁଇଟି ଅତ କୋମଳ ଗ୍ରନ୍ଥି ଅଛୁ । ପୁରୁଷାଙ୍ଗର ସେ ଗ୍ରନ୍ଥିକ ଗୋଲାକାର ଭ୍ୱଲ୍ (Glans) କହନ୍ତି ଏବଂ ସ୍ତ୍ରୀଅଙ୍ଗର ସେ ଗ୍ରନ୍ଥିକ ମଧ୍ୟ କୋମଳ ଭ୍ୱଲ୍ (Clitoris) କହନ୍ତି । ସହବାସ ବେଳେ ସ୍ତ୍ରୀ ଓ ପୁରୁଷଙ୍କ କାମଶକ୍ତି ଜାଗରିତ କରିବା ପାଇଁ ଏହା ବ୍ୟବହୃତ ହୁଏ ।

Remember that clitoris is the chief organ of sensation in the sexual area. While the hand of the man should frequently travel over the whole frame of the woman, it shuld, on no account, miss this extremely sensitive organ.

Download Odia Book https://Pathagara.blogspot.com

A woman's breasts are directly connected with all her reproductive nerves. To touch them is to directly excite all her sex organs. Under proper handling, the parts will enlarge, the pre-coital secretion will flow in abundance, and in due course, all will be ready for the second part of the act.

Exciting such surfaces by skilful manipulation or by touching with the lips is to make the entire frame of the woman vibrate with sexual rapture. If the sensible husband plays this part of the courting act well and pursues it like an ardent lover, there is no reason why the woman may not be caught up with the man in the state of her feelings and the union result in the complete satisfaction of both. ଅର୍ଥାତ୍—ସ୍ତ୍ରୀ ଉତ୍ତ୍ରପୂର୍ଣ୍ଣ କୋମଳ ଉର୍ଦ୍ଧ୍ୱ ଅଂଶ (Clitoris) କାମ-ଶକ୍ତି ପ୍ରବଳ ଭାବରେ ଜାଗ୍ରତ କରିବାର ପ୍ରଧାନ ସ୍ଥାନ, ତେଣୁ ସହବାସ-କାମୀ ପୁରୁଷ ସ୍ତ୍ରୀ ଅଙ୍ଗରେ ହସ୍ତ ଘୂଳନା କଲ୍ଲବେଳେ ଉକ୍ତ ଅଂଶକୁ ବାରମ୍ବାର ସ୍ପର୍ଶ କରିବାକୁ ଭୁଲିବ ନାହିଁ ।

ସ୍ତ୍ରୀମାନଙ୍କ ମାଂସଳ ବକ୍ଷସ୍ଥଳକୁ ମର୍ଦ୍ଦନ କଲେ ମଧ୍ୟ କାମ ଶକ୍ତି ଯଥୋଚିତ ଭାବରେ ଉତ୍ତେଜିତ ହୁଏ । ଏହି କୁଚ ମର୍ଦ୍ଦନ ଦ୍ୱାରା ସ୍ତ୍ରୀର ସର୍ବାଙ୍ଗ ପୁଲକିତ ହେଲେ ସହବାସର ପ୍ରାଥମିକ କ୍ରିୟା

Download Odia Book https://Pathagara.blogspot.com

ଆରମ୍ଭ କରିଯାଇଥାରେ । ସ୍ତ୍ରୀର କୋମଳ ଅଂଶକୁ ଚୁମ୍ବନ ଓ ମର୍ଦ୍ଦନ କରିବା ପ୍ରଥା ପ୍ରେମିକ ପୁରୁଷ ଯଥାବିଧି ଅନୁସରଣ କରେ ସ୍ତ୍ରୀକୁ କାମାୟିତ କରି ତାହାର ରତ-ଶସ୍ପନ କରିବା ଇଚ୍ଛାକୁ ଜାଗରିତ କରି ପାରିବ ।

ଅମ ହିନ୍ଦୁ ଶାସ୍ତ୍ରକାରଙ୍କ ମତରେ—

"ପୁତ୍ରାର୍ଥେ କ୍ରିୟତେ ଭାର୍ଯ୍ୟା ପୁତ୍ରଃ ପିଣ୍ଡ-ପ୍ରୟୋଜନମ୍"

ଫଳାଗ୍ର ପତରେ ପୁତ୍ରାର୍ଥେ ଭାର୍ଯ୍ୟାଗ୍ରହଣ ଓ ପୁତ୍ର ଦ୍ୱାରା ପିଣ୍ଡ ପ୍ରାପ୍ତିବଧି ହେଉଛି ନିଜର ସ୍ତ୍ରୀ ସଙ୍ଗେ ସହବାସ କର ପୁତ୍ର ଉତ୍ପାଦନ ଭିନ୍ନ ଅନ୍ୟ ସ୍ତ୍ରୀ ସଂସର୍ଗ ବା ଅନ୍ୟ ପ୍ରକାର ଶୁକ୍ରକ୍ଷୟ କଲେ ପାପ ହୁଏ ।

କେବଳ ଋତୁ ସମୟରେ ପୁତ୍ର ଉତ୍ପାଦନ ନିମନ୍ତେ ସ୍ତ୍ରୀ ସହବାସ ବିଧେୟ । ସନ୍ତାନର ବଳ ମଜ ପିତାମାତାଙ୍କ ଉପରେ ସମସ୍ତ ନିର୍ଭର କରେ । ଅତଏବ ଇନ୍ଦ୍ରିୟ ପରିଚାଳନା ପାଶବବୃତ୍ତି ପରିତ୍ୟାଗ କରି କେବଳ ମାତ୍ର ସୃଷ୍ଟି ରକ୍ଷାର୍ଥ ଇନ୍ଦ୍ରିୟ ପ୍ରବୃତ୍ତିକ ସମ୍ପୂର୍ଣ୍ଣ ରୂପେ ଅସ୍ୱୀକାର କର ପୁତ୍ର ଉତ୍ପାଦନ ନିମନ୍ତେ ସ୍ତ୍ରୀ ପ୍ରତି ଅନୁରକ୍ତ ହେବା ଉଚିତ ।

ପ୍ରତ୍ୟେକ ସ୍ୱାମୀ ଭାର୍ଯ୍ୟା ସହିତ ସହବାସ କରିବାକୁ ଅଭିଳାଷୀ ହେଲେ ସେହିଦିନ ସ୍ନାନ କରିବେ, ସର୍ବାଙ୍ଗରେ ସୁଗନ୍ଧ ଦ୍ରବ୍ୟ ଲେପନ କରିବେ, ସୁବାସିତ ପୁଷ୍ପମାଳା ଧାରଣ କରିବେ, ବୀର୍ଯ୍ୟ-ବର୍ଦ୍ଧକ ଦ୍ରବ୍ୟ ଆହାର କରିବେ, ଉତ୍ତମ ବସ୍ତ୍ର ପରିଧାନ କରିବେ ଏବଂ ଉପରେ ଗହରେ ତାମ୍ବୂଳ ଭକ୍ଷଣ ପୂର୍ବକ

Download Odia Book https://Pathagara.blogspot.com

ପୁନଃଋତୁସ୍ନାତା ହୋଇ ପ୍ରେମ ଓ ଅନୁରାଗ ସହ ସ୍ତ୍ରୀ ସହବାସ କରିବେ। ରମଣୀ ଋତୁସ୍ନାନ ପରେ ଚତୁର୍ଥ କିମ୍ବା ଅନ୍ୟ କୌଣସି ଯୁଗ୍ମ ଦିନରେ ଅଳ୍ପ ପରିମାଣରେ ଆହାର କରି ମନୋହର ବେଶଭୂଷା ସହ ପୁତ୍ର ଲାଭାର୍ଥ ଅଭିଳାଷିଣୀ ହୋଇ ଗୃହରେ ସ୍ୱାମୀ ନିକଟରେ ପ୍ରୀତି-ଆଲିଙ୍ଗନ ପ୍ରାର୍ଥନା କରିବେ । ସ୍ତ୍ରୀ ପୁରୁଷଙ୍କ ଶୟନ ଗୃହ ସମ୍ବନ୍ଧରେ ଦୃଷ୍ଟି ରଖିବା ଉଚିତ । ଶୟନ ଗୃହ ମନୋହର ସୁଗନ୍ଧଯୁକ୍ତ, ବାୟୁ ପ୍ରବାହିତ, ସୁପରିଷ୍କୃତ ଓ ଉତ୍ତମ ଶଯ୍ୟାରେ ଶୋଭିତ ହେବ । ଶାନ୍ତ ବିରାଜିତ, ବିରକ୍ତିଜନକ ଶବ୍ଦାଦି ରହିତ ନିର୍ଜ୍ଜନ ଗୃହ ବା ସ୍ଥାନରେ ସ୍ତ୍ରୀପୁରୁଷ ରତି-କ୍ରୀଡ଼ା ବା ରତି-ସୁଖ ଭୋଗ କରିବା ନିମନ୍ତେ ସହବାସ କରିବେ ।

